

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୨ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 12 FEBRUARY 2022
Vol.No. 33 ■ No. 41 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଉଛି....
ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଜ୍ୟରେ ଆଉ ୨୦ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨୦ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୮୩୮ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ଯାଜପୁର ଜିଲ୍ଲାରୁ ୪ଜଣ ରହିଥିବା ବେଳେ ବାଲେଶ୍ୱର, କେନ୍ଦ୍ରାପଡା, ଖୋର୍ଦ୍ଧା ଜିଲ୍ଲାରୁ ୩ ଜଣ ଲେଖାଏଁ ରହିଛନ୍ତି । ସେହିପରି ମୟୁରଭଞ୍ଜ ଜିଲ୍ଲାରୁ ୨ ଜଣ, ଭଦ୍ରକ, କଟକ, ଜଗତସିଂହପୁର, କେନ୍ଦୁଝର ଓ ନବରଙ୍ଗପୁର ଜିଲ୍ଲାରୁ ଜଣେ ଲେଖାଏଁ ରହିଛନ୍ତି ।

## ଭିଜିଲାନ୍ସ ହାତରେ ଧରା ପଡିଲେ ବିଇଓ

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଶିକ୍ଷାଧିକାରୀ ବ୍ରଜ କୁମାର ନାୟକ ଜଣେ ଶିକ୍ଷକଙ୍କ ଠାରୁ ୩୦ ହଜାର ଟଙ୍କା ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜଣେ ଶିକ୍ଷକଙ୍କ ବକେୟା ଦରମା ପାଇଁ ବ୍ଲକ ଶିକ୍ଷାଧିକାରୀ ଲାଂଚ ମାଗିଥିଲେ । ଏଥିପାଇଁ ଶିକ୍ଷକ ଜଣକ ବ୍ରହ୍ମପୁର ଭିଜିଲାନ୍ସକୁ ଖବର ଦେଇଥିଲେ । ଆଜି ୩୦ ହଜାର ଟଙ୍କା ନେଇ ଶିକ୍ଷକ ଜଣକ ବ୍ଲକ ଶିକ୍ଷାଧିକାରୀଙ୍କ ପାଖକୁ ଯାଇଥିଲେ । ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସ ଟିମ କାର୍ଯ୍ୟାଳୟ ପାଖରେ ଛକି ବସିଥିଲେ । ଶିକ୍ଷକଙ୍କ ଠାରୁ ବ୍ଲକ ଶିକ୍ଷାଧିକାରୀ ୩୦ ହଜାର ଟଙ୍କା ଲାଂଚ ନେଲାବେଳେ କାବୁ କରିଥିଲେ ଭିଜିଲାନ୍ସ ଟିମ । ଏହା ପରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମେତ ପାରଳାଖେମୁଣ୍ଡି ସ୍ଥିତ ନିଜ ବାସ ଭବନରେ ମଧ୍ୟ ଏକ କାଳୀନ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା ।

## କେବେ ସ୍କୁଲ ଯିବେ ଛୋଟପିଲା ? ଦ୍ୱନ୍ଦରେ ଘରୋଇ ଇଂରାଜୀ ମିଡିୟମ ସ୍କୁଲ

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ସ୍କୁଲ ଖୋଲିବା ନେଇ ବାରମ୍ବାର ବିଜ୍ଞପ୍ତି ଏବଂ ନିଷ୍ପତ୍ତିରେ ପରିବର୍ତ୍ତନ ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବଡ଼ ଦ୍ୱନ୍ଦ୍ୱରେ ପକାଇଛି । ପ୍ରଥମରୁ ସପ୍ତମ ଯାଏଁ ସ୍କୁଲ ଖୋଲିବା ବାବଦରେ ▶▶ପୃଷ୍ଠା ୭

# ‘ହିଜାବ’ର ଜରୁରୀ ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ, ୧୧/୦୨ : ‘ହିଜାବ ବିବାଦକୁ ଜାତୀୟ ସ୍ତରର ପ୍ରସଙ୍ଗ କରନ୍ତୁ ନାହିଁ। ଏହାର ଜରୁରୀ ଶୁଣାଣିର କୌଣସି ଆବଶ୍ୟକତା ନାହିଁ। ଠିକ୍ ସମୟରେ ହସ୍ତକ୍ଷେପ ସହ ଏହାର ଶୁଣାଣି କରାଯିବ।’ ହିଜାବ ବିବାଦକୁ ନେଇ କର୍ଣ୍ଣାଟକ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନ ଉପରେ ଏଭଳି ମନ୍ତବ୍ୟ ଦେଇଛନ୍ତି ସୁପ୍ରିମକୋର୍ଟ। ହିଜାବ ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନରେ ଧର୍ମୀୟ ଭାବନା ସହ ଜଡ଼ିତ କୌଣସି ପୋଷାକ ପରିଧାନ ନ କରିବାକୁ କର୍ଣ୍ଣାଟକ ହାଇକୋର୍ଟ ଗତକାଲି ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବିରୋଧ କରି ଜଣେ ଛାତ୍ରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଜରୁରୀ ଶୁଣାଣି ପାଇଁ ଆବେଦନ କରିଥିଲେ। କିନ୍ତୁ



ଜରୁରୀ ଶୁଣାଣି ପାଇଁ ସିଧାସଳଖ ମନା କରିଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଜରୁରୀ ଶୁଣାଣିକୁ ଅଗ୍ରାହ୍ୟ କରିବା ସହିତ କଡ଼ା ଆଭିମୁଖ୍ୟ ଗ୍ରହଣ କରି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏନ୍.ଭି ରମଣା କହିଛନ୍ତି, ଏହି ପ୍ରସଙ୍ଗକୁ ବଡ଼ କରନ୍ତୁ ନାହିଁ। କ’ଣ ଘଟୁଛି ଆମେ ଜାଣିଛୁ। ଥରେ ଭାବନ୍ତୁ, ଏଭଳି ପ୍ରସଙ୍ଗକୁ ଦିଲ୍ଲୀ ଆଣିବେ କ’ଣ ଠିକ୍ ହୋଇଛି ? ଏହା କ’ଣ ଜାତୀୟ ପ୍ରସଙ୍ଗ ? ଯଦି କିଛି ଭୁଲ୍ ହୋଇଛି, ତା’ହେଲେ ଆମେ ସୁରକ୍ଷା ଦେବୁ। କର୍ଣ୍ଣାଟକ ହାଇକୋର୍ଟ ପକ୍ଷରୁ ଗତକାଲି ଏହି ମାମଲାର ଶୁଣାଣି କରାଯାଇ ଶିକ୍ଷାନୁଷ୍ଠାନ ଖୋଲିବାକୁ କୁହାଯିବା ସହ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ୟୁନିଫର୍ମ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। ଆସନ୍ତା ସୋମବାର ଏହାର ଶୁଣାଣି ହେବ ବୋଲି କହିଛନ୍ତି। ଏହାକୁ ବିରୋଧ କରି ଜଣେ ଛାତ୍ରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ହିଜାବ ପରିଧାନ କରିବା ସେମାନଙ୍କ ସାମ୍ବିଧାନିକ ଅଧିକାର ବୋଲି ଯୁକ୍ତି ବାଢ଼ିଛନ୍ତି। ତେଣୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସେମାନଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି ସେ ଦର୍ଶାଇଛନ୍ତି । ସୂଚନାଯୋଗ୍ୟ, ସମଗ୍ର କର୍ଣ୍ଣାଟକରେ ହିଜାବ ବିବାଦ ତେଜିବାରେ ଲାଗିବାରୁ କର୍ଣ୍ଣାଟକ ସରକାର ଗତ ୮ ତାରିଖରୁ ୩ ଦିନ ପାଇଁ ରାଜ୍ୟର ସମସ୍ତ ହାଇସ୍କୁଲ ଓ କଲେଜକୁ ବନ୍ଦ କରି ଦେଇଥିଲେ।

# ମମିତା ମାମଲାରେ ଦାଖଲା ହେଲା ଚାର୍ଜଶିଟ୍

ବଲାଙ୍ଗିର, ୧୧/୦୨ (ନି.ପ୍ର): ବହୁ ଚର୍ଚ୍ଚିତ ମହାଲିଙ୍ଗ ସନସାଇନ୍ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ଦାଖଲ ହେଲା ଚାର୍ଜଶିଟ୍। ବଲାଙ୍ଗିର ପୁଲିସ୍ ଆଜି ବଙ୍ଗୋମୁଣ୍ଡା ଜେଏମଏଫସି କୋର୍ଟରେ ଏହି ଚାର୍ଜଶିଟ୍ ଦାଖଲ କରିଛି । ଯେଉଁଥିରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ତା’ ଡ୍ରାଇଭର ରାଧେ ନାଁ ରହିଛି। ଆସନ୍ତା ୧୫ ତାରିଖରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ କୋର୍ଟ ଚାଲାଣ ତାରିଖକୁ ୧୨୦ ଦିନ ପୂରିଥାନ୍ତା। ତେଣୁ ତା ପୂର୍ବରୁ ପୁଲିସ୍ ଚାର୍ଜଶିଟ୍ ଦାଖଲ କରିଛି। କଳାହାଣ୍ଡି ଜିଲ୍ଲା ସନସାଇନ୍ ସ୍କୁଲରେ ଶିକ୍ଷୟିତ୍ରୀ ଥିବା ମମିତା ମେହେର ଗତବର୍ଷ ଅକ୍ଟୋବର ୮ ତାରିଖରେ ନିଖୋଜ ଥିଲେ। ଏନେଇ ଥାନାରେ ଏତଲା ଦେବା ପରେ ପୁଲିସ୍ ତତ୍ପର ହୋଇଥିଲା। ତେବେ ମହାଲିଙ୍ଗ କଲେଜ୍ ମ୍ୟାନେଜମେଣ୍ଟ କମିଟି ଅଧ୍ୟକ୍ଷ



ଗୋବିନ୍ଦ ସାହୁର ନାଁ ସାମ୍ନାକୁ ଆସିବା ପରେ ପୁଲିସ୍ ଖୋଳତାଡ଼ ଆରମ୍ଭ କରିଥିଲା। ଗୋବିନ୍ଦକୁ ଜେରା ବେଳେ ସେ ମମିତାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା। ଏହା ପରେ ହତ୍ୟାକାଣ୍ଡର ପୂରା କାହାଣୀ ପଦାକୁ ଆସିଥିଲା। ଗୋବିନ୍ଦର ରଙ୍ଗିଲା ପ୍ରେମ କାହାଣୀ ପ୍ରଘଟ ହୋଇଯିବା ଭୟରେ ମମିତାକୁ ସେ ନିଜ କାର୍ ଭିତରେ ତଣ୍ଟି ଚିପି ହତ୍ୟା କରିଥିଲା। ପରେ ମୃତଦେହକୁ ପୋଡ଼ି ନିଜେ ନିର୍ମାଣ କରୁଥିବା ଷ୍ଟାଡିୟମରେ ଗାତ ଖୋଳି ପୋତି ଦେଇଥିଲା। ଏହି ଘଟଣା ପରେ ରାଜନୀତି ମଧ୍ୟ ତେଜିଥିଲା। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ସହ ଗୃହରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଗଭୀର ସଂପର୍କ ଓ ମନ୍ତ୍ରୀ ବାରମ୍ବାର ଉକ୍ତ ସ୍କୁଲକୁ ଯାଉଥିବା ଅଭିଯୋଗର ତଦନ୍ତ ଦାବି କରି ଆଜି ପର୍ଯ୍ୟନ୍ତ ବିରୋଧୀ ସରକାରଙ୍କୁ ଘେରିବାରେ ଲାଗିଛନ୍ତି। ଏମିତିକି ମନ୍ତ୍ରୀଙ୍କ ବହିଷ୍କାର ଓ ଗିରଫ ଦାବିରେ ବିରୋଧୀଙ୍କ ଶାଣିତ ଅଭିମୁଖ୍ୟ ଜାରି ରହିଛି।

# ବିଧାନ ପରିଷଦକୁ ନେଇ ତେଜିଲା ବିବାଦ

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ଓଡ଼ିଶାରେ ବିଧାନ ପରିଷଦ ଗଠନ ନେଇ କିଏ ସତ କହୁଛି ଓ କିଏ ମିଛ କହୁଛି ? ସଂସଦରେ କେନ୍ଦ୍ର ଆଇନ ମନ୍ତ୍ରୀ ରଖିଥିବା ଉତ୍ତରର ଭିନ୍ନ ଦିଗ ସାମ୍ନାକୁ ଆଣିଛନ୍ତି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର । କେନ୍ଦ୍ରମନ୍ତ୍ରୀ କହିଥିଲେ, ବିଧାନ ପରିଷଦ ନେଇ କୌଣସି ସଂକଳ୍ପ ଓଡ଼ିଶାରୁ ଆସି ନାହିଁ ହେଲେ ବାଚସ୍ପତି କହିଛନ୍ତି, ୫ଟି ବିଭାଗ ନିକଟକୁ ରାଜ୍ୟର ପ୍ରସ୍ତାବ ପଠାଯାଇଛି । ତେଣୁ ଏବେ ପ୍ରଶ୍ନ ଉଠୁଛି, ଆଇନ ବିଭାଗର ନାଲିଫିତା ତଳେ ରାଜ୍ୟ ବିଧାନ ପରିଷଦର ଭାଗ୍ୟ ଦବି ଯାଇନାହିଁ ତ ? ବିଧାନପରିଷଦ ଗଠନ ନେଇ କୌଣସି ପ୍ରସ୍ତାବ ଆସିନଥିବା ନେଇ କେନ୍ଦ୍ର ଆଇନମନ୍ତ୍ରୀଙ୍କ ବୟାନ ପରେ ଏବେ ନୂଆ ବିବାଦ ସାମ୍ନାକୁ ଆସିଛି । କେନ୍ଦ୍ର ପ୍ରସ୍ତାବ ମିଳିନଥିବା



କହୁଥିବା ବେଳେ ବାଚସ୍ପତି କହିଛନ୍ତି, ଚିଠି ପଠାଯାଇଛି । ତେବେ ବିଧାନପରିଷଦ ନେଇ ବିବାଦ ବଢିବା ପରେ ଏନେଇ ସଫେଇ ରଖିଛନ୍ତି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର । କହିଛନ୍ତି, ୫ଟି ବିଭାଗକୁ ଚିଠି ଲେଖାଯାଇଛି । ହେଲେ ବିଭାଗ କାହିଁକି ମନ୍ତ୍ରୀଙ୍କୁ ଅନ୍ଧାରରେ ରଖିଛି, ବୁଝା ପଡୁନାହିଁ । ପୂର୍ବର ନକଲ ସହ ପୁଣି କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ଚିଠି ଲେଖାଯିବ ବୋଲି କହିଛନ୍ତି ବାଚସ୍ପତି । ସେପଟେ ବିଧାନପରିଷଦ ଗଠନ ନେଇ ସଂସଦରେ କେନ୍ଦ୍ରମନ୍ତ୍ରୀ କିରନ ରିଜଜୁ କହିଥିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରସ୍ତାବ କେନ୍ଦ୍ର ନିକଟକୁ ▶▶ପୃଷ୍ଠା ୭

## ନୋଟିସ ପରେ ପ୍ରତିକ୍ରିୟା ରଖିଲେ ପ୍ରମିଳା ମଲ୍ଲିକ

ଭୁବନେଶ୍ୱର, ୧୧/୦୨ (ନି.ପ୍ର): କାରଣ ଦର୍ଶାଅ ନୋଟିସ ପରେ ପ୍ରତିକ୍ରିୟା ରଖିଛନ୍ତି ଯାଜପୁର ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ । ସେ କହିଛନ୍ତି, ମୁଁ କିଛି ଆଚରଣ ବିଧି ଉଲ୍ଲଘଂନ କରିନି, ମୁଁ ପ୍ରଚାର କରିଛି । ଜିଲ୍ଲାପାଳ ଯାହା ରିପୋର୍ଟ ମାଗିଛନ୍ତି ଦେବି । ଆଜି ପ୍ରମିଳା ମଲ୍ଲିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଯାଜପୁର ଜିଲ୍ଲାପାଳ । ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି । ପ୍ରଚାର ବେଳେ ସେ ଆଚରଣ ବିଧି ଉଲ୍ଲଘଂନ କରିଥିବା ଅଭିଯୋଗ ହୋଇଥିଲା । ସୂଚନାନୁସାରେ, ବିଂଝାରପୁର ବ୍ଲକ୍ ଅଳକୁଣ୍ଡ ପଞ୍ଚାୟତର ଅଳକୁଣ୍ଡ ଗ୍ରାମରେ ବୁଧବାର ଦିନ ବିଜେଡି ପକ୍ଷରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଗଣେଶ ସାହୁଙ୍କୁ ମାଛ ଚିହ୍ନରେ ଭୋଟ ଦେବାସହ ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କହିଥିଲେ । ଯଦି ଆଉ କାହାକୁ ଭୋଟ୍ ଦିଅ ତେବେ ବାର୍ଦ୍ଧକ୍ୟ ଭତ୍ତା, ରାସନ ଓ ଆବାସ ଯୋଜନାରେ ଘରପାଇଁ ମୋତେ କହିବନି ବୋଲି ଉପସ୍ଥିତ ଜନସାଧାରଣଙ୍କୁ ରୋକଠୋକ ଶୁଣାଇଥିଲେ ।

# ଅତିରିକ୍ତ ଜିଲ୍ଲାପାଳଙ୍କ ଘରେ ପଶିଲା ଭିଜିଲାନ୍ସ

ସୁନ୍ଦରଗଡ, ୧୧/୦୨ (ନି.ପ୍ର): ଚାକରିରୁ ଅବସର ନେବା ପାଇଁ ୧୭ ଦିନ ବାକି ଥିଲା। ହେଲେ ଆଜି ସକାଳେ ଘରେ ପଶିଲା ଭିଜିଲାନ୍ସ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ମହାପାତ୍ରଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ବିଶ୍ୱଜିତଙ୍କ ସୁନ୍ଦରଗଡ଼ ଅଫିସ୍ ଓ ଘର ସମେତ ଭୁବନେଶ୍ୱର ସ୍ଥିତ ବାଲିଅନ୍ତା ଘର, ନୟାପଲ୍ଲୀରେ ଥିବା ଫ୍ଲାଟ୍, ଜଗତସିଂହପୁରରେ ଥିବା ପୈତୃକ ଘର, ମଣିଜଙ୍ଗାରେ ଥିବା ଜଣେ ସମ୍ପର୍କୀଙ୍କ ଘର ଓ ରାଜଗାଙ୍ଗପୁରରେ ଥିବା ଅନ୍ୟ ଜଣେ ସମ୍ପର୍କୀୟଙ୍କ ଘରେ ଏକକାଳୀନ ଏହି ଚଢ଼ାଉ କରାଯାଇଛି। ଭିଜିଲାନ୍ସ ବିଭାଗର ୮ ଜଣ ଡିଏସପି, ଦୁଇ ଜଣ ଇନ୍ସପେକ୍ଟର ଓ ୫ଜଣ ଏଏସ୍ଆଇଙ୍କ ସେମତ ଅନ୍ୟ




କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ଦୀର୍ଘଦିନ ହେଲା ବିଶ୍ୱଜିତ ମହାପାତ୍ର ଭିଜିଲାନ୍ସ ସ୍କାନରରେ ଥିଲେ। ତାଙ୍କ ନାଁରେ ଅନେକ ଅଭିଯୋଗ ହୋଇଥିଲା। ସୁନ୍ଦରଗଡ଼ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ପଦବୀରେ ଥାଇ ସେ ଏମ୍ସିଏଲର ବିସ୍ଥାପିତଙ୍କୁ ଟଙ୍କା ପ୍ରଦାନରେ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଜଣେ ଆରଆଇଙ୍କ ମାଧ୍ୟମରେ ସେ ବିସ୍ଥାପିତଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଭିଜିଲାନ୍ସ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଟିମ୍ ଏହାର ତଦନ୍ତ କରିବା ପରେ ଆଜି ବିଶ୍ୱଜିତଙ୍କ ଘର ସମେତ ୭ଟି ସ୍ଥାନରେ ଚଢ଼ାଉ କରିଛି। ଚଢ଼ାଉ ଚାଲିଥିବାରୁ ସମ୍ପୂର୍ଣ୍ଣ ସମ୍ପତ୍ତିରେ ଆକଳନ କରାଯାଇ ନାହିଁ। ସୂଚନାଯୋଗ୍ୟ, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ମହାପାତ୍ର ଫେବ୍ରୁଆରୀ ୨୮ ତାରିଖରେ ଚାକିରିରୁ ଅବସର ନେଇଥା’ନ୍ତେ।

# ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି : ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ । ୧୯ ତାରିଖରେ କରିବେ ମହାପ୍ରଭୁଙ୍କ ଦର୍ଶନ । ଅପରାହ୍ନ ୫ଟାରୁ ୫ଟା ୪୫ ପର୍ଯ୍ୟନ୍ତ ରାଷ୍ଟ୍ରପତି ଦର୍ଶନ କରିବାର ସମୟ ରହିଛି । ଅପରାହ୍ନ ୨ଟା ୫୫ରେ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ୩ଟା ୨୫ରେ ପୁରୀ ହେଲିପ୍ୟାଡରେ ପହଂଚିବେ । ୩ଟା ୪୦ରେ ମେ ଫେୟାରରେ ପହଂଚିବେ । ଅପରାହ୍ନ ୫ଟାରେ ଶ୍ରୀମନ୍ଦିର ଅଭିମୁଖେ ବାହାରିବେ । ମହାପ୍ରଭୁଙ୍କ ଦର୍ଶନ ସାରି ମେ ଫେୟାରରେ ରାତି ଯାପନ କରିବେ । ୨୦ ତାରିଖ ଦିନ ଟାଉନ ଥାନା ନିକଟରେ ଥିବା ଚୈତନ୍ୟ ଗୌଡିୟ ମଠକୁ ଯିବେ ।



ସେଠାରେ ପୁଷ୍ପାଂଜଳି କାର୍ଯ୍ୟକ୍ରମରେ ଯୋଗଦେବେ । ଏହା ପରେ ଶରଧା ବାଲିର ଏକ ବିଶେଷ କାର୍ଯ୍ୟକ୍ରମରେ ଯୋଗଦେବେ । ଶ୍ରୀମଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଜନ୍ମବାର୍ଷିକୀ ଉତ୍ସବରେ ଉଦବୋଧନ ଦେବେ । କାର୍ଯ୍ୟକ୍ରମ ସରିବା ପରେ ପୁରୀ ଛାଡ଼ି ଭୁବନେଶ୍ୱର ବିମାନବନ୍ଦର ଅଭିମୁଖେ ଗସ୍ତ କରିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି କେନ୍ଦ୍ରାଂଚଳ ଆଇଜି ନରସିଂହ ଭୋଳ । ଶ୍ରୀଚୈତନ୍ୟ ଗୌଡିୟ ମଠ, ଶ୍ରୀମନ୍ଦିର ଆଉ ଶରଧାବାଲିର ସଭାସ୍ଥଳକୁ ଟିକନିକ ଯାଂଚ କରିଛନ୍ତି ଆଇଜି ।

# ନିର୍ବାଚନ : ପୁଣି ଫେଂରିଲା ଅଣ୍ଡାମାଡ଼

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ଯେଉଁ ସ୍ଥାନରୁ ବିଧାୟକ ହୋଇ ମନ୍ତ୍ରୀ ହୋଇଥିଲେ, ଯେଉଁ ସ୍ଥାନରୁ ଜିତି ସଂସଦକୁ ଯାଇଛନ୍ତି, ସେଠାରେ ଜୋରଦାର ବିରୋଧର ସାମ୍ନା କରୁଛନ୍ତି ସାଂସଦ ରମେଶ ମାଝୀ । ନବରଙ୍ଗପୁରର ବଡ଼ ଚେହେରା ହିସାବରେ ଜିଲ୍ଲା ରାଜନୀତିରେ ଯେଉଁ ପତିଆରା ତାଙ୍କର ରହିବା କଥା, ଠିକ୍ ଓଲଟା ଦିଗ ଏବେ ସାମ୍ନାକୁ ଆସୁଛି । ବଡ଼ କଥା ହେଉଛି, ପୂର୍ବତନ ସାଂସଦ ପ୍ରଦୀପ ମାଝୀଙ୍କୁ ବିଜେଡି ଆପଣେଇନେବା ପରେ ଅନୁମାନ କରାଯାଉଥିଲା ଜିଲ୍ଲାରେ ବିରୋଧୀ ଶୂନ୍ୟ ହୋଇଯିବେ । ହେଲେ ରମେଶ ମାଝୀ ଯେଉଁଭଳି ବିରୋଧର ସାମ୍ନା କରୁଛନ୍ତି, ତାହା ଦର୍ଶାଉଛି ଜନତାଙ୍କ ଆକ୍ରୋଶ ନେତାଙ୍କ ଉପରେ ବଢ଼ିବାରେ ଲାଗିଛି । ତାରିଖ ୧୦ ଫେବ୍ରୁଆରୀ ୨୦୨୨, ସ୍ଥାନ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଧୁମାମ ଗାଁ । ନବରଙ୍ଗପୁର ଝରିଗାଁରେ ବିଜେଡି ସାଂସଦ ରମେଶ ମାଝୀଙ୍କୁ ବିରୋଧ । ଇଛାପୁର ପଞ୍ଚାୟତର ଧୁମାମ ଗାଁକୁ ପ୍ରଚାରରେ ଯାଇଥିବାବେଳେ ଶତାଧିକ ଗ୍ରାମବାସୀ ତାଙ୍କ ଗାଡି ଉପରକୁ ଅଣ୍ଡାମାଡ କରିଛନ୍ତି । ସାଂସଦ ନିଜ କର୍ମୀଙ୍କ ସହ ଶୋଭାଯାତ୍ରା ଓ ନିର୍ବାଚନ ପ୍ରଚାର କରିବା ସମୟରେ ଗାଁର କିଛି ଲୋକ ହାତରେ ଠେଙ୍ଗା ଓ ବାଡି ଧରି ତୀବ୍ର ବିରୋଧ କରିଥିଲେ । ପରିସ୍ଥିତି ଏମିତି ହୋଇଥିଲା ଯେ, ଗାଁ ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ଶାସକ ଦଳର ନେତା ଓ କର୍ମୀମାନେ ପ୍ରାଣ ବିକଳରେ ଗାଡି ଧରି ଚମ୍ପଟ ମାରିଥିଲେ । ସେହିପରି ୦୯ ତାରିଖରେ ମଧ୍ୟ ଚନ୍ଦାହାଣ୍ଡି ବ୍ଲକ ଚକମାଲ ▶▶ପୃଷ୍ଠା ୭

# ନିର୍ବାଚନ ସମୟରେ ବେଆଇନ ନିଶା କାରବାର ରୋକିବାପାଇଁ ଅବକାରୀ କମିଶନରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ତ୍ରିସ୍ତରୀୟ ପଂଚାତ ନିର୍ବାଚନ ସମୟରେ ବେଆଇନ ନିଶା କାରବାରକୁ ରୋକିବାପାଇଁ ସୀମାନ୍ତରେ ନଜର ରଖିବାକୁ ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଥି ସହିତ ବେଆଇନ ମଦପ୍ରସ୍ତୁତକାରୀ, ବ୍ୟବସାୟୀ ଓ ବିକ୍ରୟସ୍ଥଳ ଉପରେ ନିୟମିତ ଚଢଉ ସହିତ ରାତ୍ରିକାଳୀନ ପାଟ୍ରୋଲିଂକୁ ଜୋରଦାର ପାଇଁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ କମିଶନର ଶ୍ରୀ ସିଂହ ଆଜି ସମୀକ୍ଷା କରିଥିଲେ । ଭର୍ଚୁଆଲ ମୋଡ ରେ ହୋଇଥିବା ଏହି ସମୀକ୍ଷା ବୈଠକରେ ଅବକାରୀ ବିଭାଗର ଉପ କମିଶନର, ଅବାକରୀ ଅଧୀକ୍ଷକ, ଏନ ଫୋର୍ସମେଣ୍ଟ ସେଲ ର ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ୨୦୨୨ ପଂଚାୟତ ର୍ନିବାଚନ ଯେଭଳି ସୁରୁଖୁରୁରେ ହେବ ସେଥିପାଇଁ ପ୍ରସ୍ତୁତ ରଣନୀତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଲୋଚନା ସମୟରେ ଅବକାରୀ କମିଶନର ବେଆଇନ ନିଶା କାରବର ରୋକିବାପାଇଁ ସୀମାନ୍ତବର୍ତ୍ତୀ ଅଂଚଳ ଉପରେ କଡା ନଜର ରଖିବାପାଇଁ ପରାମର୍ଶ ଦେଇଥିଲେ । ବୈଠକରେ ଚଳିତ ଆର୍ଥିକ ବର୍ଷରେ ଏନ ଫୋର୍ସମେଣ୍ଟ କାର୍ଯ୍ୟକଳାପର ସମୀକ୍ଷା ହୋଇଥିଲା । ଏଥିରୁ ଜଣାପଡିଛି ଯେ ୨୦୨୧-୨୨ ବର୍ଷରେ ଜାନୁୟାରୀ ମାସ ଶେଷ ସୁଦ୍ଧା ୩୧,୧୩୩ଟି ଅବକାରୀ ▶▶ପୃଷ୍ଠା ୭

# ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଦାବିରେ ସମସ୍ତ ତହସିଲ୍ ସମ୍ମୁଖରେ ଜମାକାରୀ ସତ୍ୟାଗ୍ରହ

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ଚିଟ୍ ଫଣ୍ଡ (ପଞ୍ଜିସ୍କିମ୍) କ୍ଷତିଗ୍ରସ୍ତ ଜମାକାରୀଙ୍କୁ ସରକାର ଟଙ୍କା ଫେରସ୍ତ ପ୍ରତିଶୃତି ଦେଇ ମଧ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନଦେଇ ଜମାକାରୀଙ୍କ ଟଙ୍କା ସରକାର ଖାଇ ଯାଇଥିବାରୁ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତମଞ୍ଚ ଆହ୍ୱାନ କ୍ରମେ ଛୋଟ ବଡ଼ ନିର୍ବିଶେଷରେ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦାବିରେ ରାଜ୍ୟବ୍ୟାପୀ ସମସ୍ତ ତହସିଲ୍ ସମ୍ମୁଖରେ ଡିଜିଟାଲ୍ ମାଧ୍ୟମରେ ଆଜି ଜମାକାରୀ ଗଣ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । ତଦନ୍ତ କମିଶନଙ୍କ ୭ ପର୍ଯ୍ୟାୟର ସୁପାରିଶରେ ତହସିଲ୍ ଜରିଆରେ ଯାଞ୍ଚ ସରିଥିବା ସମସ୍ତ ଜମାକାରୀଙ୍କୁ ବି ଟଙ୍କା ନଦେଇ ଅଳ୍ପ କେତେକ କ୍ଷୁଦ୍ର ଜମାକାରୀଙ୍କୁ ୨୦୧୯ ନିର୍ବାଚନ ପୂର୍ବରୁ ଟଙ୍କା ଫେରସ୍ତ ପରେ ବାକି ଟଙ୍କା ସରକାର ଖାଇଗଲେଣି । ଯାଞ୍ଚ ସରିଥିବା ସମସ୍ତ ଜମାକାରୀଙ୍କୁ ଅବିଳମ୍ବେ ଟଙ୍କା ଫେରସ୍ତ, ବାକି ସମସ୍ତ ଜମାକାରୀଙ୍କୁ ତହସିଲ୍ ଜରିଆରେ ପ୍ରତ୍ୟକ୍ଷ ଭାବେ ଚିହ୍ନଟ ଓ ଜମା ପ୍ରମାଣ ଯାଞ୍ଚ ସହ ଟଙ୍କା ଫେରସ୍ତ, ସାହାରା ଭଳି ସଂସ୍ଥାମାନେ ଜମାଟଙ୍କା ନେଇଛନ୍ତି ମାତ୍ର ପରିପକ୍ୱ ରାଶି ଫେରାଉ ନାହାନ୍ତି ସେହି ସମସ୍ତ ଜମାକାରୀଙ୍କୁ ପରିପକ୍ୱରାଶି ଫେରସ୍ତ ପର୍ଯ୍ୟନ୍ତ ଜମାରାଶି ଆଦାୟ ବନ୍ଦ ରଖିବା ସହ ଓଡ଼ିଶାରେ ଅସାଧୁ କମ୍ପାନୀମାନଙ୍କ ଠାରୁ ରାଜ୍ୟ ସରକାର ଜବତ କରିଥିବା କମ୍ପାନୀର ବ୍ୟାଙ୍କ ଜମା ଟଙ୍କା, ସୁନା ମୋହର, ରୂପା ମୋହର, କୋଠା-ବାଡ଼ି, ଜମି-ଜମା, ଶିଳ୍ପ ଓ ବିଭିନ୍ନ ଅସ୍ଥାବର ସମ୍ପତ୍ତି ଯଥା ଗାଡ଼ି - ଘୋଡାର ଏକ ଶ୍ୱେତ ପତ୍ର ପ୍ରକାଶନ ସହ ଏଥିରୁ କେଉଁ ସମ୍ପତ୍ତି କେତେ ଦାମ୍‌ରେ ନିଲାମ କରି ସରକାର କେତେ ଟଙ୍କା ନିଜ ପାଖରେ ରଖିଛନ୍ତି, ତାହାର ତିନିମାସିଆ ବିବରଣୀ ସର୍ବସାଧାରଣଙ୍କ ଅବଗତି ପାଇଁ ପ୍ରକାଶ କରାଯାଉ ଦାବିରେ ଆଜି ରାଜ୍ୟ ବ୍ୟାପୀ ତହସିଲ୍ ସ୍ତରରେ “ଡିଜିଟାଲ ଜମାକାରୀ ଗଣ ସତ୍ୟାଗ୍ରହ” କୋଭିଡ୍ ସତର୍କତା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ।

# ଯକ୍ଷ୍ମା ନିରାକରଣ ପାଇଁ ମୁଖ୍ୟ ଚିକିତ୍ସାଳୟରେ ଗୋଷ୍ଠୀ ସଚେତକଙ୍କୁ ପ୍ରଶିକ୍ଷଣ ପ୍ରଦାନ

କନ୍ଧମାଳ,୧୧/୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ନିରାକରଣ ପାଇଁ ପିରାମଲ ସ୍ୱାସ୍ଥ୍ୟ ଅନୁଷ୍ଠାନ ସହଯୋଗରେ ଗୋଷ୍ଠୀ ସଚେତକ ମାନଙ୍କ ପାଇଁ ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ମନୋଜ କୁମାର ଉପାଧାୟ ଅତିଥି ଭାବେ ଯୋଗଦେଇ ଯକ୍ଷ୍ମା ନିରାକରଣ ସମ୍ପର୍କରେ ତାଲିମାର୍ଥୀ ମାନଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ । ଜିଲ୍ଲାର ଯକ୍ଷ୍ମା ରୋଗୀ ମାନଙ୍କୁ ଚିହ୍ନଟ କରିବାରେ ପିରାମଲ ଅନୁଷ୍ଠାନ ସହଯୋଗ କରୁଥିବାରୁ ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଏହା ଅଧିକ ସହାୟକ ହୋଇପାରିବ ବୋଲି କହିଥିଲେ । ଜିଲ୍ଲାରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ କରୋନା ସମୟରେ ଅଧିକ ସତର୍କତା ଜରୁରୀ । ଉକ୍ତ ରୋଗୀ ମାନଙ୍କୁ ଚିହ୍ନଟ କରିବା ସହ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିଗଲେ ସଂକ୍ରମଣକୁ ନିୟନ୍ତ୍ରଣ କରାଯାଇପାରିବ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପିରାମଲ ସ୍ୱାସ୍ଥ୍ୟ ଅନୁଷ୍ଠାନର ସୌମ୍ୟପ୍ରସାୟ ଡାକୁଆଙ୍କ ସହ ଡଃ ଅନୁପମ ସାହା, ବିପିନି ବିହାରି ବାହିନୀପତି, ଭବାନି ଶଙ୍କର ପଣ୍ଡା ଓ ଶୁଭମ ଶର୍ମା ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଜିଲ୍ଲା ଯକ୍ଷ୍ମା ସହକାରୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ. ପ୍ରଶାନ୍ତ କୁମାର ତ୍ରୀପାଠୀ ତାଲିମାର୍ଥୀ ମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ଯକ୍ଷ୍ମା ବରିଷ୍ଠ ସୁପରଭାଇଜର ଶେଷଦେବ ନାୟକ ଓ ଅଶୋକ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଗ୍ରାମାଂଚଳରେ ବିକାଶ କେବଳ କଂଗ୍ରେସ ଦ୍ୱାରା ସମ୍ଭବ : ନରସିଂହ

ବଲାଙ୍ଗିର,୧୧/୨ (ନି.ପ୍ର): ବିଗତ କିଛି ବର୍ଷ ହେବ ଆପଣମାନେ କ୍ରମାଗତ ଭାବେ ବିଜେପି ଓ ବିଜେଡି ଦଳକୁ ନିଜର ବହୁ ମୁଲ୍ୟ ଭୋଟ ଦେଇ ଆସୁଛନ୍ତି । ଏହି ଦଳ ମାନଙ୍କୁ ମନଖୋଲି ଭୌଟ ଦେବା ସତ୍ୱେ ଆପଣମାନେ ସାଧାରଣ ମୌଳିକ ସୁବିଧା ମଧ ପାଇବାରୁ ବଞ୍ଚିତ ରହୁଛନ୍ତି । ନିର୍ବାଚନ ପରେ ଗ୍ରାମାଞ୍ଚଳ ର ଅବସ୍ଥା ଯଉଟା କୁ ସେଇଟା ରହୁଛି । ଇତିହାସ ସାକ୍ଷୀ ଅଛି ଗାଁର ବିକାଶ ଓ ଗ୍ରାସମବାସୀଙ୍କ ଉନ୍ନତିକୁ କେବଳ କଂଗ୍ରେସ ଦଳ ହିଁ ପ୍ରାଧାନ୍ୟ ଦେଇଛି । ତେଣୁ କଂଗ୍ରେସ ଦ୍ୱାରା ହିଁ ଗାଁର ବିକାଶ ସମ୍ଭବ ହୋଇଥାଏ ବୋଲି ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଲୋଇସିଂହା ବ୍ଲକ ୩୪ନଂ ଜୋନର କଂଗ୍ରେସ ପ୍ରାର୍ଥିନୀ ସବିତା କାଲସାଏଙ୍କ ପାଇଁ ନିର୍ବାଚନ ପ୍ରଚାର ସମୟରେ କହିଛନ୍ତି । ଲୋଇସିଂହା ବ୍ଲକର କୁସମେଲ, ଲଙ୍କାବାହାଲ, ଗୁର୍ଜି, ଗଡଶଙ୍କର ଡୁଙ୍ଗୁରିପାଲି, ରାଙ୍ଗାଲି, ତାଲଜୁରି, ଫାଲସମାଲ, ଉପରବାହାଲ ଓ ଗେର୍ଟି ଗାଁ ବୁଲିଲା ବେଳେ ଶ୍ରୀ ମିଶ୍ର ଆହୁରି କହିଛନ୍ତି ଯେ, ନିର୍ବାଚନ ସମୟ ଆସିଲେ ବିଭିନ୍ନ ଦଳ ବିଗତ ଦିନର ନିଷ୍କ୍ରିୟତା ଓ ବିଫଳତା ଲୁଚାଇବା ପାଇଁ ଜନତାଙ୍କୁ ଭୟ ତଥା ପ୍ରଲୋଭନ ଦେଖାଇ ପୁଣି ଥରେ ଭୋଟ ହାତେଇବା ପାଇଁ ହିନ ପ୍ରୟାସ କରିଥାନ୍ତି । ତେଣୁ ଲୋକେ ନିର୍ବାଚନ ରେ ପ୍ରାର୍ଥିଚୟନ ସମୟରେ ଭୟ ତଥା ପ୍ରଲୋଭନର ବଶବର୍ତ୍ତି ହୁଅନ୍ତୁ ନାହିଁ । କେବଳ ଗାଁର ସାମୁହିକ ସ୍ୱାର୍ଥ ଓ ବିକାଶକୁ ପ୍ରାଥମିକତା ଦେଇ ପ୍ରାର୍ଥି ଚୟନ କରନ୍ତୁ । ବିଜେପି ଓ ବିଜେଡି ଉଭୟ ଦଳ ଆପଣମାନଙ୍କ ଠାରୁ ଭୋଟ ନେବାପରେ ବିଶ୍ୱାସରେ ବିଷ ଦେଇଛନ୍ତି । ଏପରି ସ୍ଥଳେ କଂଗ୍ରେସ ଦଳ ହିଁ ଆପଣମାନଙ୍କ ସମ୍ମୁଖରେ ଏକମାତ୍ର ବିକଳ୍ପ । ତେଣୁ ଆପାଣମାନେ କଂଗ୍ରେସ ପ୍ରାର୍ଥିନୀ ସବିତା କାଲସାଏଙ୍କୁ ହାତ ଚିହ୍ନରେ ଭୋଟ ଦେଇ ଅଂଚଳର ବିକାଶରେ ସହାୟକ ହୁଅନ୍ତୁ ବୋଲି ବିଧାୟକ ଶ୍ରୀ ମିଶ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମିଶ୍ର ଓ ପ୍ରାର୍ଥିନୀ ସବିତା କାଲସାଏଙ୍କ ସହିତ ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରା, ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁ, ସନାତନ ସିଂ, ସଞ୍ଜୟ ଗଡତିଆ, ଟଙ୍କଧର ଗଡତିଆ ଓ କୁନ୍ତଳା ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଙ୍ଗଲ ନିକଟରୁ କ୍ଷତାକ୍ତ ଅବସ୍ଥାରେ କୁଟୁରା ଛୁଆ ଉଦ୍ଧାର

ହରିଚନ୍ଦନପୁର,୧୧/୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଦେଓଗାଁ ରେଞ୍ଜ୍ ଭଗାମୁଣ୍ଡା ବନବିଭାଗ ଅଧିନସ୍ଥ ଶଗଡ଼ପଟା ସଂରକ୍ଷିତ ଜଙ୍ଗଲ ନିକଟରୁ କ୍ଷତାକ୍ତ ଅବସ୍ଥାରେ ଏକ ୨ ମାସର ଅଣ୍ଡିରା କୁଟୁରା ଛୁଆ ଉଦ୍ଧାର ହୋଇଛି । ମିଳିଥିବା ଖବର ଅନୁଯାୟୀ, ସ୍ଥାନୀୟ ଲୋକେ ଗୁରୁବାର ସକାଳ ସମୟରେ ଜଙ୍ଗଲକୁ ଯାଉଥିବା ବେଳେ ଏହି କୁଟୁରା ଛୁଆକୁ ରକ୍ତାକ୍ତ ଅବସ୍ଥାରେ ଦେଖି ବନବିଭାଗକୁ ଖବର ଦେଇଥିଲେ । ଖବର ପାଇ ଭଗାମୁଣ୍ଡା ବନପାଳ ଦାଶରଥି ବେଜ୍, ଫରେଷ୍ଟ ଗାର୍ଡ ଓ ବନକର୍ମଚାରୀ ଘଟଣାସ୍ଥଳରେ ପହଂଚି ଉକ୍ତ ଗୁରୁତର କୁଟୁରା ଛୁଆକୁ ଉଦ୍ଧାର କରି ହରିଚନ୍ଦନପୁର ପଶୁ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ । କୁଟୁରା ଛୁଆଟିର ମୁହଁରେ କୌଣସି ପ୍ରକାର ଆଘାତ ଲାଗିଥିବା କିମ୍ବା କୌଣସି ଯନ୍ତୁ ଆକ୍ରମଣର ଶିକାର ହୋଇ ସେ କ୍ଷତାକ୍ତ ହୋଇଥିବା ନେଇ ଅନୁମାନ କରାଯାଉଛି । ଛୁଆଟି ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ତାର ସଠିକ୍ ଚିକିତ୍ସା କରାଇବା ପାଇଁ ବନବିଭାଗ କାର୍ଯ୍ୟାଳୟରେ ରଖାଯାଇଥିବା ନେଇ ବନପାଳ ସୂଚନା ଦେଇଛନ୍ତି ।

# ବନଖଣ୍ଡ ଅସ୍ଥାୟୀ କର୍ମଚାରୀଙ୍କୁ ଘରୋଇ କାମରେ ନିୟୋଜିତ ଅଭିଯୋଗ : ସ୍ଥାୟୀ ଚାକିରି ଦାବି

ରାଉରକେଲା,୧୧/୨ (ନି.ପ୍ର): ରାଉରକେଲା ବନଖଣ୍ଡ ଅଧିନରେ ଥିବା ୬ଟି ରେଞ୍ଜ୍ ରେ କାମ କରୁଥିବା ପାଖାପାଖି ୨୦୦ କର୍ମଚାରୀଙ୍କୁ ଅଫିସର ମାନେ ନିଜ ଘରୋଇ କାମରେ ନିୟୋଜିତ କରିବା, କଥା ନମାନିଲେ ବାହାର କରିଦେବା ଭଳି ବେଆଇନ କାମ ପ୍ରତିବାଦରେ ଆଜି କର୍ମଚାରୀ ମାନେ ଧାରଣା ଦେବା ସହ ଏସବୁକୁ ବନ୍ଦ କରିବା ଏବଂ ସେମାନଙ୍କୁ ସ୍ଥାୟୀ ଚାକିରୀର ସୁବିଧା ଦେବାଲାଗି ଦାବି କରିଛନ୍ତି । ଆଜି ସକାଳେ ୬ଟି ରେଞ୍ଜ୍ ର କର୍ମଚାରୀମାନେ କିଛି ସମୟ ଲାଗି ଧାରଣା ଦେବା ସହ ସେମାନଙ୍କ ନେତା ଚିତରଂଜନ ଜେନାଙ୍କ ମାଧ୍ୟମରେ ବନଖଣ୍ଡ ଅଧିକାରୀଙ୍କୁ ଏ ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଏହି ବନଖଣ୍ଡ ଅଧିନରେ ଅସ୍ଥାୟୀ ଭାବେ ଭୁବନେଶ୍ୱରର ଏକ ସିକ୍ୟୁରିଟି ସଂସ୍ଥା ମାଧ୍ୟମରେ ଚାକିରୀ ପାଇଥିବା କର୍ମଚାରୀ ମାନଙ୍କୁ ଅଫିସର ମାନେ ପରିବା, ମାଛ ଠାରୁ ଆରମ୍ଭ କରି ନିଜ ଅନୁପସ୍ଥିତିରେ ମାଡାମ ମାନଙ୍କ ଆଦେଶ ପାଳନ କରିବାକୁ ବାଧ କରୁଥିବାର ଅଭିଯୋଗ ହୋଇଛି । ଯଦି ଏଥିରୁ କେହି ଖିଲାପ କରୁଛି ତେବେ ତାକୁ ଚାକିରୀରୁ ବାହାର କରି ଦିଆଯିବା ସହ ତା ବିରୋଧରେ ଥାନାରେ ମିଥ୍ୟା ଅଭିଯୋଗ କରାଯାଉଛି । ପୂର୍ବତନ ଡିଏଫଓଙ୍କ ସମୟରେ ତାଙ୍କ ମାଡାମ ଅଫିସରେ କାମ କରୁଥିବା ଅସ୍ଥାୟୀ ଡ୍ରାଇଭରକୁ ବ୍ୟକ୍ତଗତ କାମ ଲାଗି ଡାକିଥିଲେ ସେ ନଜିବାରୁ ତାକୁ ବାହାର କରିବା ସହ ତା ବିରୋଧରେ ଥାନାରେ ମାମଲା କରାଗଲା, ସେ ଆଜିଯାଏ ଚାକିରୀରୁ ବାହାରେ ରହି ନାନା ସମସ୍ୟା ଦେଇ ଗତି କରୁଥିବାର ଅଭିଯୋଗ ହୋଇଛି । ହାତୀ ଘଉଡାଇବା ଠାରୁ ଚୋର ଧରିବା କାମରେ ସବୁ ବେଳେ ଏହି ଅସ୍ଥାୟୀ ୮୨୦୦ ଟଙ୍କା ଦରମା ପାଉଥିବା କର୍ମଚାରୀ ମାନେ ଆଗରେ ରହୁଥିବା ବେଳେ ଲକ୍ଷେ ଟଙ୍କା ଦରମାରେ ଥିବା ବାବୁ ମାନେ ଭୟରେ ପଛରେ ରହୁଥିବା ଏମାନେ ଅଭିଯୋଗ କରିଛନ୍ତି । ଏହିଭଳି ହାତୀ ଘଉଡାଇବା ବେଳେ ଶିବା ଇନ୍ଦୁଆର ଓ ରାଙ୍କା ଟପୋ ନାମକ ୨ ଜଣ କର୍ମଚାରୀ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ସେମାନଙ୍କୁ ସାଧାରଣ ଲୋକେ ପାଉଥିବା ସହାୟତା ମିଳିଛି । ୮୨୦୦ ଟଙ୍କାରେ ୨୪ ଘଂଟା କାମ କରୁଥିବା ଏହି କର୍ମଚାରୀ ମାନେ ଛୁଟୀରେ ରହିଲେ ସେମାନଙ୍କ ଦରମା କାଟି ଦିଆଯାଉଛି, ଇଏସଆଇ ଥିଲେ ବି ସେମାନଙ୍କୁ ସେଠାରୁ ସମସ୍ତ ସୁବିଧା ମିଳୁନି । ଏତେ ସବୁ ଭିତରେ ଏମାନେ କରୋନା କାଳରେ ଜୀବନକୁ ବାଜି ଲଗାଇ ଜଙ୍ଗଲ ବିଭାଗ ଓ ସରକାରଙ୍କ ବିଭାଗୀୟ ବ୍ୟବସ୍ଥା ଭିତରେ ପଡି ରହି ସଂଗ୍ରାମ ଚଳାଇଛନ୍ତି । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଜିବାରୁ ଏହି କର୍ମଚାରୀ ମାନେ ଆଜି ଆନ୍ଦୋଳନର ପନ୍ଥା ଅବଲମ୍ବନ କରି ଦାବି ପତ୍ର ଦେଇଥିବା ପ୍ରକାଶ । ସେପଟେ ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ ତାଙ୍କ ମପ୍ରତିକ୍ରିୟାରେ କହିଛନ୍ତି ଯେ, ସେ ଆଜି ଫିଲ୍ଡ ଡ୍ୟୁଟିରେ ଥିଲେ ଏନେଇ ସେ ଅବଗତ ନୁହଁନ୍ତି ସରକାରଙ୍କ ନିୟମ ଅନୁଶାରେ ସେମାନଙ୍କ ଲାଗି ସମସ୍ତ ବ୍ୟବସ୍ଥା କରାଯାଉଛି, ବାକି ରହିଲା ଘରୋଇ କାମ କଥା ତାକୁ ସେ ଅଭିଯୋଗ ପତ୍ର ପାଇବା ପରେ ଦେଖିବେ ବୋଲି କହିଛନ୍ତି ।

# ନିର୍ବାଚନୀ ଗାଡ଼ି ଠିକ୍ ସମୟରେ ପହଂଚିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପୁରୀ,୧୧/୨ (ନି.ପ୍ର): ତ୍ରିସ୍ତରୀୟ ନିର୍ବାଚନ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଗାଡ଼ି ମାଲିକମାନେ ଠିକ୍ ସମୟରେ ପହଂଚିବା ପାଇଁ ଜିଲ୍ଲାପାଳ ଆଂଚଳିକ ପରିବହନ ଅଧିକାରୀ ଓ ଗାଡ଼ି ମାଲିକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଫେବୃଆରୀ ୧୬ ତାରିଖରେ କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ଓ କଣାସରେ ମତଦାନ ଅନୁଷ୍ଠିତ ହେବ । ଏଥିପାଇଁ ୧୪ ତାରିଖ ସକାଳ ୭ଟାରେ ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟରେ ପହଂଚିବା ପାଇଁ ଗାଡ଼ି ମାଲିକମାନଙ୍କୁ କୁହାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଫେବୃଆରୀ ୧୮ ତାରିଖରେ ଅନୁଷ୍ଠିତ ହେବ । ଗୋପ ଓ ନିମାପଡ଼ା ବ୍ଲକରେ ଭୋଟ ଗ୍ରହଣ ହେବ । ଏଥିପାଇଁ ୧୬ ତାରିଖ ସକାଳ ୭ଟାରେ ଗାଡ଼ି ମାଲିକମାନେ ସମ୍ପୃକ୍ତ ବ୍ଲକରେ ପହଂଚିବା ପାଇଁ ଅନୁରୋଧ କରାଯାଇଛି । ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ୨୦ ତାରିଖରେ ପୁରୀ ସଦର ଓ ସତ୍ୟବାଦୀ ବ୍ଲକ ଅଂଚଳରେ ଅନୁଷ୍ଠିତ ହେବ । ଏଥିପାଇଁ ୧୮ ତାରିଖ ସକାଳ ୭ଟାରେ ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟରେ ଗାଡ଼ି ମୁତୟନ କରିବାକୁ ଅନୁରୋଧ କରାଯାଇଛି । ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ୨୨ ତାରିଖରେ ଡେ଼ଲାଙ୍ଗ ଓ ପିପିଲି ବ୍ଲକରେ ଅନୁଷ୍ଠିତ ହେବ । ଏଥିପାଇଁ ୨୦ ତାରିଖ ସକାଳ ୭ଟାରେ ସମ୍ପୃକ୍ତ ବ୍ଲକରେ ଗାଡ଼ି ମୁତୟନ କରିବାକୁ ଗାଡ଼ି ମାଲିକମାନଙ୍କୁ ଅନୁରୋଧ କରାଯାଇଛି । ସେହିପରି ପଂଚମ ପର୍ଯ୍ୟାୟ ମତଦାନ ୨୪ ତାରିଖରେ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଂଚଳରେ ଅନୁଷ୍ଠିତ ହେବ । ଏଥିପାଇଁ ୨୨ ତାରିଖ ସକାଳ ୭ଟାରେ ଗାଡ଼ି ମୁତୟନ କରିବାକୁ ସମ୍ପୃକ୍ତ ଗାଡ଼ି ମାଲିକମାନଙ୍କୁ ପରାମର୍ଶ ଦିଆଯାଇଛି । ଏହି ନିର୍ବାଚନୀ କାର୍ଯ୍ୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ କିମ୍ବା ସଠିକ୍ ସମୟରେ ଗାଡ଼ି ନପହଂଚିଲେ ଖିଲାପକାରୀଙ୍କ ବିରୋଧରେ ନିର୍ବାଚନ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ କଠୋର ଦଣ୍ଡ ବିଧାନ କରାଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଦାବିପତ୍ର ମାଧ୍ୟମରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେପି

ଗଞ୍ଜାମ,୧୧/୨ (ନି.ପ୍ର): ସରକାରୀ କର୍ମଚାରୀଙ୍କ ରାଜନୀତି ପ୍ରୀତି । ନିର୍ବାଚନ ପ୍ରଚାରରେ ବୁଲିବା ମହଙ୍ଗା ପଡ଼ିଲା । ସୋସିଆଲ ମିଡ଼ିଆରେ ଭାଇରାଲ୍ ହେବା ପରେ ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ ନେଇ ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ବିଡିଓଙ୍କୁ ଦାବୀପତ୍ର ପ୍ରଦାନ କରିଛି ବିଜେପି । ବେଗୁନିଆପଡା ବ୍ଲକରେ ନିର୍ବଚନ ଆଚରଣବିଧି ଉଲ୍ଲଙ୍ଘନ ନେଇ ଦୃଢ଼ ପ୍ରତିବାଦ କରିଛି ବିଜେପି । ଏନେଇ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓଙ୍କୁ ଦାବୀପତ୍ର ପ୍ରଦାନ କରିଛି ବିଜେପି । ଏସ ଛଚିନା ପଚାଂୟତର ସେବା ସମବାୟ ସମିତି ସମ୍ପାଦକ ନୀଳାଚଂଳ ନାୟକ ବିଜେଡି ନିର୍ବାଚନ ପ୍ରଚାରରେ ସାମିଲ୍ ହୋଇଥିବାର ଫଟୋ ଭାଇରାଲ ହେବା ଘଟଣାକୁ ନେଇ ୪୫ ନମ୍ବର ଜୋନ୍ ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ ପ୍ରଦୀପ କୁମାର ଘୋଷ ଲିଖିତ ଭାବେ ସେବା ସମବାୟ ସମିତି ସମ୍ପାଦକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ନେବାକୁ ଦାବୀ କରିଛନ୍ତି । ସେହିପରି ଅଙ୍ଗାର ଗାଁ ପଚାଂୟତର ସମବାୟ ସମିତି ସମ୍ପାଦକ ବସନ୍ତ ଭୂୟାଁ, ସେହି ପଚାଂୟତର ସମିତିସଭ୍ୟ ପ୍ରାର୍ଥୀଙ୍କ ସପକ୍ଷରେ ଡିଜିଟାଲ ମିଡିଆରେ ବକ୍ତବ୍ୟ ରଖିବା ଏବଂ ଭୋଟରଙ୍କୁ ପ୍ରଭାବିତ କରିବା ବୟାନ ଭାଇରାଲ ଭିଡିଓ ପ୍ରକାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରି ୪୬ ନମ୍ବର ଜୋନ୍ ବିଜେପି ସମର୍ଥିତ ଜିଲ୍ଲା ପରିଷଦ ପ୍ରାର୍ଥିନୀ ଅହଲ୍ୟା ସାମନ୍ତରାୟ ଦାବୀ ପତ୍ର ପ୍ରଦାନ କରିଛନ୍ତି ।

ଅନ୍ୟପଟେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ କୁମାର ପୋଲାଇ ମଧ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଚଳିତ ନିର୍ବାଚନରେ ବିଜେଡି ସମର୍ଥିତ ସରପଂଚ ସମିତିସଭ୍ୟ ପ୍ରାର୍ଥୀ/ ପ୍ରାର୍ଥିନୀମାନେ ଦଳୀୟ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଓ ବିଧାୟକ/ ବିଧାୟିକାଙ୍କ ଫଟୋ ଲଗାଇ ଭୋଟ୍ ମାଗିବା ସହ ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି । ଏହାସହ ଦଳୀୟ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଓ ବିଧାୟକ/ ବିଧାୟିକାଙ୍କ ଫଟୋ ବ୍ୟାନେର ଓ ପୋଷ୍ଟରରେ ଲଟକାଉଛନ୍ତି । ଯାହା ଆଦର୍ଶ ଆଚରଣବିଧିର ଉଲ୍ଲଙ୍ଘନ ବୋଲି କହିବା ସହ ଦାବୀପତ୍ର ପ୍ରଦାନ କରିଛନ୍ତି । ଏହା ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛି ବିଜେପି ।

# ବରଣ୍ଟୁଆ ପଂଚାୟତରେ ଗୋବିନ୍ଦ ଓ ପ୍ରବାସଙ୍କ ନିର୍ବାଚନ ପ୍ରଚାର

ବାସୁଦେବପୁର,୧୧/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଟୁଆ ଗ୍ରାମ ପଞ୍ଚାୟତ ର ସର୍ବାଙ୍ଗୀନ ବିକାଶ ପାଇଁ ଭାରତୀୟ ଜନତା ପାର୍ଟି ସମର୍ଥିତ ସରପଂଚ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ମଲିକ ଖୋଲାବହି ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ସେହିପରି ସମିତି ସଭ୍ୟ ପ୍ରାର୍ଥୀ ପ୍ରବାସ ଚନ୍ଦ୍ର ମହାନ୍ତି ଷ୍ଟଲ ଚିହ୍ନ ରେ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ଗାଁ କୁ ଗାଁ ବୁଲି ଭୋଟର ଭାଇ ଭଉଣୀ ମାନଙ୍କୁ ଉଭୟ ପ୍ରାର୍ଥୀ ପଂଚାୟତରେ ଥିବା ବିଭିନ୍ନ ସମସ୍ୟାକୁ ବୁଝାଉଛନ୍ତି । ଆମେ ଦୁଇ ପ୍ରାର୍ଥୀ ବିଜୟ ଲାଭ କଲେ ପଂଚାୟତରେ ଥିବା ଅଧୁରା କାର୍ଯ୍ୟ କୁ ପୁରଣ କରିବୁ ବୋଲି ଲୋକଙ୍କ ସମ୍ମୁଖରେ ପ୍ରାର୍ଥୀ ମାନେ ପ୍ରକାଶ କରିଥିଲେ । ରାସ୍ତା ଘାଟ, ପାନୀୟ ଜଳ, ପ୍ରଧାନ ମନ୍ତ୍ରୀ ଆବାସ,ପାଇଖାନା ପ୍ରଭୃତି ରେ ବହୁ ସମସ୍ୟା ରହିଛି ବୋଲି ଭୋଟର ଙ୍କୁ ଏହି ପ୍ରାର୍ଥୀ କହିଥିଲେ । ଆମେ କର୍ମ ରେ ବିଶ୍ୱାସ କରୁ ଓ ଈଶ୍ୱରଙ୍କ



ଆଶୀର୍ବାଦ ତଥା ଭୋଟର ଙ୍କ ଭଲ ପାଇବା ଓ ଭାରତ ସରକାରଙ୍କୁ ଜନ କଲ୍ୟାଣ ଯୋଜନା ଆମକୁ ନିଶ୍ଚିତ ବିଜୟ ପଥ ରେ ସାହାଯ୍ୟ କରିବ ବୋଲି ପ୍ରାର୍ଥୀ ମାନେ ମତ ପ୍ରକାଶ କରିଛନ୍ତି । ଗାଁ କୁ ଗାଁ ନିର୍ବାଚନ ପ୍ରଚାର ସମୟରେ ବେତଡା ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ମାନସ ରଞ୍ଜନ ମହାନ୍ତି, ପୂର୍ବତନ ସରପଂଚ ଅନନ୍ତ ପ୍ରସାଦ ପୋଇ, ହିମାଂଶୁ ପାଣିଗ୍ରାହୀ, ନାରାୟଣ ପଣ୍ଡା, ଜିତେନ୍ଦ୍ର ଦଳେଇ ଓ ବହୁ କର୍ମୀ ଯୋଗଦେଇଥିଲେ ।

# ଚାକିରି ଦେବା ନାମରେ ଠକେଇ : ଜଣେ ଗିରଫ

ଜୟପୁର ,୧୧/୨ (ନି.ପ୍ର): ଚାକିରି ଦେବା ନାମରେ ଶିକ୍ଷିତ ଯୁବକ ଓ ଯୁବତୀ ଠାରୁ ଲକ୍ଷାଧିକ ଟଙ୍କା ଲୁଟ କରିଥିବା ଅଭି ଯୋଗର ପ୍ରଦାଫାସ କରିଛି ଜୟପୁର ଟାଉନ ପୋଲିସ । ଏହି ମାମଲାରେ ଜୟପୁର ଲିଙ୍ଗରାଜ ନଗରର ସୁବାସ ଚୈଧୁରିକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଠାରୁ ୧୪ ଲକ୍ଷ ୭୬ ହଜାର ୯ ଶହ ୫୦ ଟଙ୍କା, ୨ଟି ମୋବାଇଲ, କମ୍ପୁଟର ସିଷ୍ଟମ, କାଗଜ ପତ୍ର କୁ ଜବତ କରିଛି । ଏନେଇ ସୁଚନା ଦେଇଛନ୍ତି ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହେରା । ପୋଲିସ ସୁଚନା ଅନୁଯାଇ ଦିନେଶ ଖିଲ ନାମକ ଯୁବକ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି ଯେ ଅନ ଲାଇନରେ ମାଧ୍ୟମରେ ଅଙ୍ଗନବାଡିରେ ଶିକ୍ଷକ ନିଯୁକ୍ତି କରିବା ପାଇଁ ଜାଣି ଶିକ୍ଷତ ଯୁବକ ଯୁବତି ମାନେ ଆବେଦନ କରିଥିଲେ। ଓ କମ୍ପାନିର ସୁବାସ ଚୈଧୁରି ସହ ସାକ୍ଷାତ କରିଥିଲେ ସେ ପ୍ରତ୍ୟେକ ଯୁବକ ଯୁବତି ପିଛା ୨୦ ହଜାର ଟଙ୍କା ଲେଖାଏ ଡିପୋଜିଟ କରିବାକୁ ପଡିବ କହିଥିଲେ । ଏହି ଡିପୋଜିଟ ୩ ବର୍ଷ ପରେ ଫେରସ୍ତ ହେବ । ଏହା ଜାଣି ଶିକ୍ଷତ ଯୁବତି ଯୁବକ ମାନେ ୨୦ ହଜାର ଟଙ୍କା ଦେଇ ନିଯୁକ୍ତି ପାଇଲେ । ସେମାନଙ୍କୁ କମ୍ପାନି ତରଫରୁ ନିଯୁକ୍ତି ପତ୍ର ମଧ ଦିଆ ଯାଇଥିଲା । ନିଯୁକ୍ତ ପାଇବା ପରେ ଯୁବକ ଯୁବତ ମାନେ ଅଙ୍ଗନବାଡୀ କର୍ମୀ କୁ ଯାଇ ଯୋଗ ଯୋଗ କରିଥିଲେ । ପରେ ସେ ମାନେ ଠକେଇର ଶୀକାର ହୋିଥିବା ଜାଣିଥିଲେ । ପାଖା ପାଖି ୯୪ ଜଣ ଙ୍କ ଯୁବକ ଯୁବତୀ ଠାରୁ ଟଙ୍କା ନେଇ ଥିବା ପୋଲିସ ଜାଣିବାକୁ ପାଇଛି । ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ସାମ୍ବାଦିକ ସମ୍ମିଳନିରେ ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ସୁଚନା ଦେଇଛନ୍ତି ।

## ତେଲେଙ୍ଗାନା ଇଟାଭାଟିରେ ଫସିଛନ୍ତି ୩୪ ଦାଦନ ଶ୍ରମିକ : ଉଦ୍ଧାର ପାଇଁ କଲେ ନିବେଦନ

ନୂଆପଡ଼ା,୧୧/୨ (ନି.ପ୍ର): ନୂଆପଡା ଜିଲ୍ଲାରେ ଦାଦନ ଶ୍ରମିକମାନେ କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟି ଯାଇ ଥିଲେ । ଏବେ ଇଟାଭାଟି ମାଲିକ ନିର୍ଯ୍ୟାତନା ଦେଉ ଥିବା ଅଭିଯୋଗ କରିଛନ୍ତି ନୂଆପଡା ଜିଲ୍ଲାର ଦାଦନ ଶ୍ରମିକମାନେ । ଏକ ଭିଡିଓ ଜରିଆରେ ଉଦ୍ଧାର ପାଇଁ ନିବେଦନ କରିଛନ୍ତି । କାମଧନ୍ଦା ଅଭାବରୁ ଗତ ଡିସେମ୍ବର ମାସରେ ନୂଆପଡା ଜିଲ୍ଲା କୋମନା ବ୍ଲକ ବେଲଗାଁ, କୋଟରିବାହାଲ, ମାଲପଡା, ଲୋହୋଣ୍ଡୋପାଲି,ଠାକୁରପାଲି ଆଦି ଗାଁର ୩୪ ଜଣ ଦାଦନ ଜଣେ ଶ୍ରମିକ ଦଲାଲ ସହାୟତାରେ ତେଲେଙ୍ଗାନା ବନଗିରିଥାନା ଚିକଡମାମଲି ଏସ.ବି.ଆଇ. ଇଟାଭାଟିକୁ ଯାଇ ଥିଲେ । ଏବେ ଇଟାଭାଟି ମାଲିକ ଶ୍ରମିକମାନଙ୍କୁ ମାଡ ପିଟ୍ କରିବା ସହ ଅକଥନୀୟ ନିର୍ଯ୍ୟାତନା ଦେଉ ଥିବା ଅଭିଯୋଗ କରିଛନ୍ତି । ଏକ ଭିଡିଓ ବାର୍ତ୍ତା ପଠାଇ ଉଦ୍ଧାର କରିବାକୁ ଅନୁରୋଧ କରିଛନ୍ତି ।

## ବୋଲେରୋକୁ ଧକ୍କା ଦେଲା ବେଦାନ୍ତ ଟ୍ରକ : ୨ ଆହତ

ବଲାଙ୍ଗିର,୧୧/୨ (ନି.ପ୍ର): ଲୋଇସିଙ୍ଗା ମହତାବ ହାଇସ୍କୁଲ୍ର ଆଗ ରେ ଗତ ରାତି ୨ ସମୟ ରେ ଗୋଟିଏ ବୋଲେରୋ ଠିଆ ଥିବା ବେଳେ ଜାତୀୟ ରାଜପଥ ରେ ସମ୍ବଲପୁର ପଟରୁ ଆସି ପଛପଟୁ ଧକ୍କାରେ ବୋଲେରୋ ଓଲଟି ଭାଙ୍ଗି ଚୁରମାର ହୋଇ ଥିବା ବେଳେ ଗାଡିରେ ଥିବା ୭ ଜଣ ଅଳ୍ପକେ ବର୍ତ୍ତୀ ଯାଇଥିବା ବେଳେ ଦୁଇଜଣ ଆଘାତ ପ୍ରାପ୍ତ ହୋଇଛନ୍ତି । ଦୁର୍ଘଟଣା ପରେ ଟ୍ରକ ଟି ଚାଲିଯାଇଥିବା ଜଣା ପଡିଛି ।

# ବିଜେଡି କର୍ମୀ ସମ୍ମିଳନୀ ଓ ନିର୍ବାଚନୀ ପ୍ରସ୍ତୁତି

ସମ୍ବଲପୁର,୧୧/୨ (ନି.ପ୍ର): ଧନକୋଉଡା ଜୋନ-୧, ଧନକୋଉଡ଼ା ଜୋନ-୨, ମାନେଶ୍ୱର ଜୋନ-୧ ର ୱାର୍ଡ ସ୍ତରୀୟ କର୍ମୀ ସମ୍ମିଳନୀ ବିଶାଳଖିଣ୍ଡା ଠାରେ ଅନୁଷ୍ଠିତ ହୋଇଥିଲା । ସେହିଭଳି ରେଙ୍ଗାଲି ଜୋନ-୧, ରେଙ୍ଗାଲି ଜୋନ-୨ ର ୱାର୍ଡସ୍ତରୀୟ ଏକ ବିଶାଳ କର୍ମୀସଭା କତରବଗା ନିକଟସ୍ଥ ଲୁଧିଆପାଲି ଠାରେ ହୋଇଥିଲା । ଏହି ଦୁଇ କର୍ମୀ ସମାବେଶରେ ବିଜୁ ଜନତା ଦଳ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ରାଜ୍ୟ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ, ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ, ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଇଂ. ସିଦ୍ଧାର୍ଥ ଦାସ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ତଥା ଖଲିକୋଟର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ପୂର୍ବତନ ରେଙ୍ଗାଲି ବିଧାୟକ ରମେଶ ଚନ୍ଦ୍ର ପଟୁଆ, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କିଶୋର ପତି, ଜିଲ୍ଲା ବିଜେଡି ଉପସଭାପତି ଅଶୋକ କୁମାର ମହାକୁର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ କାହ୍ନୁ ମିଶ୍ର ଓ ଏମ.ବି.ସତୟେନ, ଜିଲ୍ଲା ବିଜେଡି ଏସସି-ଏସଟି ସେଲ ସଭାପତି ମୋତିଲାଲ ତନ୍ତୀ, ଜିଲ୍ଲା ବିଜେଡି ସମ୍ପାଦକ ହେମନ୍ତ ପଣ୍ଡା ଓ ସୁଧୀର ପାଣିଗ୍ରାହୀ, ରାଜ୍ୟ ଯୁଗ୍ମ ସମ୍ପାଦକ ସଂଜିତ ମହାନ୍ତି ଓ ଇଂ. ଦିଲୀପ ଦୁରିଆ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ହୀରାଲାଲ ବେହେରା, ଜିଲ୍ଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ଜିଲ୍ଲା ଛାତ୍ର ବିଜେଡି ସଭାପତି ଡ଼.ସିଦ୍ଧାନ୍ତ ମହାନ୍ତି, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ଉର୍ମିଳା ପଣ୍ଡା, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ମିତାଲି ସାହୁ, ଜିଲ୍ଲା ମହିଳା ବିଜେଡି ସାଧାରଣ ସମ୍ପାଦିକା ସୁବର୍ଣ୍ଣା ନାୟକ, ସମ୍ବଲପୁର ଜୋନ୍ ମହିଳା ସଭାନେତ୍ରୀ ସବିତା ଆଚାର୍ଯ୍ୟ, ରଜନୀ ସାହୁ, ଶାନ୍ତନୁ ହୋତା, ଇଂ.ଗାନ୍ଧୀ ବେହେରା, ଗୋପାଳ ଅଗ୍ରୱାଲ, ଫଣିନ୍ଦର ପଟ୍ଟନାୟକ, ନିଶାନ୍ତ ଦୀକ୍ଷିତ, ଯାମିନୀ ବହିଦାର ପ୍ରମୁଖଙ୍କ ସହ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ । ଧନକୋଉଡ଼ା ଜୋନ-୧ ର ଜିଲ୍ଲା ପରିଷଦ ପ୍ରାର୍ଥୀ ସୁନୀଲ କୁମାର ମିଶ୍ର, ଧନକୋଉଡ଼ା ଜୋନ-୨ ର ଜିଲ୍ଲା ପରିଷଦ ପ୍ରାର୍ଥୀ ସୁଦର୍ଶନ ହରିପାଲ, ରେଙ୍ଗାଲି ଜୋନ-୧ ର ଜିଲ୍ଲା ପରିଷଦ ପ୍ରାର୍ଥୀ ଚୋଳଶ୍ରୀ ମହାନନ୍ଦ, ରେଙ୍ଗାଲି ଜୋନ-୨ର ଜିଲ୍ଲା ପରିଷଦ ପ୍ରାର୍ଥୀ ଦେନାରାୟଣ ତିୱାରୀ, ମାନେଶ୍ୱର ଜୋନ-୧ର ଜିଲ୍ଲା ପରିଷଦ ପ୍ରାର୍ଥୀ ସୁରଜା ସେଠ୍ ପ୍ରମୁଖ ଉପସ୍ଥିତ ରହିଥିଲେ । ସମସ୍ତ ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀ ମାନଙ୍କୁ କିଭଳି ବହୁ ସଂଖ୍ୟାରେ ବିଜୟୀ କରାଇ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସମସ୍ତ ଜନବାଦୀ ଓ ଲୋକାଭିମୁଖୀ ତଥା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଗୁଡ଼ିକର ସୁଫଳ ଜନସାଧାରଣ ପାଇ ପାରିବେ ସେ ଦିଗରେ ନିଷ୍ଠାର ସହ ଉଦ୍ୟମ କରିବାକୁ ଦଳୀୟ କର୍ମୀ ସଂଗଠକ ମାନେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି ।

# ବାଲିପଡ଼ା ପଚାଂୟତରେ ନିର୍ବାଚନ ମାହୋଲ୍ ଜମୁଛି

ପୁରୀ,୧୧/୨ (ନି.ପ୍ର): ପୁରୀ ସଦରବ୍ଲକରେ ଥିବା ୩୦ଟି ପଚାଂୟତରେ ଭୋଟଗ୍ରହଣ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ନିର୍ବାଚନ ପ୍ରଚାର କୋଭିଡ଼ କଟକଣା ମଧ୍ୟରେ ଧିରେ ଧିରେ ଜମୁଥିବା ଦେଖିବାକୁ ମିଳୁଛି । ଏହି ବ୍ଲକ ଅନ୍ତର୍ଗତ ବାଲିପଡ଼ା ଗ୍ରାମପଚାଂୟତରେ ନେତାଙ୍କ ଫୋକସ ଦେଖିବାକୁ ମିଳୁଛି । ଏହି ପଚାଂୟତରେ ସମିତି ସଭ୍ୟ ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର (ବାବୁ) ତାଙ୍କ ନିଜ ପଚାଂୟତରୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ବାଲିପଡ଼ା ପଚାଂୟତରେ ସମିତିସଭ୍ୟ ଭାବେ ପ୍ରାର୍ଥୀ ହୋଇଛନ୍ତି । ସେଥିପାଇଁ ନେତାଙ୍କ ଫୋକସରେ ବାଲିପଡ଼ା ପଚାଂୟତ ରହିଛି । ଅନ୍ୟପକ୍ଷରେ ବିଜେଡ଼ି ଜିଲ୍ଲା ସଭାପତି ମହେଶ୍ୱର ମହାନ୍ତି ଓ ରାଜ୍ୟ ଯୁବ ବିଜେଡ଼ି ଉପସଭାପତି ଶୁଭାଶିଷ ଖୁଂଟିଆ (ଲକି) ୩୦ଟି ଯାକ ପଚାଂୟତରେ ଉଭୟଙ୍କ ସମର୍ଥୀତ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ବ୍ଲକ ଚେୟାରମ୍ୟାନ ପଦବୀ ଦଖଲ ପାଇଁ ପ୍ରାକ୍ ପ୍ରସ୍ତୁତି ଯୋଜନାରେ ବାବୁ ରହିଥିବାରୁ ସେଥିପାଇଁ ବାଲିପଡ଼ାରେ ନେତାଙ୍କ ପ୍ରଚାରରେ ପ୍ରାଧାନ୍ୟତା ବଢିଛି । ସେହି ପଚାଂୟତରୁ ସମିତିସଭ୍ୟ ଭାବେ ଶିକ୍ଷିତ ଆଇନଜୀବୀ ରାମଚନ୍ଦ୍ର ମହାପାତ୍ରଙ୍କ ତାଲା ଓ ଚାବି ଚିହ୍ନ ପ୍ରତି ପଚାଂୟତବାସୀଙ୍କ ଶ୍ରଦ୍ଧା ରହିଥିବା ଦେଖିବାକୁ ମିଳିଛି । ସମିତିସଭ୍ୟ ଭାବେ ଚାରିଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ଜୟକୃଷ୍ଣ ଶତପଥୀ କେଟିଲି ଚିହ୍ନ, ଦିବାକର ପାତ୍ର ଷ୍ଟୁଲ ଚିହ୍ନ, ପ୍ରସନ୍ନ ମିଶ୍ରଙ୍କ ବସ୍ ଚିହ୍ନ ଓ ରାମଚନ୍ଦ୍ର ମହାପାତ୍ରଙ୍କ ତାଲା ଓ ଚାବି ଚିହ୍ନରେ ପ୍ରଚାର ମାହୋଲ ଜମୁଥିବା ଦେଖିବାକୁ ମିଳିଛି । ସେହିପରି ସରପଚଂ ଭାବେ କନକଲତା ଭୋଇ, କଳ୍ପନା ପଲେଇ, ଜିତା ବେହେରା, ନମିତା ମିଶ୍ର, ବାସନ୍ତି ଭୋଇ, ସସ୍ମିତା ରଣସିଂହ, ସ୍ୱର୍ଣ୍ଣଲତା ତ୍ରିପାଠୀ ଓ ଲକ୍ଷ୍ମୀପ୍ରିୟା ପରିଡ଼ା ନିଜ ନିଜ ଚିହ୍ନକୁ ନେଇ ପ୍ରଚାର କରୁଛନ୍ତି । ସେହି ପଚାଂୟତରେ ୧୪ ଟି ୱାର୍ଡ଼ ରହିଥିବା ବେଳେ ୪ହଜାର ୩୬୩ ଜଣ ଭୋଟର ରହିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏଠାରେ ସମିତି ସଭ୍ୟ ପାଇଁ ଦୁଇଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ଚାଳିଶା ବାଟିଆ ପଚାଂୟତର ଭୋଟର ହୋଇଥିବା ବେଳେ ଅନ୍ୟ ଜଣେ ବାଲିପଡ଼ା ଠାରୁ ୩୦ କିଲୋମିଟର ଦୂର ସମଙ୍ଗ ପଚାଂୟତର ଭୋଟର ହୋଇଥିବା ଜଣାପଡ଼ିଛି । ଦୁଇଜଣ ପ୍ରାର୍ଥୀ ପଚାଂୟତ ବାହାର ପ୍ରାର୍ଥୀ ହୋଇଥିବାରୁ ଭୋଟରମାନଙ୍କ ଫୋକସ ରାମଚନ୍ଦ୍ର ଓ ପ୍ରସନ୍ନଙ୍କ ଉପରେ ରହିଛି ।

# ଅତ୍ୟଧିକ ଶୀତରୁ ରକ୍ଷା ପାଇବେ କିପରି

**ଶୀତ ଲହରୀରେ ଯଦି ଶରୀର ପ୍ରତି ଯତ୍ନ ବାନ ନ ହେବେ ଖୁବ୍ କ୍ଷତି ସହିବାକୁ ପଡିବ । ଆସନ୍ତୁ ଜାଣିବା ଅତ୍ୟଧିକ ଶୀତରୁ କିପରି ରକ୍ଷା ପାଇବା ।**



- ଶରୀରର ତାପମାନ ନିୟନ୍ତ୍ରଣରେ ର୍ଖିବା ପାଇଁ ଭୁଲ୍‌ରେ ବି ଖାଲି ପେଟ ରୁହନ୍ତୁ ନାହିଁ । ପେଟପୂରା ଖାଦ୍ୟ ଖାଆନ୍ତୁ । ଅଧିକ ଥଣ୍ଡା ବା ଗରମ ପାଣି ପିଅନ୍ତୁ ନାହିଁ ।
- ଖାଦ୍ୟରେ ରାଶି, ବାଦାମ, ଡ୍ରାଏ ଫ୍ରୁଟ୍ ଓ ଅଦାର ବ୍ୟବହାର ଅଧିକ କରନ୍ତୁ । ଏପରି କରିବା ଦ୍ୱାରା ଶରୀରର ତାପମାତ୍ରା ବଢିବ ।
- ହାର୍ଟ ଓ ରକ୍ତଚାପ ସମସ୍ୟା ଥିବା ବ୍ୟକ୍ତି ସକାଳୁ ଥଣ୍ଡାରେ ବାହାରକୁ ଯିବା ଉଚିତ୍ ନୁହେଁ । ଘରୁ ବାହାରିବା ପୂର୍ବରୁ ଶୀତବସ୍ତ୍ର ଅବଶ୍ୟ ପିନ୍ଧନ୍ତୁ ।
- ସକାଳୁ ଉଠି ଅଳ୍ପ ବ୍ୟାୟାମ କରନ୍ତୁ ।
- ସକାଳୁ ବବା ରାତିରେ ଟଏଲେଟ୍ ଯିବାବେଳେ କାନରେ ଥଣ୍ଡା ପବନ ବାଜିବାକୁ ଦିଅନ୍ତୁ ନାହିଁ ।
- ଖାଦ୍ୟରେ ଲୁଣର ମାତ୍ରା ସୀମିତ ରଖନ୍ତୁ । ଶୀତରେ ଅଳସୀ ମଞ୍ଜି ଓ ରାଶି ବ୍ୟବହାର କରନ୍ତୁ ।

# ବ୍ୟୁଟି ପାର୍ଲରରୁ ରୋଗ ଆଣୁଛନ୍ତି କି ?

*ପ୍ରତ୍ୟେକ ବର୍ଗର ମହିଳା ଓ ଯୁବତୀମାନେ ମାସକୁ ଅତିକମ୍‌ରେ ଥରୁଟିଏ ବ୍ୟୁଟି ପାର୍ଲର ନିଶ୍ଚୟ ଯାଉଛନ୍ତି । କେଶସଜ୍ଜା ହେଉ କିମ୍ବା ଫେସିଆଲ୍ ଅବା ଥ୍ରେଡିଙ୍ଗ, କୌଣସି ନା କୌଣସି ନିମନ୍ତେ ସେମାନେ ପାର୍ଲର ଯାଇଛନ୍ତି । ପାର୍ଲର ଯାଉଥିଲେ, ଆପଣମାନେ ସତର୍କ ମଧ ରହିବା ଆବଶ୍ୟକ । ନଚେତ୍ ପାର୍ଲରରେ ମଧ ତ୍ୱଚା ସଂକ୍ରମଣ ହେବାର ଭୟ ରହିଛି । ଏହି କାରଣରୁ ରୋଗାଗ୍ରସ୍ତ ହେବାର ଆଶଙ୍କା ସର୍ବାଧିକ ।*

- ନାମୀ-ଦାମୀ ପାର୍ଲର ପଛରେ ନ ଧାଇଁ ବରଂ ଯେଉଁ ପାର୍ଲର ପରିଷ୍କାର ରହୁଛି, ସେଠାକୁ ଯିବା ଉଚିତ ।
- ପାର୍ଲରରେ କାମ କରୁଥିବା ବ୍ୟୁଟିସିଆନ୍‌ଙ୍କ ପରିଚ୍ଛନ୍ନତା ଉପରେ ଧାନ ଦିଅନ୍ତୁ, କାରଣ ତାଙ୍କ ହାତ ଅପରିଷ୍କାର ଥିଲେ, ପ୍ରଥମେ ଆପଣ ହିଁ ରୋଗଗ୍ରସ୍ତ ହେବେ ।
- କେଶ କାଟିବା ପରେ ତୁରନ୍ତ ଘରକୁ ଆସି ଶ୍ୟାମ୍ପ କରିନେବେ । କାରଣ ପାର୍ଲରର ସେହି ପାନିଆ ଓ କଇଁଚିର ବ୍ୟବହାର ଅନେକ ମହିଳାଙ୍କ କେଶରେ ହୋଇଥିବ ।
- ପାର୍ଲରର ଗାଉନ୍ ପରିବର୍ତ୍ତେ ଘରୁ ନିଜ ପୋଷକ ନେଇ ସେଠାରେ ବ୍ୟବହାର କରନ୍ତୁ ।
- ବିବାହ କିମ୍ବା ପାର୍ଟି ନିମନ୍ତେ ସଜ ହେଉଥିଲେ,ନିଜ ଲିପ୍‌ଷ୍ଟିକ୍, ଆଇଲାଇନର୍, ଫେସ୍ ପାଉଡର୍ ଓ ଫାଉଣ୍ଡେସନ୍‌ର ପ୍ରୟୋଗ କରନ୍ତୁ ।



# ବାକ୍ସ ଭିତରେ ଶୋଉଥିଲେ ୟୁରୋପୀୟ

ମଧ୍ୟଯୁଗରେ ୟୁରୋପୀୟମାନେ ବହୁ ଛୋଟ ଘରେ ରହୁଥିଲେ । ଘର ବଡ ହୋଇଥିଲେ ମାଲିକ ସହ ସେହି ଘରେ ଚାକର ବି ଶୋଉଥିଲେ । ଏପରି ସ୍ଥଳେ ଘର ପରଦା ସେମାନଙ୍କୁ ଅଳ୍ପ ସ୍ୱାଧୀନତା ହେଉଥିଲା । ସମ୍ପୂର୍ଣ୍ଣ ପ୍ରାଇଭେସି ପାଇଁ ବକ୍ସ ଭିତରେ ଶୋଇବାକୁ ହେଉଥିଲା । ବ୍ରିଟେନ୍, ନେଦରଲାଣ୍ଡସ, ସ୍କଟ୍‌ଲାଣ୍ଡ, ଫ୍ରାନ୍ସର ଲୋକମାନେ ବକ୍ସ ବେଡ୍ ଭିତରେ ଶୋଉଥିଲେ । ବକ୍ସ ବେଡ୍ ଦେଖିବାକୁ ପ୍ରକାଣ୍ଡ କାଠ କପ୍‌ବୋର୍ଡ ସଦୃଶ । ତା' ଭିତରେ ଖଟ ଓ କବାଟ ଥାଏ । କବାଟ ବ୍ୟତୀତ କେହି କେହି ପରଦା ଝୁଲାନ୍ତି । ଏହା ଲୋକଙ୍କୁ ବ୍ୟକ୍ତିଗତ ସ୍ୱାଧୀନତା ପ୍ରଦାନ କରିବା ସହ ଶୀତ ଦିନେ ଉଷ୍ମମ ରଖିବାରେ ସାହାଯ୍ୟ କରୁଥିଲା । ଏହା ବାଦ୍ ବିଭିନ୍ନ ଜୀବଜନ୍ତୁ ତଥା ପୋକଙ୍କଠାରୁ ବକ୍ସ ଖଟ ସୁରକ୍ଷା ଦେଉଥିଲା । କୃଷକମାନେ କାମକୁ ଯିବା ବେଳେ ପିଲାଙ୍କୁ ବକ୍ସ ଖଟ ଭିତରେ ଶୁଆଉ ଯାଉଥିଲେ । ୧୮ ଶତାବ୍ଦୀରେ ଅନେକ କ୍ୟାବିନେଟ୍ ନିର୍ମାତା ସିକ୍ରେଟ୍ ବକ୍ସ ବେଡ୍ ଡିଜାଇନ୍ କଲେ । ଊନବିଂଶ ଶତାବ୍ଦୀରେ ଏହାର ପ୍ରଚଳନ ଧୀରେ ଧୀରେ କମିଲା । ସ୍କଟଲାଣ୍ଡରେ ୧୯୦୦ ଦଶକରୁ ମକ୍ସ ବେଡ୍‌ରେ ଶୋଇବା ପ୍ରଥା ପ୍ରଚଳିତ ଥିଲା ।

## ଅନ୍-ଲାଇନ୍‌ରେ ଶୀତ ବଜାର

- ଅନ୍-ଲାଇନ୍ କମ୍ପାନୀଗୁଡିକର ବିକ୍ରି ବଢିବାରେ ଲାଗିଛି । ଶୀତର ପଶମ ପୋଷାକ, ଜ୍ୟାକେଟ୍, ସ୍କାର୍ଫ, ବୁଟ୍, କମ୍ବଳ ଇତ୍ୟାଦିର ବିକ୍ରି ଚଳିତଥର ୨୫% ବଢିଥିବାର ପରିମାଣରେ ରିଆତି ମିଳୁଥିବାରୁ ସେମାନେ କିଣିବାରେ ପ୍ରତିଯୋଗିତା ଲଗାଇଛନ୍ତି ।
- ଦିଲ୍ଲୀ ନିବାସୀ ବର୍ଷୀୟା ଜ୍ୟୋତିଙ୍କ ମତରେ, ଏ ବର୍ଷ ଶୀତରେ ସେ ମନଭରି ସପିଂ କରିଛନ୍ତି । ଭଲ ରିହାତି ମିଳୁଥିବାରୁ ଜ୍ୟାକେଟ୍ ଓ ଷ୍ଟାଇଲିଶ୍ ବୁଟ୍ କିଣିବାରେ ସେ ହେଳା କରିନଥିଲେ ।

# ଅଳିଆ ଗଦାରେ ଫିଙ୍ଗି ଦେଇଥିଲେ ୧୪ ଲକ୍ଷ, କର୍ମଚାରୀ ଫେରାଇ ଦେଲେ



ଇଂଲଣ୍ଡର ବର୍ଣ୍ଣହାମ୍-ଅନ୍-ସିରେ ରହୁଥିବା ଜଣେ ଦମ୍ପତି ସମ୍ପର୍କୀୟଙ୍କ ମୃତ୍ୟୁ ପରେ ଘରର ସଫେଇ ଅବସରରେ ଅଳିଆ ଆବର୍ଜନା ସହ ଏକ ଡବାକୁ ରିସାଇକ୍ଲିଂ ସେଣ୍ଟରକୁ ଦେଇଥିଲେ । ସେଣ୍ଟରର ଜଣେ କର୍ମଚାରୀ ଏହି ଡବାକୁ ରିସାଇକେଲ କରିବା ପୂର୍ବରୁ ଭିତରେ ଚେକ୍ କରିଥିଲେ । ଡବା ଭିତରେ ଥିଲା ୧୫ ହଜାର ପାଉଣ୍ଡ । ଭାରତୀୟ ମୁଦ୍ରାରେ ପାଖାପାଖି ୧୪ ଲକ୍ଷ ଟଙ୍କା । ଏହା ପରେ କର୍ମଚାରୀ ଜଣକ ପୁଲିସକୁ ସୂଚନା ଦେଇଥଲେ । ତେବେ ପୁଲିସ ପାଇଁ ଏହା ଖୋଜିବା ସହଜ ନଥିଲା । ହେଲେ ସିସିଟିଭି ଫୁଟେଜ୍ ଆଧାରରେ କାର୍ ନମ୍ବରରୁ ଜଣାପଡିଥିଲା ଦମ୍ପତିଙ୍କ ଘରର ଠିକଣା । ପରେ ଦମ୍ପତି ନିଜ ଡବାକୁ ଚିହ୍ନିଥିଲେ ।

ଦମ୍ପତିଙ୍କୁ ତାଙ୍କ ଟଙ୍କା ଫେରାଇବା ପରେ ପୁଲିସ ରିସାଇକ୍ଲିଂ ସେଣ୍ଟରର ସେହି କର୍ମଚାରୀଙ୍କୁ ତାଙ୍କ ସଚ୍ଚୋଟପଣିଆ ପାଇଁ ଧନ୍ୟବାଦ ଜଣାଇଥିଲେ । ଏହି ସୂଚନାକୁ ପୁଲିସ ନିଜ ଫେସ୍‌ବୁକ୍ ପୋଷ୍ଟରେ ଅପଲୋଡ ମଧ କରିଛି । ଏ ସମ୍ପର୍କରେ ଉକ୍ତ ଦମ୍ପତି କହିଛନ୍ତି ଯେ, ଆମର ଜଣେ ସମ୍ପର୍କୀୟ ଡବାରେ ଟଙ୍କା ରଖିବାର ଆମେ ଦେଖିଥିଲୁ । ସେବେ ଠାରୁ କିଛି ସଞ୍ଚିତ ଅର୍ଥକୁ ବିଶ୍ୱାସ କରିପାରୁନାହିଁ ଯେ ଆମେ ଆମର ଟଙ୍କାକୁ ଫେରି ପାଇଛୁ ।

# କାର୍ଯ୍ୟାଳୟରେ ଦେଖାଯିବେ ଷ୍ଟାଇଲିଶ୍

**କର୍ମଜୀବୀ ମହିଳାମାନେ ଆଜିକାଲି ନିଜ ମେକଅପ୍ ଓ ପୋଷାକ ପରିଚ୍ଛଦ ନେଇ ଖୁବ୍ ସଚେତନ । ତେବେ କାର୍ଯ୍ୟାଳୟରେ ନିଜ ଷ୍ଟାଇଲ୍ ତଥା ବେଶପୋଷାକକୁ କିପରି ଅଧିକ ଆକର୍ଶଣୀୟ କରିବେ, ସେ ନେଇ କେତୋଟି ଟିପ୍ସ :**

- କୁର୍ତ୍ତା ଓ ଚୁଡିଦାର କାର୍ଯ୍ୟାଳୟ ପାଇଁ ସବୁଠୁ ଉତ୍ତମ ପୋଷାକ ଅଟେ । ଏହାକୁ ଅଧିକ ଆକର୍ଷଣୀୟ କରିବାପାଇଁ ଛୋଟ ସ୍କାର୍ଫ ମଧ ପିନ୍ଧିପାରିବେ ।
- ଜିନ୍ସ ସହ ଲମ୍ବା କୁର୍ତ୍ତା କିମ୍ବା ଫର୍ମାଲ ସାର୍ଟ ମଧ ଯୁବତୀ ତଥା ମହିଳାମାନେ ପିନ୍ଧିପାରିବେ । ଏହା କାର୍ଯ୍ୟାଳୟ ପାଇଁ ଉତ୍ତମ ଅଟେ ।
- ପର୍ବପର୍ବାଣି ତଥା ଉତ୍ସବରେ ପାରମ୍ପରିକ ପୋଷାକ ତଥା ଶାଢ଼ି ପିନ୍ଧିବା ଗ୍ରହଣୀୟ ଅଟେ ।
- କାର୍ଯ୍ୟାଳୟରେ କେଶ ଖୋଲା କରିବା ପରିବର୍ତ୍ତେ ବିଭିନ୍ନ ଡିଜାଇନ୍‌ରେ କେଶ ଖୋସା କରିବା ଉଚିତ ।
- ଜୋତା ବାବଦରେ ମଧ ସଚେତନ ରହିବା ଉଚିତ । କାର୍ଯ୍ୟାଳୟରେ ନିୟମିତ ଭାବରେ ଫ୍ଲାଟ୍ ଜୋତା ପିନ୍ଧିବା ଯୁବତୀଙ୍କ ପକ୍ଷେ ଭଲ ।



# ପର୍ଣ୍ଣ ଦେଖିବାରେ ଭାରତୀୟ ଅଗ୍ରଣୀ !



ଦେଶରେ ସ୍ମାର୍ଟଫୋନ୍ ବ୍ୟବହାର ବଢିବା ସହ ପର୍ନ ଦେଖୁଥିବା ଲୋକଙ୍କ ସଂଖ୍ୟା ରେକର୍ଡ ସ୍ତରରେ ପହଞ୍ଚିଛି । ଏକ ରିପୋର୍ଟରୁ ଜଣାପଡିଛି ୨୦୨୧ ରେ ୮୯% ମୋବାଇଲ ୟୁଜର୍ ସ୍ମାର୍ଟଫୋନ୍‌ରେ ପର୍ନ ଦେଖିଛନ୍ତି । ୮୧% ସହିତ ଆମେରିକା ଦ୍ୱିତୀୟ, ୭୯% ସହିତ ବ୍ରାଜିଲ ତୃତୀୟ ସ୍ଥାନରେ ଅଛି । ଶସ୍ତା ଡାଟା ପ୍ଲାନ୍ ଓ ସ୍ମାର୍ଟଫୋନ୍ ଦାମ୍ କମିବା ଏହାର କାରଣ । ପ୍ରତି ୪ରୁ ୩ ଜଣ ମୋବାଇଲରେ ପର୍ନ ଦେଖୁଛନ୍ତି । ଆଡଲ୍ଟ ଏଣ୍ଟରେନ୍‌ମେଣ୍ଟ ୱେବସାଟ୍ ପର୍ନହବ୍ ରିପୋର୍ଟ ଅନୁଯାୟୀ ଗତ ବର୍ଷ ଏହି ୱେବସାଇଟ୍‌ର ମୋବାଇଲ ଟ୍ରାଫିକ୍ ସେୟାର ୭୭% ପର୍ଯ୍ୟନ୍ତ ପହଞ୍ଚିଛି ଯାହା ୨୦୧୮ ତୁଳନାରେ ୧୦% ଅଧିକ । ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଇଣ୍ଟରନେଟ୍‌ରେ ପର୍ନ ସାଇଟ୍ ଓ ଅନ୍ୟ ଅନୁଚିତ ସାମଗ୍ରୀ ଉପରେ କଟକଣା ଲଗାଇବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି । ପର୍ନ ସାଇଟ୍‌ଗୁଡିକ ବିଶେଷ ଭାବେ ଯୁବପିଢିଙ୍କୁ ପଥଭ୍ରଷ୍ଟ କରୁଛି । ନୀତୀଶ କୁମାର କହିଛନ୍ତି ଏଭଳି ୱେବସାଇଟ୍‌ର ସୁଲଭତା ଦୁଷ୍କର୍ମ–ଓ ହତ୍ୟାର ଅନ୍ୟତମ କାରଣ ।

# ପିଲାଙ୍କ ସହ ପିଲା ବନିବା ଜରୁରୀ



ପିଲାଦିନର କଥା ଅନେକ ସମୟରେ ମନେପଡେ । ମାଆ-ବାପା ହେଲା ପରେ ଯଦି ଆପଣ ପୁଣି ଥରେ ସେହି ପିଲାଦିନକୁ ଫେରିଯାଆନ୍ତ, ଦେଖିବେ ସମୟଟା ବେଶ ହସଖୁସିରେ, ମଉଜମସ୍ତିରେ କଟିଯିବ । ନାଁ ଥିବ ଅଫିସର ମାନସିକ ଚାପ ନାଁ ଦେଖାଦେବ ପାରିବାରିକ ସମସ୍ୟା । ପିଲାଙ୍କ ସହ ଥରେ ପିଲା ବନିଯାଆନ୍ତୁ, ତାଙ୍କ ସହ ଖେଳନ୍ତୁ, ତାଙ୍କ ସହ କାର୍ଟୁନ୍ ଦେଖନ୍ତୁ, ତାଙ୍କ ସହ ବିନା ଚିନ୍ତାରେ ବୁଲନ୍ତୁ । ଏହାର ଫାଇଦା ଖାଲି ଆପଣଙ୍କୁ ନୁହେଁ ବରଂ ପିଲାଙ୍କୁ ମଧ ହେବ । ସେମାନେ ଆପଣଙ୍କୁ ନିଜର ପ୍ରକୃତ ବନ୍ଧୁ ବୋଲି ଭାବିବେ ଏବଂ ନିଜର ସବୁ ଭଲ ମନ୍ଦ, ସୁବିଧା ଅସୁବିଧା ବିନା ଦ୍ୱିଧାରେ ବଖାଣିବେ । ଅନେକ ସମୟରେ ୧୦ରୁ ୧୨ ବର୍ଷର ପିଲା ବାପା-ମାଆଙ୍କ ଭୟରେ ନିଜର ସୁବିଧା ଅସୁବିଧା, ଭୁଲ୍ ତ୍ରୁଟିକୁ ଘରେ କହିନଥାନ୍ତି । ସ୍କୁଲର ଅନେକ ଘଟଣା ଲୁଚାଇ ରଖନ୍ତି । ଏପରି ସମୟ ଆସେ ଯେତେବେଳେ ସେମାନେ ପାଠ ପଢ଼ିବାକୁ ଡରିଥାନ୍ତି । ଭିତରେ ଭିତରେ ଜନ୍ମ ନେଇଥାଏ ମାନସିକ ଅବସାଦ । ସାଙ୍ଗ ସାଥିଙ୍କ ସହ ପ୍ରତିଯୋଗିତାରେ ସେମାନେ ନିଜକୁ ମାନସିକ ସ୍ତରରେ ଦୁର୍ବଳ ବୋଲି ଧରିନେଇଥାନ୍ତି । ଏହାର କାରଣ ହେଉଛି ସେମାନଙ୍କ ମନରେ ଜନ୍ମ ନେଇସାରିଥିବା ଭୟ । ତେଣୁ ପିଲାଙ୍କୁ ପିଲାଙ୍କ ସହ ପିଲାଙ୍କ ଭଳି ବ୍ୟବହାର କଲେ ସେମାନେ ମଧ ଭଲ ବନ୍ଧୁଟିଏ ଭାବେ ଆପଣଙ୍କ ଆଗରେ ବଖାଣି ପାରନ୍ତି ନିଜର ଅସୁବିଧା ସବୁ । ବାପାଙ୍କ ମାଡ ଭୟ ଏବଂ ମା'ର ଗାଳିକୁ ଡରି ନିଜ କଥା ନିଜେ ଭିତରେ ଲୁଚାଇ ପିଲାଟି ବଡ ହେଲା ବେଳକୁ ବଡ ଅସୁବିଧାରେ ପଡିଯାଇଥାଏ । ଗବେଷଣାରୁ ଜଣାପଡିଛି ଯେ, ଯେଉଁ ବାପା-ମାଆ ମାନେ ପିଲାଙ୍କ ସହ ପିଲାଙ୍କ ଭଳି ଅଧିକ ସମୟ କାଟି ଥାଆନ୍ତି ସେମାନେ ନିଜେ ଯେ, ଖାଲି ମାନସିକ ଖୁସିରେ ରୁହନ୍ତି ତାହା ନୁହେଁ, ବରଂ ସେମାନଙ୍କ ପିଲାମାନେ ମଧ ଏକ ସୁସ୍ଥ ବାତାବରଣରେ ଆଗକୁ ବଢ଼ି ଲକ୍ଷସ୍ଥଳରେ ପହଞ୍ଚିବାରେ ସଫଳ ହୋଇଥାନ୍ତି । ତେଣୁ କର୍ମବ୍ୟସ୍ତ ସମୟରୁ କିଛି ସମୟ ପିଲାଙ୍କୁ ଦେବା ବର୍ତ୍ତମାନ ସମୟରେ ଅତି ଜରୁରୀ ହୋଇପଡିଛି ।

# କର୍ମଜୀବି ମହିଳାଙ୍କ ପାଇଁ ବିୟୁଟି ଟିପ୍‌ସ

**ଯଦି ଆପଣ ଅଫିସ୍ ଯାଉଛନ୍ତି ତେବେ ଅଫିସ୍ ଅନୁସାରେ ମେକ୍ ଅପ୍ କରନ୍ତୁ । ଆପଣଙ୍କ ଅଫିସ୍ ଯଦି ରଙ୍ଗିନ୍ ଲାଇଟିଙ୍ଗର ହୋଇଥାଏ, ତେବେ ଆପଣ ଅଫିସର ପରିବେଶରେ ଅଲଗା ଦେଖାଯିବେ । କର୍ମଜୀବୀ ମହିଳା ମାନଙ୍କ ପାଇଁ କେତେକ ବିୟୁଟି ଟିପ୍‌ସ ନିମ୍ନରେ ଦିଆଗଲା । ଯାହାକୁ ଆପଣ ଫଲୋ କରିପାରିବେ ।**

- ଯଦି ଆପଣଙ୍କ ରଙ୍ଗ ଗୋରା ତେବେ ଫାଉଣ୍ଡେସନ୍ର ବ୍ୟବହାର ନ କରିବା ପାଇଁ ଚେଷ୍ଟା କରନ୍ତୁ । ଚେହେରାର କ୍ଲିଞ୍ଜିଙ୍ଗ୍ ଏପରି ସନ୍‌ସ୍କିନ୍ ଦ୍ୱାରା କରନ୍ତୁ ଯେଉଥିରେ ମଇଶ୍ଚରାଇଜରର ମାତ୍ରା ଅଧିକ ଥିବ । ଯଦି ଆପଣ ଫାଉଣ୍ଡେସନ୍ ଲଗାଇବାକୁ ଚାହୁଁଥିବେ ତେବେ ସେଥିରେ ପାଣି ଏକ ବା ଦୁଇ ବୁନ୍ଦା ମିଶାଇ ତାକୁ ପାଣି ସହ ହାଲୁକା ରଙ୍ଗ ଦେଇ ଲଗାଇପାରିବେ ।
- ଯଦି ଆପଣଙ୍କ ସ୍କିନ୍ ଶୁଷ୍କ ତେବେ ଆପଣ କ୍ରିମ୍ ଯୁକ୍ତ ଫାଉଣ୍ଡେସନ୍‌ର ଉପଯୋଗ କରନ୍ତୁ । କିନ୍ତୁ ସେଥିରେ ମଧ ପାଣିର ଏକ ବା ଦୁଇ ବୁନ୍ଦା ମିଶାଇ ଦିଅନ୍ତୁ । ତା'ପରେ ଚେହେରାରେ ଲଗାନ୍ତୁ । ଆପଣଙ୍କ ସ୍କିନ୍‌କୁ ଧ୍ୟାନରେ ରଖି ଫାଉଣ୍ଡେସନ୍‌ର ଚୟନ କରନ୍ତୁ ।
- ଆଖିର ସୌନ୍ଦର୍ଯ୍ୟ ବଢାଇବା ପାଇଁ ଆଇପେନ୍‌ସିଲ୍‌ର ଉପଯୋଗ କରନ୍ତୁ ଓ ଆଇ ଶାଡୋ ଗ୍ରେ କଲରର ଲଗାନ୍ତୁ ।
- ଏହାପରେ ମସ୍କରା ଲଗାନ୍ତୁ । ମସ୍କରାକୁ ଦୁଇଟି ପରସ୍ତରେ ଲଗାନ୍ତୁ । ପ୍ରଥମ ପରସ୍ତ ଶୁଖିଗଲା ପରେ ପୁଣି ଦ୍ୱିତୀୟ ଥର ଲଗାନ୍ତୁ । ଯଦି ଗୋଟିଏ ପରସ୍ତ ଲଗାଇବାକୁ ଚାହାନ୍ତି ତେବେ ତାକୁ ଗାଢ କରି ଲଗାନ୍ତୁ ।
- ଏବେ ଆପଣଙ୍କ ସ୍କିନ୍‌କୁ ମ୍ୟାଚ୍ କଲାପରେ କମ୍ପ୍ୟାକ୍ଟ ଲଗାନ୍ତୁ । ଏହା ଚେହେରାକୁ ଚମକ ପ୍ରଦାନ କରେ । ଫ୍ରେସ୍ ପାଉଡର ବା କମ୍ପ୍ୟାକ୍ଟ ପାଉଡରର ବ୍ୟବହାର କରନ୍ତୁ ।
- ଯଦି ଆପଣ ଅଏଲି ସ୍କିନ୍ ତେବେ ଅଏଲି ସ୍ଥାନରେ ଅଧିକ ପାଉଡର ଲଗାନ୍ତୁ ନାହିଁ ।



# ପିଆଜ ବେସନ ତରକାରୀ

**ଅଧିକାଂଶ ଲୋକ ପିଆଜ ଖାଇବାକୁ ବହୁତ ପସନ୍ଦ କରନ୍ତି । ପିଆଜ ପକୁଡି ଭାବରେ ବା ତରକାରୀରେ । ତେବେ ଆଜି ପିଆଜ ବେସନର ସ୍ୱାଦିଷ୍ଟ ତରକାରୀ ବିଷୟରେ ଜାଣିବା ।**



**ଆବଶ୍ୟକ ପ୍ରଣାଳୀ :**

(୧) କଟାଯାଇଥିବା ପିଆଜ - ୨ଟି, (୨) ଅଦା, ରସୁଣ ପେଷ୍ଟ - ଗୋଟେ ଗିନା, (୩) କଟାଯାଇଥିବା କଞ୍ଚାଲଙ୍କା - ୨ଟି, (୪) କଟାଯାଇଥିବା ଟମାଟୋ - ୨ଟି, (୫) ହଳଦୀ - ଚାମଚ, (୬) ଗରମ ମସଲା -୧ ଚାମଚ, (୭) ଜୁଆଣି -୧ ଛୋଟ ଚାମଚ, (୮) ଜିରା - ୧ଛୋଟ ଚାମଚ, (୯) ଧନିଆ ପାଉଡର - ୧ ବଡ ଚାମଚ, (୧୦) ଲାଲ ମିର୍ଚି ପାଉଡର -୧ ଚାମଚ, (୧୧) ଲୁଣ ସ୍ୱାଦ ଅନୁସାରେ, (୧୨) ତେଲ ଆବଶ୍ୟକ ଅନୁସାରେ, (୧୩) କଟାଯାଇଥିବା ଧନିଆ ପତ୍ର ।

**ପ୍ରଣାଳୀ :**

ମଧ୍ୟମ ଆଞ୍ଚରେ ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ । ସେଥିରେ ଜିରା, ପିଆଜ, ଅଦା, ରସୁଣ ପେଷ୍ଟ, କଞ୍ଚାଲଙ୍କା ପକାଇ ଭାଜନ୍ତୁ । ପରେ ହଳଦୀ, ଧନିଆ ପାଉଡର, ଲାଲମିର୍ଚି ପାଉଡର ଓ ଲୁଣ ମିଶାଇ ଚଲାନ୍ତୁ ଓ ଭଲ ଭାବରେ ମିଶାଇ ଦିଅନ୍ତୁ । ଟମାଟୋ ପକାଇ ନରମ ହେବା ପର୍ଯ୍ୟନ୍ତ ଚଲାନ୍ତୁ । ସେଥିରେ ଅଳ୍ପ ପାଣି ମିଶାଇ ଦୁଇ ତିନି ମିନିଟ୍ ଘୋଡେଇ ଦିଅନ୍ତୁ । ପକୁଡି ତିଆରି କରିବାପାଇଁ ଏକ ପାତ୍ରରେ ବେସନ, ପିଆଜ, ଲଙ୍କା, ଜୁଆଣି, ଅଦା ଲଙ୍କା ପେଷ୍ଟ, ଧନିଆ ପତ୍ର, ଲୁଣ, ଟିକେ ଲାଲ୍ ମିର୍ଚି ପାଉଡର ଓ ହଳଦୀ ଦେଇ ମିଶାନ୍ତୁ । ଅନ୍ୟ ଏକ କଡାଇରେ ତେଲ ଗରମ କରି ପକୁଡି ଛାଣନ୍ତୁ ଓ ଗ୍ରେଭିରେ ପକାନ୍ତୁ । ଅଳ୍ପ ପାଣି ଦେଇ କିଛି ସମୟ ପାଇଁ ପୁଣି ଘୋଡେଇ ଦିଅନ୍ତୁ । ଶେଷରେ ଗରମ ମସଲା ଓ ଧନିଆ ପତ୍ର ମିଶାଇ ଗ୍ୟାସ ବନ୍ଦ କରିଦିଅନ୍ତୁ । ଏବେ ପିଆଜ ବେସନ ତରକାରୀ ପ୍ରସ୍ତୁତ ହୋଇଗଲା । ଭାତ କିମ୍ବା ରୁଟି, ପରଟା ସହିତ ଗରମ ଗରମ ଖାଇପାରିବେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କମୁନାହିଁ ଆଶଙ୍କା....

ପୃଥିବୀ ବୈଶ୍ୱିକ ମହାମାରୀ କେବେ କେଉଁଠି କି’ ରୂପରେ ଉଭା ହେଉଛି, ତାହା କୁହାଯିବା କଷ୍ଟକର । ଦୁଇ-ତିନି ଲହର ପରେ ଓମାଇକ୍ରନ୍ ପୁଣି ଉଗ୍ର ଅବତାରରେ ପ୍ରକଟିତ ହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ସତର୍କବାଣୀ ବିଶ୍ୱବାସୀଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇ ଦେଖାଦେଇଛି । ଯୁକ୍ତରାଷ୍ଟ୍ରରେ ମାତ୍ରାଧିକ ସଂକ୍ରମଣ କ୍ଷେତ୍ର ବିଭିନ୍ନ ଭାବରେ କାୟା ବିସ୍ତାର କରି ଚାଲିବା ଭିତରେ ଭାରତ ଭଳି କେତେକ ଦେଶ କରୋନା ମଉଳିଯିବାକୁ ବସିଲାଣି ବୋଲି ବିଚାର କରି ଦୁଇ ବର୍ଷରୁ ଅଧିକ କାଳ ଅସ୍ତବ୍ୟସ୍ତ କରିସାରିଥିବା ଭୂତାଣୁଠାରୁ ମୁକ୍ତ ହେବା ନେଇ ଆଶାବାଦୀ ହୋଇଉଠିଥିଲେ । ସେହି ବିଚାର ସମସ୍ତଙ୍କ ଭିତରେ ଆଣି ଦେଇଥିଲା ଆଶ୍ୱସ୍ତିର ଶୀତଳତା । ତାହାର ଆଧାରରେ ଶିକ୍ଷାନୁଷ୍ଠାନ ଖୋଲିବା ଆରମ୍ଭ ହୋଇଛି, କେତେକ କ୍ଷେତ୍ରରେ ଉପସ୍ଥିତିକୁ ଶତପ୍ରତିଶତ କରାଯାଇ ଆରମ୍ଭ ହେଉଥିଲା ଦପ୍ତର । ମାତ୍ର ‘ହୁ’ର ସତର୍କବାଣୀ ଯେମିତି ସେହି ପ୍ରସ୍ତୁତିରେ ଥଣ୍ଡାପାଣି ଢାଳି ଦେଇଛି । କିଏ ଜାଣେ ନୂଆ ପ୍ରଜାତିର ସଂକ୍ରମଣ କେତେ କାଳ ରହିବ । ଏହା ଯେତିକି ଓ ଯେମିତି ସମସ୍ତଙ୍କ ମନରେ ଅଧିକ ଭୟ ସଂଚାର କରିଛି, ସେହିଭଳି ମୁକାବିଲା ସକାଶେ ପରିବର୍ତ୍ତିତ ସ୍ଥିତିରେ ମୁକାବିଲାର ତରିକା କଣ ହେବ, ତାହା ଚିନ୍ତା ବଢ଼ାଇ ଦେଇଛି । ତଥ୍ୟ କହୁଛି; ବିଶ୍ୱରେ ବୁଧବାର ଦିନକରେ କରୋନା ମୃତ୍ୟୁ ପାଖାପାଖି ତେର ହଜାର । ପୁଣି ଅଧିକ ୨୭ଲକ୍ଷ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ପୃଥିବୀରେ କୋଭିଡ ମାମଲା ୪୦କୋଟି ପାର୍ ହୋଇସାରିବା ବେଳକୁ ‘ହୁ’ର କଥିତ ଚେତାବନୀ ହାଲୁକ ଶୁଖେଇ ଦେଉଛି । ଓମାଇକ୍ରନ ଏହା କୁଆଡ଼େ ଶେଷ ପ୍ରଜାତି ନୁହେଁ, ଅଧିକ ଉଗ୍ରରୂପ ନେଇ ତାହା ଆସିବ ଏବଂ ତାହାର ସଂକ୍ରମଣ କ୍ଷମତା ଯଥେଷ୍ଟ ଅଧିକ ହେବ ବୋଲି ଶୁଣାଇ ଦେଇଛି ବିଶ୍ୱସ୍ୱାସ୍ଥ୍ୟ ସଂଗଠନ । ପୂର୍ବ ଲହରଗୁଡ଼ିକ ଭଳି ଓମାଇକ୍ରନ୍ ମାରକ ନଥିଲେ ହେଁ ତାହାର ସଂକ୍ରମଣ କ୍ଷମତା ଅଧିକ ଥିଲା । ଏବେ ନୂତନ ଭାରିଆଣ୍ଟର ସଂକ୍ରମଣ ଯଥେଷ୍ଟ ଅଧିକ ରହିବ, କେବଳ ସେତିକି ନୁହେଁ, ଯେଉଁ ଦୁଇ-ତିନି ଡୋଜ୍ ଟିକା ନିଆଯାଉଛି, ତାହା ଆଦୌ ପ୍ରଭାବୀ ରହିବ ନାହିଁ । ଆଲ୍‌ଫା, ବିଟା, ଗାମା ଓ ଡେଲ୍‌ଟା ହେଉଛି ଗୋଟିଏ ଗୋଟିଏ ସଂକ୍ରାମକ ଅବତାର । ଶେଷତମ ପ୍ରଜାତି ଓମାଇକ୍ରନ୍ କୁଆଡ଼େ ଅନ୍ତିମ ନୁହେଁ । ଯେହେତୁ ତାହା ସଂକ୍ରାମକ, ମାରକ ନଥିବାରୁ ଅଧିକ ସଂକ୍ରମିତଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଉନଥିଲା । ମାତ୍ର ଏହାପରେ ଯଦି ସତକୁ ସସତ ନୂତନ ପ୍ରଜାତି ଚାଲିଆସେ, ତେବେ ତାହା କେତେ ଭୟଙ୍କର ହେବ ତାହା କେବଳ ଅନୁମାନର ବିଷୟ । ଅଶ୍ରୁତପୂର୍ବ ଓ ଅଭୂତପୂର୍ବ ଭୂତାଣୁର ସମ୍ମୁଖୀନ ହେବା ବିଶ୍ୱବାସୀଙ୍କ ପାଇଁ କିଭଳି ଆହ୍ୱାନ ଥିଲା, ତାହା ଚିନ୍ତା କଲେ ମଥା ଘୂରାଇଯାଏ । ବହୁ ଗବେଷଣା ପରେ ପ୍ରତିଷେଧକ ଟିକାର ବିକାଶ ହେଲା ଏବଂ ସାର୍ବଜନୀନ ପ୍ରୟୋଗରୁ ସର୍ବାଧିକ ଉପକାର ପାଇଲେ ହିତାଧିକାରୀ । ଏବେ ‘ହୁ’ ଯେମିତି ସତର୍କବାଣୀ ଶୁଣାଇ ଦେଇ କହିଛି କି, ଟିକାର ପ୍ରଭାବ ନୂତନ ସ୍ଥିତିରେ ଫିକା ପଡ଼ିଯାଇପାରେ । ଯେଉଁମାନଙ୍କୁ ତୃତୀୟ ପ୍ରିକସନ ଟିକା ଦିଆଯାଇଛି ତାହା ଦ୍ୱିତୀୟ ଡୋଜ୍‌ର ପ୍ରଭାବ ସରିଆସିବା ପରେ ପ୍ରୟୋଗ ହୋଇଛି । ଏଥିରୁ ସାମାନ୍ୟ ବୁଦ୍ଧିବିଦ୍ୟା ସମ୍ପନ୍ନ ବ୍ୟକ୍ତି ବିଚାରୁଛନ୍ତି କି, ଯେତେକାଳ ସଂକ୍ରମଣ ଥିବ, ସେପର୍ଯ୍ୟନ୍ତ ଟିକା ନେବାକୁ ପଡ଼ିପାରେ । ଏହା ମାନବ ଜାତି ପାଇଁ କେତେ ଉତ୍ପୀଡ଼କ ଆହ୍ୱାନ, ଜାଣିବା କଥା । ଲହର ପରେ ଲହର ଆସୁଥିବ, ଡୋଜ ପରେ ଡୋଜ ଟିକାକରଣ ହେଉଥିବ । ଏହାର କେତେଶୀଘ୍ର ଅନ୍ତ ଘଟିବ, ତାହା ସମସ୍ତଙ୍କ ମନକୁ ଭାରାକ୍ରାନ୍ତ କରି ରଖିଛି । ବିଜ୍ଞାନ ବଳରେ ମାନବ ବହୁ କିଛି ସଫଳତା ପାଇଛି ଏବଂ ତାହାର ସୁଫଳରେ ଭାଗୀଦାର ହୋଇଛି । କିନ୍ତୁ ନିଜକୁ ପ୍ରତିଷ୍ଠାର ଦର୍ପରେ ବଳୀୟାନ ବିଚାରୁଥିବା ମହାଶକ୍ତିମାନଙ୍କୁ ଅଦୃଶ୍ୟ ଭୂତାଣୁ ଆଣ୍ଠେଇ ଦେଲା ଭଳି ଅବସ୍ଥା ଆସିସାରିଛି । ଏହା ବିଷମ କାଳ ରହିଥିଲା ପର୍ଯ୍ୟନ୍ତ ଦିନ-ମାସ-ବର୍ଷ ଗଣିବା ଛଡ଼ା ଅନ୍ୟ ଗତି ନାହିଁ ପରା ! ଏହି ମହାସଙ୍କଟରୁ ମୁକ୍ତି ପାଇବା ଏତେଶୀଘ୍ର ଦେଖାଯାଉ ନଥିବା ବେଳେ ସମସ୍ତେ ସେଭଳି ଅନ୍ଧାରଘରେ ବାଡ଼ି ବୁଲାଇ ଚାଲିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଯାହା କହୁଛି, ତାହା ପ୍ରମାଣସିଦ୍ଧ କି ନୁହେଁ, କହି ହେବନାହିଁ । ମାତ୍ର ଅତୀତ ଦୁଇବର୍ଷର ତିକ୍ତ ଅଭିଜ୍ଞତା ଯେଉଁଭଳି ବିଷମତାର କାରଣ ହୋଇଛି, ତାହାରି ଦୃଷ୍ଟିରୁ ବିଶ୍ୱବାସୀ ଅତ୍ୟନ୍ତ ଭୟର ବାତାବରଣ ଭିତରେ ରହିବା ସ୍ୱାଭାବିକ ।

# ତୃତୀୟ ବିଶ୍ୱ ଯୁଦ୍ଧ ଅବସମ୍ଭାବି



ଡକ୍ଟର ଲକ୍ଷ୍ମଣ ସାହୁ

ଏକ ଘଡିସନ୍ଧି ମୁହୂର୍ତ୍ତରେ ଯେତେବେଳେ ବିଶ୍ୱ ମହାମାରୀ କୋଭିଡ୍ ଦାଉରୁ ଅର୍ଥନୀତିକୁ ପୁନରୁଦ୍ଧାର କରିବାର ସବୁଠାରୁ ବଡ ଆହ୍ୱାନର ସମ୍ମୁଖୀନ ହେଉଛି, ଠିକ୍ ସେତେବେଳେ ଆମେରିକା ଏବଂ ରୁଷରେ ଶୀତଳ ଯୁଦ୍ଧର ଦିନ ପାଖେଇ ଆସୁଛି । ଏହି ଫେବୃଆରୀ ମାସ ସୁଦ୍ଧା ପୁଟିନଙ୍କ ସୈନ୍ୟମାନଙ୍କୁ ୟୁକ୍ରେନ ଉପରେ ଆକ୍ରମଣ କରିବାକୁ ୱାଶିଂଟନ୍ ଏକ ବିଶ୍ୱବ୍ୟାପୀ ଅଭିଯାନ ଆରମ୍ଭ କରିଛି । ଯଦିଓ ରୁଷ ଏହି ଅଭିଯୋଗକୁ ଅସ୍ୱୀକାର କରି କହିଛି ଯେ ରୁଷର ଗୁପ୍ତଚର ସମ୍ପର୍କରେ ଭିତ୍ତିହୀନ ଅଭିଯୋଗ ଏଭଳି ଏକାଧିକ ଥର ହୋଇଛି, ଏହାକୁ ସହଜରେ ମାନିନେବା ଠିକ୍ ହେବ କି ନାହିଁ କହିଲେ ଚଳିବ ନାହିଁ । ବରଂ ଏହା ଅଧିକ ମାତ୍ରାରେ ସନ୍ଦେହ ଘେରରେ କୁହେଳିକା ସୃଷ୍ଟି କରିଛି । ତେଣୁ ‘ତୃତୀୟ ବିଶ୍ୱଯୁଦ୍ଧ’ ହେବ କି ନାହିଁ ସେନେଇ କଳ୍ପନା ଜଳ୍ପନାର ଅନ୍ତ ଘଟିନାହିଁ । କିନ୍ତୁ ଆମର ଦୈନନ୍ଦିନ ଜୀବନରେ ୟୁକ୍ରେନ ସଙ୍କଟର ନିଆଁକୁ ଅନୁଭବ କରି ପାରିବା । ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଛା ୯୦ ପାଉଣ୍ଡ ଅତିକ୍ରମ କରିଛି । ତାହା ସତ୍ତ୍ୱେ ମଧ ଗତ ତିନିମାସ ମଧ୍ୟରେ ମୋଦୀ ସରକାର ଉତ୍ତରପ୍ରଦେଶ ସମେତ ପାଞ୍ଚଟି ରାଜ୍ୟରେ ମତଦାନ ପାଇଁ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି କରିବାକୁ ସୁଯୋଗ ଦେଇ ନାହାଁନ୍ତି ।

କୌଣସି ମହଲରେ ସନ୍ଦେହ ନାହିଁ ଯେ ନିର୍ବାଚନ ପରେ ପରେ ଇନ୍ଧନର ମୂଲ୍ୟ ବଢିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ମଙ୍ଗଳବାର ସଂସଦରେ କେନ୍ଦ୍ର ବଜେଟ୍ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ଅର୍ଥନୀତିଜ୍ଞମାନେ ସୂଚାଇ ଦେବାକୁ ଲାଗିଲେ ଯେ ଗତ ଦୁଇ ମାସ ମଧ୍ୟରେ ତୈଳ ମୂଲ୍ୟରେ ବ୍ୟାରେଲ ପିଛା ୩୦ ପାଉଣ୍ଡ ବୃଦ୍ଧି ଯୋଗୁଁ ଏହା ବଜେଟକୁ ପ୍ରଭାବିତ କରିବ । ରୁଷର ପୂର୍ବ ସୀମା ପଛରେ ବିଶ୍ୱର ଅବଶିଷ୍ଟାଂଶ ସେଭଳି କୌଣସି ଏକ ଦୃଢ଼ ଯୁକ୍ତି କରାଯାଇପାରେ । ଏହି ପ୍ରଶ୍ନ ବର୍ତ୍ତମାନ ଆମେରିକାର ବୁଦ୍ଧିଜୀବୀମାନଙ୍କ ଦ୍ୱାରା ବିତର୍କ ହେଉଛି । ୟୁକ୍ରେନକୁ ଘେରି ରହିଥିବା ବର୍ତ୍ତମାନର ସଙ୍କଟକୁ ଅନୁଧ୍ୟାନ କରି ସ୍ପଷ୍ଟ ହୁଏ ଯେ ୧୯୯୧ରେ ସୋଭିଏତ୍ ୟୁନିଅନର ପତନ ପରେ ଶୀତଳ ଯୁଦ୍ଧ ଶେଷ ହୋଇ ନାହିଁ । କାରଣ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସୋଭିଏତ୍ ଯୁଗର ରୁଷର ପୂର୍ବ-ଗୌରବ ଫେରାଇ ଆଣିବାକୁ ଚାହୁଁଛନ୍ତି କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । କିଛି ଦିନ ପୂର୍ବେ ପୁଟିନ ମନ୍ତବ୍ୟ ଦେଇ କହିଥିଲେ, ସୋଭିଏତ ସଂଘର ପତନ ହେଉଛି ବିଂଶ ଶତାବ୍ଦୀର ସବୁ ଠାରୁ ବଡ ଦୁଃଖଦ ଘଟଣା ।

ଅଦ୍ୟାବଧି ପୂର୍ବତନ ସୋଭିଏତ୍ ୟୁନିଅନର ୧୫ଟି ପ୍ରଦେଶ ଶରଣାର୍ଥୀମାନେ ଏକ ଅଲଗା ଦେଶରେ ପରିଣତ ହୋଇଛନ୍ତି । କିନ୍ତୁ ପୁଟିନଙ୍କ କ୍ଷେତ୍ରରେ ତାହା ନୁହେଁ, ଯିଏ ସୋଭିଏତ୍ ଯୁଗର ସାମ୍ରାଜ୍ୟକୁ ଫେରିବାକୁ ଚାହୁଁଛନ୍ତି ବୋଲି କହିଛନ୍ତି । ୟୁକ୍ରେନକୁ ୟୁରୋପୀୟ ୟୁନିଅନ ଏବଂ ନାଟୋରେ ଯୋଗଦେବାକୁ ପୁଟିନଙ୍କ ଜିଦ୍ ପଛରେ ଥିବା କାରଣ ସ୍ପଷ୍ଟ ହୋଇଛି । ବର୍ତ୍ତମାନ, ଯଦି ଚୀନ୍ ସେମାନଙ୍କର କ୍ଷେପଣାସ୍ତ୍ରକୁ କାନାଡା କିମ୍ବା ମେକ୍ସିକୋ ସୀମାରେ ନିୟୋଜିତ କରିବ, ତେବେ ତାହା ୱାଶିଂଟନ୍ ପାଇଁ ଗ୍ରହଣୀୟ ହେବ କି ? କଳିଯୁଗରେ ନାଟୋ ବେସ୍ ପ୍ରତିଷ୍ଠା ହେବ ଏବଂ ପୁଟିନ ମସ୍କୋରେ ଚୁପଚାପ୍ ବସିବେ ବୋଲି ଭାବିବା କଦାପି ବାସ୍ତବବାଦୀ ହେବ ନାହିଁ । ଏକଥା ସତ୍ୟ ଯେ ୟୁକ୍ରେନ ଶତାବ୍ଦୀ ଧରି ରୁଷ ସାମ୍ରାଜ୍ୟର ଏକ ଅଂଶ ରହିଆସିଛି ଏବଂ ରୁଷମାନେ ଏହାକୁ ନିଜ ଅଞ୍ଚଳ ଭାବରେ ବିବେଚନା କରୁଛନ୍ତି । ପ୍ରଥମ ବିଶ୍ୱଯୁଦ୍ଧ ପରେ ବୋଲ ଭିକମାନେ ତିନି ବର୍ଷ ପାଇଁ ୟୁକ୍ରେନକୁ ମୁକ୍ତ କରିଥିଲେ । କିନ୍ତୁ ୧୯୨୨ ରେ ସୋଭିଏତ୍ ୟୁନିଅନ୍ ଗଠନ ପରେ, ୟୁକ୍ରେନ ପୁନର୍ବାର ରୁଷ ଦ୍ୱାରା ଆନ୍ଦୋଳିତ ହେଲା । ଗତ ତିନି ଦଶନ୍ଧିର ୟୁକ୍ରେନ ସାର୍ବଭୌମତ୍ୱ । ଦେଶର ପୂର୍ବରେ ଲୋକମାନେ ରୁଷିଆ ଭାଷା କୁହନ୍ତି । ସେମାନଙ୍କର ସଂସ୍କୃତି ଠାରୁ ଆରମ୍ଭ କରି ସେମାନଙ୍କର ଖାଇବା ଅଭ୍ୟାସ ପର୍ଯ୍ୟନ୍ତ - ସବୁକିଛି ରୁଷୀୟ ଆଚାର, ରୀତିନୀତି, ଚାଲି ଚଳଣି ଢାଞ୍ଚାରେ । ପଶ୍ଚିମ ୟୁକ୍ରେନର ଅନେକ ଲୋକ ରୁଷର ଆଧିପତ୍ୟରୁ ନିଜକୁ ମୁକ୍ତ କରିବାକୁ ଏବଂ ୟୁରୋପରେ ଯୋଗଦେବାକୁ ଚାହାଁନ୍ତି, ଯେପରି ସୋଭିଏତ୍ ୟୁନିଅନ୍ ପରେ ବାଲ୍ଟିକ୍ ରାଜ୍ୟଗୁଡ଼ିକ ୟୁରୋପର ଅଂଶ ହୋଇଥିଲେ । ୧୯୯୧ରେ ସୋଭିଏତ୍ ୟୁନିଅନରୁ ମୁକ୍ତ ହେବା ପରେ ୟୁକ୍ରେନରେ ପୂର୍ବ-ପଶ୍ଚିମ ବିବାଦ ଜାରି ରହିଛି, ଯାହା ୨୦୧୪ ରେ ଶେଷ ହୋଇଥିଲା ।

ଏବେ ଏହା ଗୃହଯୁଦ୍ଧର ରୂପ ନେଇଛି । ଗତ ଆଠ ବର୍ଷ ମଧ୍ୟରେ ଏହି ଗୃହଯୁଦ୍ଧରେ ୧୪୦୦୦ ଲୋକ ପ୍ରାଣ ହରାଇଛନ୍ତି । ଏହି ଗୃହଯୁଦ୍ଧ ୨୬୩ ଜଣ ଯାତ୍ରୀଙ୍କ ସହ ମାଲେସିଆ ଏୟାରଲାଇନ୍ସର ବିମାନର ଶିକାର ହୋଇଥିଲା । ଶୀତଳ ଯୁଦ୍ଧର କିଛି ସମୟ ପରେ ସମାଜବାଦୀ ପୋଲାଣ୍ଡ, ଚେକ୍ ରିପବ୍ଲିକ୍ ଏବଂ ହଙ୍ଗେରୀ ଏକଦା ସୋଭିଏତ୍ ବ୍ଲକର ଅଂଶ ଭାବରେ ନାଟୋରେ ଯୋଗ ଦେଇଥିଲେ । ୧୯୯୯ ରେ ଏହି ତିନି ଦେଶ ନାଟୋରେ ଯୋଗ ଦେଇଥିଲେ । ୨୦୦୪ରେ, ଇଷ୍ଟୋନିଆ, ଲିଥୁଆ ଏବଂ ଲାଟଭିଆ ନାଟୋରେ ଯୋଗ ଦେଇଥିଲେ । ୧୯୯୧ ରେ ସୋଭିଏତ୍ ୟୁନିଅନର ପତନ ପରେ ତିନୋଟି ବାଲ୍ଟିକ୍ ରାଜ୍ୟ ମଧ ମୁକ୍ତ ହୋଇଥିଲା । ରୋମାନିଆ ମଧ ନାଟୋରେ ଯୋଗ ଦେଇଥାଏ । ବାଲଟିକ୍ ରାଜ୍ୟଗୁଡ଼ିକ ନାଟୋରେ ଯୋଗଦେବା ପରେ କିମ୍ବା ୟୁରୋପର ଅଂଶ ହେବା ପରେ ୟୁକ୍ରେନ ଏବଂ ଜର୍ଜିଆ ମଧ ୟୁରୋପୀୟ ୟୁନିଅନ୍ ଏବଂ ନାଟୋରେ ଯୋଗଦେବାକୁ ଦାବି କଲେ । ୨୦୦୬ରେ, ନାଟୋର ବୁଖାରେଷ୍ଟ ଘୋଷଣାନାମା ଜର୍ଜିଆ ଏବଂ ୟୁକ୍ରେନକୁ ଅନ୍ତର୍ଭୁକ୍ତ କରିବାକୁ ଆହ୍ୱାନ ଦେଇଥିଲା । ସେବେ ଠାରୁ ପୁଟିନ ଗର୍ଜନ କରି ଆସୁଥିଲେ । ଅଗଷ୍ଟ ୨୦୦୬ରେ, ସେ ଜର୍ଜିଆ ସହିତ ଯୁଦ୍ଧ ଆରମ୍ଭ କରିଥିଲେ । ୟୁରୋପୀୟ ୟୁନିଅନ୍ ଏବଂ ନାଟୋରେ ଜର୍ଜିଆ ଏବଂ ୟୁକ୍ରେନର ଯୋଗଦାନ ମଧ ରୁଷ ପାଇଁ ଆର୍ଥିକ ତଥା ସାମରିକ ବିପଦ ଆଣିପାରେ ବୋଲି ଆନ୍ତର୍ଜାତୀୟ ରାଜନୈତିକ ବିଶେଷଜ୍ଞମାନେ କହିଛନ୍ତି । ଆଟଲାଣ୍ଟିକ୍ ଉପକୂଳରୁ, ୟୁକ୍ରେନ ହେଉଛି ଫ୍ରାନ୍ସ, ଜର୍ମାନୀ ଏବଂ ପୋଲାଣ୍ଡ ପରେ ୟୁରୋପ ଏବଂ ରୁଷ ମଧ୍ୟରେ ‘ବଫର୍ ଜୋନ୍’ । ସ୍ୱାଭାବିକ ଭାବେ, ପୁଟିନ ୟୁକ୍ରେନକୁ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି । ରୁଷ ପାଇପ ଲାଇନ ମାଧ୍ୟମରେ ଜର୍ମାନୀ ସମେତ ବିଭିନ୍ନ ୟୁରୋପୀୟ ଦେଶକୁ ପ୍ରାକୃତିକ ଗ୍ୟାସ ବିକ୍ରୟ କରେ ।

ସୋଭିଏତ୍ ୟୁନିଅନର ପତନ ପରେ ଭୁଶୁଡ଼ି ପଡ଼ିଥିବା ରୁଷ ଅର୍ଥନୀତିର ପ୍ରାକୃତିକ ଗ୍ୟାସ ହେଉଛି ପ୍ରାକୃତିକ ଗ୍ୟାସ । ପୁଟିନ ଆଶଙ୍କା କରୁଛନ୍ତି ଯେ ଯଦି ୟୁରୋପୀୟ ୟୁନିଅନ୍ ଦୀର୍ଘ ନିଶ୍ୱାସ ପ୍ରଶ୍ୱାସ ଜାରି ରଖେ ତେବେ ପାଇପ୍ ଲାଇନ୍ ଅର୍ଥନୀତି ବ୍ୟାହତ ହୋଇପାରେ । ସେହିପରି, ନାଟୋ ରୁଷକୁ ଘେରିବାକୁ ଚେଷ୍ଟା କରୁଥିବା ବେଳେ ପୁଟିନ କିପରି ସହ୍ୟ କରିପାରିବେ ? ପୂର୍ବତନ ସୋଭିଏତ୍ ୟୁନିଅନର ନାଟୋ ସହିତ ଜାରି ରହିଥିବା ଅର୍ଥ ହେଉଛି ସେଠାରେ ଆମେରିକାର ସାମରିକ ଉପସ୍ଥିତି । ସୋଭିଏତ୍ ୟୁନିଅନର ପତନ ପରେ ରୁଷ ଆର୍ଥିକ ତଥା ସାମରିକ ଦୃଷ୍ଟିରୁ ଯେତେ ଦୁର୍ବଳ ହୋଇପାରୁନା କାହିଁକି ପୁଟିନ ରୁଷର ସୀମା ଅତିକ୍ରମ କରି ଅଧିକ ୟୁରୋପରେ ବିସ୍ତାର କରିବାକୁ ଚାହୁଁଛନ୍ତି । ସେଠାରେ ସେ ଶକ୍ତି ସନ୍ତୁଳନର ପ୍ରଶ୍ନ ଉଠାଇଲେ । ଏକ ପୋଲାର ଦୁନିଆରେ ଆମେରିକା କଣ କରିବାକୁ ଚାହୁଁଛି । ୨୦୧୪ ପ୍ରାରମ୍ଭରେ, ପୁଟିନ ୟୁକ୍ରେନକୁ ଏକ ବୃହତ ଋଣ ପ୍ରତିଶୃତି ଦେଇଥିଲେ ଯାହା ଦ୍ୱାରା ଏହା ୟୁରୋପୀୟ ୟୁନିଅନର ହାତକୁ ନଯିବ । ଯୁକ୍ତରାଷ୍ଟ୍ରର ନିର୍ଦ୍ଦେଶରେ କଳିଭ ୟୁରୋପୀୟ ୟୁନିଅନରେ ଯୋଗଦେବାକୁ ବାରଣ କରାଯାଇଥିଲା । ରୁଷର ସମର୍ଥକ ୟୁକ୍ରେନ ରାଷ୍ଟ୍ରପତି ୟାନୁକୋଭିଚ୍ ଦେଶ ଛାଡିବାକୁ ବାଧ ହୋଇଥିଲେ ।

ତା’ପରେ ମଧ ୟୁକ୍ରେନରେ ଗୃହଯୁଦ୍ଧ ଆରମ୍ଭରୁ, ପୂର୍ବ ୟୁକ୍ରେନର ସନ୍ତ୍ରାସବାଦୀ ଗୋଷ୍ଠୀକୁ ରୁଷକୁ ପ୍ରତ୍ୟକ୍ଷ ସମର୍ଥନ ଯୋଗାଇ ଦେଇଥିବାର ଆମେରିକା ଅଭିଯୋଗ କରିଛି । ଗତ ଆଠ ବର୍ଷ ମଧ୍ୟରେ, ପୁଟିନ ୟୁକ୍ରେନରେ ଏକ ‘ଛାୟା ଯୁଦ୍ଧ’ ରଣନୀତିରୁ ଦୂରେଇ ଯାଇ ନାହାଁନ୍ତି । ଏଥିସହ ସେ ୟୁକ୍ରେନରୁ କ୍ରାଇମବ୍ରାଞ୍ଚ ଛଡ଼ାଇ ନେଇଛନ୍ତି । ଏକ ମିଲିୟନ ରୁଷ ସୈନ୍ୟ ବର୍ତ୍ତମାନ ୟୁକ୍ରେନର ପୂର୍ବ ସୀମାରେ ଅବସ୍ଥାପିତ ହୋଇଛନ୍ତି । ୟୁରୋପରେ ପ୍ରାୟତଃ ଏକ ଲକ୍ଷ ସୈନ୍ୟଙ୍କ ପାଇଁ ବହୁଳ ଅର୍ଥ ବ୍ୟୟର ଆବଶ୍ୟକ ପଡୁଛି । ୱାଶିଂଟନ୍ ଭାବୁଛି କିଭ୍ ରେ ରୁଷ-ହାନ୍ନା କେବଳ ସମୟର ବିଷୟ, କିନ୍ତୁ ପୁଟିନଙ୍କୁ ଏହି ପଦବୀରେ ଠେଲିବା ଦାୟିତ୍ୱରୁ ୱାଶିଂଟନ୍ ନିଜକୁ ମୁକ୍ତ କରିପାରିବ କି ? ନିରପେକ୍ଷ ୟୁକ୍ରେନରେ ୱାଶିଂଟନ୍ ସହିତ କ’ଣ ଘଟିଛି ତାହା ସ୍ପଷ୍ଟ ନୁହେଁ । ୟୁକ୍ରେନ ପାଇଁ ୟୁରୋପୀୟ ୟୁନିଅନ ଏବଂ ନାଟୋରେ ଯୋଗଦେବା ଗୁରୁତ୍ୱପୂର୍ଣ୍ଣ କାହିଁକି ? ୟୁରୋପରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରି ରୁଷ ଏବଂ ଚୀନ୍ ?ର ଅକ୍ଷକୁ ଦୃଢ଼ କରିବା ବିଶ୍ୱକୁ ଏକ ବଡ଼ ଶୀତଳ ଯୁଦ୍ଧର ପରିବେଶରେ ପକାଇବ ନାହିଁତ... ??

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ - ୪
(ମୋ)୯୪୩୭୭ ୪୦୨୮୦

# ଯୋଗକଳ୍ପା ଓ ତ୍ରିକାଳଦର୍ଶୀ ବୈଷ୍ଣବ କବି ଶ୍ରୀ ଅଚ୍ୟୁତାନନ୍ଦ ଦାସ



ଅମୂଲ୍ୟ କୁମାର ପଣ୍ଡା

ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ୧୬ଶ ଖ୍ରୀ.ର ପ୍ରାରମ୍ଭ ବେଳକୁ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବା ଜଣେ ଯୋଗକଳ୍ପା ଓ ତ୍ରିକାଳଦର୍ଶୀ ବୈଷ୍ଣବ କବି । ତାଙ୍କ ରଚିତ ୧୦୦ ମାଳିକା ମଧ୍ୟରୁ ଭବିଷ୍ୟ ମାଳିକା, ଜାଇଫୁଲ ମାଳିକା, ଦଶପଟଳ ମାଳିକା, କଳିଯୁଗ ମାଳିକା ଆଦି ଖୁବ୍ ଲୋକାଦୃତ । ସେ ନିଜ ରଚନା ଶୂନ୍ୟସଂହିତାରେ ଆତ୍ମପରିଚୟ ଦେଇ ଲେଖିଛନ୍ତି ଯେ ସେ ପୂର୍ବ ଜନ୍ମରେ ସୁଦାମ ଥିଲେ । ଓଡ଼ିଆ ଭାଷାରେ ଯୋଗ, ପୁରାଣ ଓ ଆଗତ ଭବିଷ୍ୟ ଉପରେ ଆଧାରିତ ୩୬ଟି ସଂହିତା, ୭୮ଟି ଗୀତା, ୧୦୦ଟି ମାଳିକା, ଅନେକ ଭଜନ, ଚଉପଦୀ ଏବଂ ଜଣାଣ ଏହିପରି ପାଖାପାଖି ୧୬୦,୦୦୦ ପଦ୍ୟାବଳୀ ସେ ରଚନା କରିଯାଇଛନ୍ତି । ଏହା ସହିତ ସେ ଅନେକ ଭଜନ ଚୌପଦୀ ଲେଖିଛନ୍ତି । ଯୋଗ, ଜ୍ୟୋତିଷ, ଦର୍ଶନ, ବାସ୍ତୁ, ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଆୟୁର୍ବେଦ ତଥା ଏହିପରି ଅନେକ ବିଷୟ ଏବଂ ବିଦ୍ୟାରେ ତାଙ୍କର ପାରଦର୍ଶିତା ଥିବାରୁ ତାଙ୍କୁ ଓଡ଼ିଶାର ପୁରପଲ୍ଲୀରେ ‘ମହାପୁରୁଷ’ ଭାବେ ଲୋକେ ଅଭିହିତ କରନ୍ତି। ଅଚ୍ୟୁତାନନ୍ଦ ଶରୀରତତ୍ତ୍ୱ ଭଳି କଠିନ ଦାର୍ଶନିକ ବିଷୟଗୁଡ଼ିକୁ ସରଳ ଓଡ଼ିଆ ଭାଷାରେ ଲେଖିଛନ୍ତି। ଅଚ୍ୟୁତାନନ୍ଦ ନିରାକାର ଭଜନର ମହତ୍ତ୍ୱ ବିଷୟରେ ବାରମ୍ବାର ଲେଖିଛନ୍ତି । ସେ ଲେଖିଛନ୍ତି -

‘ମୋହ ଶପଥ ତୋତେ ଆହୋ ବାବୁ /ଏ ଭଜନ ସୂତ୍ର ସୂତ୍ରେ ଭଜିବୁ ।
କିଏ କାହାର ମିଥ୍ୟା ଯେ ସଂସାର / ଆପେ ତରିଲେ ଆଉ କେ କାହାର ।
ଆପକୁ ଆପେ ଚିହ୍ନିଲେରେ ବାବୁ / କାଳେ କାଳେ ଅଜାମର ହୋଇବୁ ।
ସୁଖେ ପାରିହେବୁ ଭବସାଗର / ବୁଲିଗଲା ପ୍ରାୟେ ଯିବ ଶରୀର’ ।

ତାଙ୍କ ରଚନା ମଧ୍ୟରେ ହରିବଂଶ ପୁରାଣ, ଆଗତ-ଭବିଷ୍ୟ ମାଳିକା, ଜାଇଫୁଲ ମାଳିକା, ଦଶପଟଳ ମାଳିକା, କଳିଯୁଗ ମାଳିକା, ଗୁରୁଭକ୍ତି ଗୀତା, ବ୍ରହ୍ମ ଏକାକ୍ଷର ଗୀତା, ଶୂନ୍ୟ ଗୀତା,, କୈବର୍ତ୍ତ ଗୀତା, କଳିଯୁଗ ଗୀତା, ଗରୁଡ଼ ଗୀତା, ଶୂନ୍ୟ ସଂହିତା, ଅଣାକାର ସଂହିତା, ବଟ ସଂହିତା, ଛାୟା ସଂହିତା, ବୀଜ ସଂହିତା, ବ୍ରହ୍ମ ସଂହିତା, ନିତ୍ୟ ରାହାସ, ମହାନିତ୍ୟ ରାହାସ, ଶୁନ୍ୟ ରାହାସ, କଳ୍ପ ଟୀକା, ଚନ୍ଦ୍ରକଳ୍ପ ଟୀକା, ପଦ୍ମକଳ୍ପ ଟୀକା, ଷୋଡ଼ଶ ପଟଳ, ଗୋପାଳଙ୍କ ଓଗାଳି ଓ ଲଉଡ଼ି ଖେଳ ଆଦି ଖୁବ୍ ଉଚ୍ଚାଙ୍ଗ ଆଉ ଲୋକାଦୃତ।

ଅଚ୍ୟୁତାନନ୍ଦ ଦାସ ଓଡ଼ିଶାର କଟକ ଜିଲ୍ଲାସ୍ଥିତ ନେମାଳ ପାଖରେ ଥିବା ତିଳକଣା ଗାଁରେ ମାତା ପଦ୍ମାବତୀଙ୍କଠାରୁ ଓ ପିତା ଦୀନବନ୍ଧୁ ଖୁଣ୍ଟିଆଙ୍କ ଔରସରୁ ଜନ୍ମଲାଭ କରିଥିଲେ । ସେ ନିଜର ଜନ୍ମ ଗୋପାଳ ଜାତିରେ ହୋଇଥିବା ନିଜେ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି -

‘ତିଳକଣାରେ ମୁଁ ଜନମ ହୋଇଲି କେହି ନ ଚିହ୍ନିଲେ ମୋରେ / ଅଗଣିତ ବୋଲି ମାତା ଡାକୁଥାନ୍ତି ଅନ୍ନ ନ ମିଳଇ ଘରେ ।
ବେନି ଭ୍ରାତ ମୋର ଏକ ଯେ ଭଗିନୀ ତ୍ରିପୁର ଗ୍ରାମରେ ବାସ /
ଏମନ୍ତ ମୋ ମାତା ପିଅର ବଞ୍ଚନ୍ତି ଗ୍ରାମରେ କରି ନିବାସ ।
ନାମ ମୋ ଅଚ୍ୟୁତ ଦାସ ଯେ ବିଖ୍ୟାତ ନେମାଳ ଗ୍ରାମରେ ଥାଇ /
ଏବେ ଶୂଦ୍ରକୁଳେ ଜନମ ଲଭିଛି ପ୍ରଭୁଙ୍କ ଆଜ୍ଞାରୁ ମୁହିଁ ।

ଏହି ଉଦ୍ଧୃତି ଅନୁସାରେ ସେ ତିଳକଣା ଗ୍ରାମରେ ଜନ୍ମ ହୋଇଥିଲେ । ମାତା ତାଙ୍କୁ ‘ଅଗଣି’ ବୋଲି ଡାକୁଥିଲେ’ । ତାଙ୍କର ଦୁଇ ଭାଇ ଓ ଗୋଟିଏ ଭଉଣୀ ଥିଲେ ଓ ସେ ଶୂଦ୍ର କୁଳରେ ଜନ୍ମିତ । ପୁନଃ ସେ ନିଜ ମାତା ପିତାଙ୍କ ନାମ ମଧ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି -

‘ଦୀନବନ୍ଧୁ ନାମ ଖୁଣ୍ଟିଆ ଶୂଦ୍ରର କୁଳରେ ହୋଇବୁ ଜାତ/
ବାଞ୍ଛିଲାର ଫଳ ନୋହିବ ବିଫଳ ପ୍ରି ଅଂଶେ ଲାଭ ପୁତ୍ର ।
ଖୁଣ୍ଟିଆ ଦୀନବନ୍ଧୁ ନାମେ ବୋଲିଣ ପଦ୍ମାବତୀ ନାମେ ନାରୀ/
ପ୍ରଭୁ ଆଜ୍ଞା ଘେନି ପ୍ରବେଶ ହୋଇଲି ଗର୍ଭେଣ ମୁହିଁ ତାହାରି ।
ଦଶମାସ ଦଶ ଦିବସ ମଧ୍ୟରେ ଶୁକ୍ଳ ମାଘ ଏକାଦଶୀ/
ଜନମ ଲଭନ୍ତେ ପିତା ମୋ ଦେଖନ୍ତେ ଅପୁତ୍ରିକ ଦୋଷଧ୍ୱଂସୀ ।
କେ ବୋଲେ ଅନାମ ଅଗଣି ତ ନାମ କେ ବୋଲେ ଅନନ୍ତ ହରି/
ମାତା ପିତା ମୋତେ ଡାକିଲେ ନିଶ୍ଚୟ ଅଚ୍ୟୁତ ଯେ ନାମ ଧରି’।

ଯେତେବେଳେ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ରାଜା ଥିଲେ । ସେତେବେଳେ ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟଭଜନ କଥା ରାଜା ଶୁଣିପାରିଲେ ଓ ଶୂନ୍ୟଭଜନ କି ପ୍ରକାର ତାହା ଜାଣିବା ଲାଗି ଅଚ୍ୟୁତଙ୍କ ସହ ଅନେକ କଟାଳ କଲେ । ବ୍ରାହ୍ମଣମାନେ ଏହା ଶୁଣି ଉପହାସ କଲେ । ଦାସଙ୍କର ଉପହାସ ପ୍ରତି ଭ୍ରୂକ୍ଷେପ ନ ଥିଲା । ଦାସେ ରାଜାଙ୍କ ଆଜ୍ଞା ପାଇ ସଙ୍କଟରେ ପଡ଼ିଲେ ମାତ୍ର ଶେଷକୁ ପରୀକ୍ଷା ହେବା ସ୍ଥିର କରାଗଲା । ପୁରୀ ସହରର ବାଙ୍କି ମୁହାଁଣ ନିକଟସ୍ଥ ଶୂନ୍ୟ ବାମ୍ପିଠାରେ ପରୀକ୍ଷା ହେଲା । ପରୀକ୍ଷା ପରେ ରାଜା ସନ୍ତୁଷ୍ଟ ହୋଇ ଓ ସେହି ସ୍ଥାନରେ ବାସ କରିବା ଲାଗି ଅଚ୍ୟୁତଙ୍କୁ ଆଜ୍ଞା ଦେଲେ । ଅଦ୍ୟାବଧି ଏହି ସ୍ଥାନରେ ଗୋଟିଏ ମଠ ରହିଛି ଯାହାର ନାମ ଗୋପାଳ ମଠ। ଅଚ୍ୟୁତାନନ୍ଦ ଜାତିଭେଦରେ ବିଶ୍ୱାସ ରଖୁନଥିଲେ । ସେଥିପାଇଁ ସେ ଲେଖିଲେ -

‘ହେଲେ ଜାତି ହୀନ ନାହିଁ ତହିଁ ମାନ ଶ୍ରୀକୃଷ୍ଣ ବାସନା ଥାଏ
କଳିକତରା ଯେ ପଙ୍କରେ ବୁଡ଼ିଲେ ପଙ୍କ ନ ଲାଗଇ ଦେହେ’!

ଓଡ଼ିଶାର ଏହି ବରେଣ୍ୟ ବ୍ୟକ୍ତି ତଥା ମହାପୁରୁଷ ଜ୍ୟୈଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଦେହତ୍ୟାଗ କରିଥିଲେ।

ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦




## ମୋ ସମୟ ବନ୍ଧା ପଡ଼ିଛି



ଡକ୍ଟର ମନୋରଞ୍ଜନ ବିଷୋୟୀ

ମୋ ନିର୍ଜନତାର
ଅପୂର୍ବ ସଂଗୀତ
ସମୟ ଗାଉଛି ।

କିନ୍ତୁ ମୋ ନୀରବତା
ସମୟଠୁ ହିଁ କିଛି ଶବ୍ଦ
ଉଧାର ମାଗିଛି ।

ମୋ ଅପମାନର ସମୟକୁ
ନିରୋଳା ଅଭିମାନରେ
ସଜାଇ ରଖିଛି ।

ଏବେ କିନ୍ତୁ ସମୟ
ମୋ ଜୀବନକୁ
ମେଘ ପରି ଢାଙ୍କି ରଖିଛି ।

ଆଉ ବେଳ ଅବେଳରେ
ଲୁହ ହୋଇ
ବର୍ଷା ପରି ଝରି ପଡୁଛି ।

ସେ ବର୍ଷାରେ
ମୋ ଇଚ୍ଛାର ପ୍ରବାହିତ ଧାରା
ସମୟର ବନ୍ଧୁର ଶଯ୍ୟାରେ
ବାରମ୍ବାର ମଥା ପିଟୁଛି ।

ମୋ ଜୀବନର ପ୍ରତିଟି ସମୟ
ଦେହ ଆଉ ମନ
ଏବେ ଫିକା ପଡ଼ି ସାରିଛି ।

ତଥାପି ମୋ ସ୍ୱପ୍ନ
ଅବୁଝା ବାଲୁତ ପରି
ସଫଳତା ପାଇବାକୁ
ସମୟ ପାଖରେ ହାତ ପାତିଛି ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

## ସ୍ମୃତିରେ ପ୍ରେମ

ସ୍ୱାଗତ ମିଶ୍ର



ତୁମ ସହ ପ୍ରଥମ ଆଉ ଶେଷ ଦେଖା
ଆମ କଲେଜ ଫାଟକ ସାମ୍ନାରେ
ଏ କି ଚମତ୍କାର ସଂଯୋଗ ଘଟିଲା ମୋ
ଭାଗ୍ୟରେ
ପ୍ରଥମ ଦେଖାର ପୁଲକ
ବିଦାୟ ବେଳାର ଲୋତକ
ଆଜି ସବୁ ସମାଧି ପାଇଛି ସ୍ମୃତିର
ଗର୍ଭରେ ।

ଚାହୁଁ ଚାହୁଁ ସରିଗଲା ପାଞ୍ଚ ବରଷ
ମାତ୍ର ପାଞ୍ଚଟି ଦିନ ପରି
ତୁମ ସହ ବିତିଥିବା ମଧୁର ମୂହୁର୍ତ୍ତମାନ
ଆଉ କି ସେ ଆସିବ ଫେରି ।

ଗଲାବେଳେ ନିଜ ସାଥେ ନେଇଗଲ
ମୋ ଜୀବନରୁ ଯେତେ ସବୁ ହସଖୁସି
ନିଜ ହାତେ ଭାଙ୍ଗିଦେଇ ଗଲ
ମୋ ସ୍ୱପ୍ନର ବାଲିଘର
ଉପହାର ସ୍ୱରୂପ ଦେଇଗଲ
କେବଳ ମେଞ୍ଚାଏ ଦୁଃଖ ଆଉ ଅସରା
ଲୁହ ।

ଏବେ ନିଃସଙ୍ଗତା ମୋ ସାଙ୍ଗ ହୋଇଛି
ନିର୍ଜନତା ମୋ ମାର୍ଗ ପ୍ରଦର୍ଶକ ସାଜିଛି
ସ୍ୱପ୍ନ ଆଉ ସତ୍ୟର ଦୋଛକିରେ
ମୁଁ ବାଟବଣା ଯାଯାବର ପାଲଟି
ଯାଇଛି ।

କାହା ସାମ୍ନାରେ କହିବିନି କେବେ
ତୁମେ ମୋ ସହ କଲ ପ୍ରତାରଣା
ଭାବିନେବି ତୁମ ସହ ଦେଖା ହେବା
ମୋ ଜୀବନରେ ଥିଲା ବଡ଼ ଦୁର୍ଘଟଣା ।

ଅଭିଶପ୍ତ ପ୍ରେମିକ ମୁଁ କଳଙ୍କିତ ନାୟକ
ବିରହ ଅଛି ମୋ କପାଳେ ଲେଖା
ତଥାପି ତୁମକୁ କରିବି ଅପେକ୍ଷା
ଆର ଜନ୍ମରେ ତୁମ ସହ ହୋଇପାରେ
ଦେଖା ।

ପଦ୍ମାଦେଇପୁର, ନୟାଗଡ଼

## ଜଳ

ଝରଣା ମଲ୍ଲିକ



ଏଧରା ପୃଷ୍ଠରେ ତିନିଭାଗ ଜଳ
ଏକ ଭାଗ ଯେ ମଧୁର
କଠିନ, ତରଳ ବାଷ୍ପୀୟ ଅଟଇ
ତିନି ଅବସ୍ଥା ଜଳର।

ବାଷ୍ପୀକରଣରେ ଆକାଶକୁ ଯାଏ
ଝଡ଼ି ପଡ଼େ ବର୍ଷା ହୋଇ
ଜଳଚକ୍ର ବୋଲି କୁହନ୍ତି ଏହାକୁ
ସଫା, ସ୍ୱଚ୍ଛ ଜଳ ସେହି।

ନିରାପଦ ଜଳ ଜୀବାଣୁ ମୁକ୍ତ ଯେ
ଗନ୍ଧ, ରଙ୍ଗ, ସ୍ୱାଦ ହୀନ
ପାଣି ଫୁଟାଇକି କ୍ଲୋରିନ୍, ବ୍ଲିଚିଙ୍ଗ୍
ପକାଇ ଦେବା ଯେ ଚୂନ।

କୋଲେରା, ଜଣ୍ଡିସ୍,
ମ୍ୟାଲେରିଆ ଡେଙ୍ଗୁ
ଡାଇରିଆ,ଚର୍ମରୋଗ
ଟାଇଫଏଡ଼ ବା ପୋଲିଓ ଭୂତାଣୁ
କେହି ହେବେ ନାହିଁ ସଙ୍ଗ।

ନଳକୂପ ଜଳ ଅଟଇ ନିର୍ମଳ
ତଥାପି ସଜାଗ ହେବା
ରୋଗଘର ଆଉ ପାଖ ମାଡ଼ିବେନି
ସୁସ୍ଥ, ସବଳ ରହିବା।

ମାଣିଖମ୍ବ, ମୋତିଗଂଜ, ବାଲେଶ୍ୱର
ମୋ: ୯୨୩୮୫୭୪୫୦୩



## କେଜାଣି !

ସନ୍ତୋଷ କୁମାର ମେହେର

ଫି’ ଦିନ ସେ ଦେଖେ
ମୁଁ ବି’ଦେଖେ;
ଦୁହେଁ ଦୁହିଁଙ୍କୁ ଭେଟୁ ଅକସ୍ମାତରେ...
ଫି’ଦିନ ସେ ହସେ
ମୁଁ ବି’ ହସେ;
ଦୁହେଁ ଦୁହିଁଙ୍କୁ ଲାଜେଇଯାଉ
ଏକ ଅପ୍ରସ୍ତୁତରେ...

ପଚାରିବି ପଚାରିବି ବୋଲି
ମନଟା ଜୋର୍ ଧରୁଥାଏ,
କିନ୍ତୁ ପଚାରିପାରିନି କେବେ ମୋ
ଅସମାହିତ ପ୍ରଶ୍ନ ଟିଏ ?
ତା’ ପରେ ମୁଁ ପୁଣି ଫେରି ଆସେ
ମୋ ବାସ୍ତବ ଦୁନିଆକୁ ।

ବିଜ୍ଞାନ ଶିକ୍ଷକ
କୁରୁଗୁଡା ଉଚ୍ଚ ମାଧମିକ ବିଦ୍ୟାଳୟ,
ଜୁନାଗଡ଼
କଳାହାଣ୍ଡି (୭୬୬୦୧୪)
ମୋ: ୯୦୭୮୭୭୭୧୭୪







## କାର୍ତ୍ତିକ ସାଇଁ

# ମିନା ଅପାଙ୍କ ରାମାୟଣ ଟୁଙ୍କି (୨୯)

## କୈକେୟୀଙ୍କ କ୍ରୋଧ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପିଲାମାନେ, କେବେ ବି ଭାବିବନି ରାଣୀ କୈକେୟୀ କୁଟିଳ ସ୍ୱଭାବର ଥିଲେ କିମ୍ବା ସ୍ୱାର୍ଥପର ଥିଲେ। ଏ ସବୁ ଥିଲା ଦେବତାମାନଙ୍କ ଖେଳ। ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ଦେବତାମାନେ ଚାହୁଁଥିଲେ ରାମ ବନବାସ ଯାଆନ୍ତୁ ଓ ରାବଣକୁ ବଧ କରନ୍ତୁ। ରାବଣର ଅତ୍ୟାଚାରରେ କେବଳ ସେମାନେ ଅତିଷ୍ଠ ନଥିଲେ, ମୁନି ଋଷି ଓ ଧାର୍ମିକ ଲୋକମାନେ ମଧ୍ୟ କଷ୍ଟରେ ଥିଲେ।



ସେମାନଙ୍କର ସ୍ୱାଧୀନତା ନଥିଲା। ସେମାନେ ତାଙ୍କ କାର୍ଯ୍ୟ ସୂଚାରୁ ରୂପେ କରି ପାରୁନଥିଲେ।

ଦେବତାମାନଙ୍କ ଲକ୍ଷ୍ୟ ସାଧନ ପାଇଁ ସେମାନେ କାଳର ପ୍ରୟୋଗ କରିଥିଲେ। ମନ୍ଥରା ଦାସୀ ମାଧ୍ୟମରେ ସେମାନେ ରାଣୀ କୈକେୟୀଙ୍କ ପାଖରେ ପହଂଚିନଥିଲେ।

କୌଶଲ୍ୟାଙ୍କ ଦାସୀଠାରୁ ମନ୍ଥରା ରାମଙ୍କ ରାଜ୍ୟାଭିଷେକ କଥା ଶୁଣିଲା। ସେ ଆଶ୍ଚର୍ଯ୍ୟ ହେଲା ଯେ ରାଣୀ କୈକେୟୀ ଏ କଥା ଜାଣି ନାହାନ୍ତି। ଭାରତ ଓ ଶତ୍ରୁଘ୍ନ ମଧ୍ୟ ଭରତଙ୍କ ଅଜାଙ୍କ ଘରକୁ ଯାଇଛନ୍ତି।

ଏହି ସମୟରେ ମନ୍ଥରାର ଗୋଟେ ଘଟଣା ମନେ ପଡ଼ିଲା। ରାମ ବିଭାହୋଇ ସୀତାଙ୍କ ସହିତ ରାଜ ନବରରେ ପ୍ରବେଶ କରୁଥିଲେ। ପୁର ନାରୀମାନେ ମଙ୍ଗଳ ଗାନ କରି ତାଙ୍କର ଅଭ୍ୟର୍ଥନା କରୁଥିଲେ। ସେହି ସମୟରେ ମନ୍ଥରା ଯିଏ କି ନିହାତି ଅସୁନ୍ଦରୀ ଥିଲା ଓ ତା ପଠିରେ ଗୋଟେ କୁଜଜ ଥିଲା। ଥଟାରେ ୟାଡୁ ସ୍ୟାଡୁ କଣ ବୋଲି ଦେଇଥିଲା। ରାମଙ୍କୁ ତାହା ଭଲ ଲାଗିନଥିଲା। ସେ ଅନ୍ୟ ଦାସ ଦାସୀଙ୍କୁ ଧନବସ୍ତ୍ର ଦାନ କରିଥିଲେ। ମାତ୍ର ମନ୍ଥରାକୁ କିଛି ଦେଇ ନଥିଲେ ବରଂ ତା ଆଡ଼େ କୋପ ଦୃଷ୍ଟିରେ ଅନେଇଥିଲେ। ଏ ସବୁ ଦେଖି ଅନ୍ୟ ଦାସଦାସୀ-ମାନେ ହସିଥିଲେ ଓ ମନ୍ଥରାକୁ ଅପମାନିତ ବୋଧ କରିଥିଲା। କିଛି ଖେଳ ଖେଳିବାର ଆଶା ଜାଗ୍ରତ ହେଲା ମନ୍ଥରା ମନରେ। ସେ ବି ରାମ ଦେଇଥିବା ଅପମାନର ପ୍ରତିଶୋଧନ ନେବାକୁ ଚାହୁଁଥିଲା।

ମନ୍ଥରା ତୁରନ୍ତ ରାଣୀ କୈକେୟୀଙ୍କ ଅନ୍ତଃପୁରରେ ପହଂଚିଗଲା ଓ ଧଇଁ ସଇଁ ହୋଇ ରାମଙ୍କ ଅଭିଷେକ କଥା ତାଙ୍କୁ କହିଲା। ଏ ତ ସୁ ଖବର। ଖୁସି ହେବାର କଥା। ରାମ ବଡ଼ଭାଇ। ସେ ହିଁ ଅଯୋଧ୍ୟାର ରାଜା ହେବେ। କୈକେୟୀଙ୍କ କଥା ଶୁଣି ମନ୍ଥରା ଆଶ୍ଚର୍ଯ୍ୟ ହେଲା। ଦେବତାମାନେ ବି ପ୍ରମାଦ ଗଣିଲେ। ସେମାନେ ସରସ୍ୱତୀଙ୍କ ସାହାଯ୍ୟ ନେଲେ ଓ କୈକେୟୀଙ୍କ ମନରେ ପରିବର୍ତ୍ତନ ଆଣିବାକୁ ପ୍ରାର୍ଥନା କଲେ। ଧରଣୀର ମଙ୍ଗଳ ଲାଗି ମା' ସରସ୍ୱତୀ ମଧ୍ୟ ଦେବତାଙ୍କ କଥା ମାନିଲେ।

ଏ କି କଥା ଲୋ ମା। ମା' ହୋଇ ତୁମେ ଏପରି କଥା କିପରି ଭାବୁଛ। ରାମ ରାଜା ହେବେ, ଭରତ ତାଙ୍କ କଥା ମାନିବେ। କେବେ ବି ଅଯୋଧ୍ୟାର ସିଂହାସନରେ ବସି ପାରିବେନି। ରାମଙ୍କଠାରୁ ଭାରତ କେଉଁ ଗୁଣରେ କମ୍ କି?

ଏବେ ମନ୍ଥରାର କଥା କୈକେୟୀଙ୍କୁ ଛୁଇଁଲା। ସେ ଭାବିଲେ ମନ୍ଥରା ଠିକ୍ କହୁଛି। ତାଙ୍କର ଦଶରଥଙ୍କ ଉପରେ ଅଭିମାନ ଆସିଲା। କଳ କୌଶଳରେ ରାଜା ଦଶରଥ ମୋ ପୁତ୍ର ଭରତକୁ ମାତୁଳ ଗୃହକୁ ପଠାଇ ଦେଇଛନ୍ତି ବୋଧେ। ତାଙ୍କ ଯୋଜନା କେବେ ବି ନାହିଁ ଭରତକୁ ତାର ଉପଯୁକ୍ତ ସ୍ଥାନ ଦେବାକୁ। କୈକେୟୀଙ୍କ ମନରେ ହଠାତ୍ ଏ କଥା ଜାଗ୍ରତ ହେଲେ- ସେ ଭରତଙ୍କୁ ଅଯୋଧ୍ୟାର ରାଜା ହେବାକୁ ଚାହାନ୍ତି।

କାଳର କବଳିତ ଏ ସଂସାର। ରାଣୀ କୈକେୟୀ ସେଇ କାଳର କବଳିତା ହୋଇଗଲେ। ସେ ସଂଗେ ସଂଗେ ନିଜ ପୁତ୍ର ଭରତକୁ ରାଜା ରୂପରେ ଦେଖିବାକୁ ଚାହିଁଲେ।

ରାଜା ଦଶରଥ ରାଣୀଙ୍କ ଭିତରକୁ କୈକେୟୀଙ୍କୁ ଅଧିକ ଭଲ ପାଉଥିଲେ। ତାଙ୍କର କୈକେୟୀଙ୍କ ପ୍ରତି ଦୁର୍ବଳ ଥିଲା। କେବଳ ସେତିକି ନୁହେଁ କୈକେୟୀ ଜଣେ ବୀରଙ୍ଗନା ଥିଲେ। ଦୁଇ ଦୁଇ ଥର ସେ ମହାରାଜା ଦଶରଥଙ୍କ ପ୍ରାଣରକ୍ଷା କରିଥିଲେ।

କୈକେୟୀ ଚିନ୍ତାରେ ପଡ଼ିଗଲେ। ଭରତଙ୍କୁ ଅଯୋଧ୍ୟାର ରାଜା କିପରି କରିବେ?

ସେହି ସମୟରେ ମନ୍ଥରା କୈକେୟୀଙ୍କୁ ମନେ ପକାଇ ଦେଲେ-ମହାରାଣୀ, ଆପଣଙ୍କୁ ମହାରାଜା ଦୁଇଟି ବର ଯାଚିଥିଲେ। ଆପଣ ବର୍ତ୍ତମାନ ତାର ଉପଯୋଗ କରନ୍ତୁ।

ରାଣୀ କୈକେୟୀଙ୍କର ମନେ ପଡ଼ିଲା। ଥରେ ଯୁଦ୍ଧ କ୍ଷେତ୍ରରେ ରାଜା ଦଶରଥଙ୍କ ଜୀବନ ରକ୍ଷା କରିଥିଲେ ସେ। ଆଉ ଥରେ ତାଙ୍କ ପାଦରେ ହୋଇଥିବା ବ୍ରଣକୁ ବିନା ସଂକେତରେ ଚୁଚୁମି ଦଶରଥଙ୍କୁ କଷ୍ଟରୁ ମୁକ୍ତ କରିଥିଲେ। ଦଶରଥ ଖୁସି ହୋଇ ତାଙ୍କୁ ବର ପ୍ରଦାନ କରିଥିଲେ।

-ବର ମାଗି ନେବାର ଏହା ହେଉଛି ପ୍ରକୃଷ୍ଟ ସମୟ। କହିଲା ମନ୍ଥରା।

-ଠିକ୍ କଥା କହିଲୁ। କହିଲେ କୈକେୟୀ।

ରାଣୀ କୈକେୟୀ ଭୁଲିଗଲେ ଯେ ଶ୍ରୀରାମ ଦଶରଥଙ୍କର ଜ୍ୟୋଷ୍ଠପୁତ୍ର ଓ ସେ ଅଯୋଧ୍ୟା ସିଂହାସନରେ ବସିବାକୁ ସବୁ ଦୃଷ୍ଟିରୁ ଯୋଗ୍ୟ। ସେ ବା କଣ କରନ୍ତେ। ଦେବତାମାନଙ୍କ କୂଟ ଚକ୍ରାନ୍ତ ମଣିଷ କିପରି ବୁଝିବେ। ରାଣୀ କୈକେୟୀ ମନରେ କ୍ରୋଧ ଜାତ ହେଲା। ସେ ସଂଗେ ସଂଗେ ତାଙ୍କ ଅଳଙ୍କାର ଇତ୍ୟାଦି ତ୍ୟାଗ କରି କ୍ରୋଧାଗାରରେ ପ୍ରବେଶ କଲେ ଓ ମୁହଁ ମାଡ଼ି ତଳେ ଶୋଇ ରହିଲେ।

ପିଲାମାନେ, ଗୋଟିଏ କଥା ମନେ ରଖିବ। ମଣିଷ କାଳର ବଶ। ସେ କଥା ସତ୍ୟ। ସେଥିଲାଗି ଆମ ଜୀବନର ଦୁଃଖ ସୁଖରେ ଆମେ ବ୍ୟସ୍ତ ନ ହୋଇ ଆମ କର୍ତ୍ତବ୍ୟ କରି ଚାଲିବା। ମିନା ଅପା ତାଙ୍କ କଥା ସାରିଲେ।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

## ପୁସ୍ତକ

### ନିରଞ୍ଜନ ସାହୁ

ଅସାଧାରଣ ଅଟଇ ମୁହିଁ
ନାଆଁଟି ମୋର ପୁସ୍ତକ
ଯେତେ ବଡ଼ ଯେ ହେଉ ପଛକେ
ମୋ ଠାରେ ନତମସ୍ତକ ।

ଜ୍ଞାନର ମୁହିଁ ଭଣ୍ଡାର ଅଟେ
ମୋ ଦେହେ ବିଦ୍ୟା ଲିଖିତ
ତାକୁ ଯେ ପଢେ ତାକୁ ଯେ ଜାଣେ
ବୋଲାଏ ସିଏ ଶିକ୍ଷିତ ।

ଜ୍ଞାନର ପରିସୀମା ବଢ଼ଇ
ମୋ ଠାରେ ଭାବ କରିଲେ
ସେଇଥିପାଇଁ ଜ୍ଞାନ ପିପାସୁ
ଶ୍ରଦ୍ଧାରେ ମୋତେ ଧରିଲେ ।

ମୋତେ ପଢିଲେ ଜ୍ଞାନ ବଢଇ
ଅଜ୍ଞାନ ଯାଏ ଦୂରେଇ
ପାଠୁଆ ପିଲେ ବସ୍ତାନୀ ଦେହେ
ମୋତେ ଥାଆନ୍ତି ପୁରେଇ ।

ବିଭିନ୍ନ ଜ୍ଞାନ ପ୍ରଦାନ କରି
ଖୁସି ହୁଏ ମୁଁ ମନରେ
ସଭିଙ୍କୁ ବଡ଼ ଆଦରେ କହେ
'ଜ୍ଞାନ ଅରଜ ଧନରେ ।'

ସାକ୍ଷାତ ସରସ୍ୱତୀ ମୁଁ ଅଟେ
ସାକ୍ଷାତ ଅଟେ ଗଣେଶ
ମୋ ସାଥେ ଯିଏ ସମ୍ପର୍କ ରଖେ
ହୁଅଇ ସିଏ ମଣିଷ ।

ମୁହିଁ ଶିଖାଏ ବିବିଧ ବିଦ୍ୟା
ଲାଗେ ମଣିଷ କାମରେ
ସେହି ମଣିଷ ବଡ଼ ହୋଇକି
ରଖଇ ନିଜ ନାମରେ ।

ବିଦ୍ୟା ପରିକା କିଏ ସେ ହେବ
ଏହି ସଂସାର ମଧରେ
ତେଣୁ ବିଦ୍ୟାକୁ ଅର୍ଜନ କର
ନିଜେ ଆପଣା ସାଧରେ ।

ମୋ ଦେହେ ବିଦ୍ୟା ଧାରଣ କରି
ନିଜକୁ ଧନ୍ୟ ମଣିଛି
ପୁସ୍ତକ କେତେ ମହାନ ଅଟେ
ସେହି କଥା ମୁଁ ଜାଣିଛି ।

ଜ୍ଞାନର ମୁହିଁ ଆଧାର ଅଟେ
ବିଦ୍ୟାକୁ ମୁହିଁ ବିତରେ
ସଦାସର୍ବଦା ନିୟୋଜିତ ମୁଁ
ଏହି ସଂସାର ହିତରେ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ : ୯୯୩୮୭୪୧୫୮୩

## କବିତା

### ତୁମ ପାଇଁ



## ଦେହ ସୁସ୍ଥ ରହେ ଭଲେ

### ନଗେନ୍ଦ୍ର ନାଥ ପଟନାୟକ

ଧୋବ ଫରଫର ଚିଜଟିଏ ଇଏ
ରସୁଣ ନାଆଁଟି ତାର
ଗାଁଠୁ ସହ ର ସବୁରୀଙ୍କ ଘରେ
ଲୋଡ଼ା ହୁଏ ନିରନ୍ତର ।

ଦିହ ସୁସ୍ଥ ଲାଗି ଭାରି ହିତକର
ରୋଗ ପାଇଁ ଉପଚାର
ହଜମ ଶକତି ବଢାଏ ଶରୀରେ
ଗ୍ୟାସ ରୋଗ ହୁଏ ଦୂର ।

ରସୁଣରେ ପୂରି ରହିଅଛି ଲୌହ,
ଖଣିଜଲବଣ ତତ୍ୱ
ମରକ୍ୟୁରି ସଲଫାଇଡ୍, ଭିଟାମିନ-ଏଚ
କରେ ଶରୀରକୁ ଶକ୍ତ ।

ଦାନ୍ତପୀଡା ହ୍ରାସ କରାଏ ଏ ଚିଜ
ପେଟେ କିଟାଣୁକୁ ନାଶ
ରସୁଣ ସେବନେ ହଟିଯାଏ ଦେହୁ
ଦେହଫୁଲା, ଝାଡା, କାଶ ।

ରକତୁ ଚରବି ମିଳେଇ ଯାଏରେ
ହଳଦୀ ସେବନ କଲେ
ଧମନୀରେ ରକ୍ତ ହୁଏ ସଂଚାଳନ
ଦେହ ସୁସ୍ଥ ରହେ ଭଲେ ।

+ ୯୯୯/୩, ଜଗମୋହନ
ନଗର,ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

## ବାଇ ଚଢେଇ

### ବାସନ୍ତୀ ଦାସ

ଟିକି ହେଲେ ମଧ କେତେ ବୁଦ୍ଧିଆ ତୁ
କଳା କଉଶଳ ଜାଣୁ
ଟିକି ଥଣ୍ଟରେ ତୋ କାଠି କୁଟା ଆଣି
ସୁନ୍ଦର ବସାଟି ବୁଣୁ
ସାଥୀ ସହ ସଦା ଥାଉ
ପରିବାର ଧରି କିଚିରି ମିଚିରି
କରି ଜନମନ ମୋହୁ ?

ଗଛର ଡାଳରେ ଏକାଠି ସଭିଏଁ
ହେଉଥାଅ ରାଉରାଉ
ଖେଳରେ ମାତିଛ ଅବା କଳିକରି
ଦେଖାଉଛ ନିଜ ଭାଉ
ଭାରି ମଜାଲାଗେ ଦେଖିଲେ ଥରେ
ମନ ଖୁସି ହୁଏ ତତେ ଦେଖିଲେ
ସାଙ୍ଗସାଥୀ ହୋଇ ରହିବାକୁ ପରା
ତୁ ବେଶି ଭଲପାଉ ।

ପୋକ ଜୋକ ଖାଉ କୋଉଠୁ ଖୋଜି
ଖାଉ ପୁଣି ମିଠାଫଳ
ବିଧାତା ରଖିଚି ତୋ ପାଇଁ ସାଇତି
ନଦୀ ପୋଖରୀରେ ଜଳ
ଏକତା ତୋ ଠାରୁ ଶିଖିବାର ଅଛି
କେମିତି ତୋ ଦିନ ଖୁସିରେ ବିତୁଚି
ସଂଧ୍ୟାହେଲେ ଫେରୁ ବସାକୁ ତୋହର
ରାତି ତୋ ବିଶ୍ରାମ ପାଇଁ ?

+ଭୀମଟାଙ୍ଗୀ -୧,ପ୍ଲଟ୍ ନଂ -୨୩୮୦
ଭୁବନେଶ୍ୱର -୨
ମୋ -୯୮୫୩୯୯୩୯୯୩



## ନଈ କୂଳର କୁଡ଼ିଆ



### ସୁଧାକର ନନ୍ଦ



ବିରୁପା ନଈ କୂଳରେ ସପନା ଦାସ କୁଡ଼ିଆଟିଏ ତିଆରି କରି ରହୁଥାଏ । କେବଳ ଖାଇବା ଓ ଶୋଇବା ବେଳ ଛାଡ଼ିଦେଲେ ଜାଲ ମୁଠେ ଧରି ସେ ସବୁବେଳେ ବୁଲୁଥାଏ । ମାଛଧରି ଗାଁରେ ବିକେ । ସେଇଥିରେ ତା' ପରିବାର ଚଳିଯାଏ । ପରିବାର ବୋଇଲେ ବାପା-ଝିଅ ଦୁଇଜଣ । ସପନା ସ୍ତ୍ରୀ ନେତା କୃରରେ ପଡ଼ି କୋଉଦିନରୁ ଆରପୁରକୁ ଚାଲିଗଲାଣି । ଝିଅ ନିରୁ ଭଲପାଠ ପଢ଼େ । ଯେତେ କଷ୍ଟ ହେଲେ ବି ସପନାର ଇଚ୍ଛା ନିରୁକୁ ପାଠ ପଢ଼େଇ ମଣିଷ କରିବ ।

ସେ ବର୍ଷ ସେ ପ୍ରଥମ ଶ୍ରେଣୀରେ ମେଟ୍ରିକ୍ ପାଶ୍ କଲା । ଗୁରୁଜୀମାନେ ଭାରି ଖୁସି ହୋଇ ସପନାକୁ ଡକେଇ କହିଲେ: ସପନାରେ ଝିଅଟି ତୋର ସୁନା ମୁଣ୍ଡାଟିଏ । ପରୀକ୍ଷାରେ ବହୁତ ନମ୍ବର ରକ୍ ପାଶ୍ କରିଛି । ଏଠି ଆଜେ ବାଜେ କଲେଜରେ ନ' ପଢ଼େଇ ତାକୁ କଟକ ରେଭେନ୍ସା କଲେଜରେ ପଢ଼ା । ତୁ ଯେତିକି ପାରିବୁ ଖର୍ଚ୍ଚ କରିବୁ, ଆମେ ସବୁ ଗୁରୁଜୀମାନେ ମିଶି ତା' ପଢ଼ିବା ପାଇଁ ଯାହା ଟଙ୍କା ଦରକାର ହେବ ସହାଯ୍ୟ କରିବୁ ।

ସପନା କହିଲା: ଆଜ୍ଞାମାନେ, ବ୍ୟସ୍ତ ହୁଅନ୍ତୁ ନାହିଁ । ସେ କଟକରେ ପଢୁ । ମୁଁ ଦିନରାତି ଖଟି ତାକୁ ପଢ଼ାଖର୍ଚ୍ଚ ଯୋଗାଇବି । କିନ୍ତୁ ସେ ରହିବ କୋଉଠି ? ମୋର କଟକରେ କିଏ ବା ଚିହ୍ନା ଅଛି ?

ରାଜୁ ଗୁରୁଜୀ କହିଲେ: ରେଭେନ୍ସା କଲେଜରେ ମୋର ଜଣେ ଭାରି ସାଙ୍ଗ ଲେକଚରର ଅଛି । ତୁ ଝିଅକୁ ନେଇ ମୋ ସାଙ୍ଗରେ ଚାଲ, ତା' ସହିତ କଥାବାର୍ତ୍ତା କରି ମୁଁ ସବୁ ବ୍ୟବସ୍ଥା କରିଦେବି ।

ରାଜୁଗୁରୁଜୀଙ୍କ ସହିତ ସବୁ ଗୁରୁଜୀଙ୍କ ସାହାଯ୍ୟରେ ସପନା କେଉଟର ଝିଅ ନିରୁ ଖୁବ୍ ଭଲ ନମ୍ବର ରଖି ରେଭେନ୍ସା କଲେଜରୁ ବିଏ ପାସ୍ କଲା । ଦିନରାତି ଜାଲ ପକେଇ ସପନା ମାଛଧରେ । ବଜାରରେ ବିକି ବ୍ୟାଙ୍କରେ ଟଙ୍କା ରଖେ । ଝିଅର କିଛି ଅସୁବିଧା ନ'କରି ଠିକ୍ ସମୟରେ ତା' ପାଖକୁ ଟଙ୍କା ପଠାଇ ଦିଏ ।

ଏମ.ଏ ପାଶ୍ କଲାପରେ ବି ଗୋଟେ ବଡ଼ ଚାକିରୀ କରିବା ପାଇଁ ତାକୁ କଣ ଗୋଟେ ବଡ଼ ପରୀକ୍ଷା ଦେବାକୁ ହେବ ବୋଲି ସେ ଚିଠି ଲେଖିଛି । ସପନା କୋଉ ପାଠ ପଢ଼ିଛି ଯେ ସେ ଚିଠି ପଢ଼ି ପାରିବ । ସ୍କୁଲକୁ ଗଲା । ଚିଠି ପଢ଼ି ରାଜୁ ଗୁରୁଜୀ କହିଲେ: ନିରୁ ଆଇ:ଏ:ଏସ୍: ପରୀକ୍ଷା ଦେବ । ସେଥିପାଇଁ ସେ କଟକରେ ରହିବ ।

ସପନା କଣ ଜାଣେ ଯେ ବୁଝି ପାରିବ । ଖୁସି ହୋଇ ସେ କହିଲା: ଗୁରୁଜୀ ସେ କଟକରେ ରହି ପଢ଼ାପଢ଼ି କରୁ । ପରୀକ୍ଷା ଦେଉ ମୁଁ ଯେମିତି ହେଲେ ତାକୁ ଟଙ୍କା ଯୋଗେଇବି ।

ସେଦିନ ବର୍ଷା ହେଉଥାଏ । ସପନା ତାର ଜାଲମୁଠାକ ଧରି ମାଛ ଧରିବାକୁ ବାହାରି ଯାଇଥାଏ । ଛତାଟିଏ ଧରି ତାକୁ ଗୁରୁଜୀଙ୍କ ସହିତ ଇସ୍କୁଲ୍‌ର ସବୁ ଗୁରୁଜୀମାନେ ନଈ କୂଳରେ ଥିବା ସପନା କେଉଟର ସେ କୁଡ଼ିଆ ପାଖରେ ପହଁଞ୍ଚିଲେ । ସପନାକୁ ଖୋଜିଲେ । ହେଲେ ସପନା କୋଉ ଅଛି ଯେ, ତାକୁ ପାଇବେ ? ଝିଅ ତା'ର ଆଇ.ଏ.ଏସ୍ ପାଇଛି ବୋଲି ଏଇ ଖବରଟି ଦେବାକୁ ସେମାନେ ସପନା ପାଖକୁ ଆସିଥିଲେ । ତାକୁ ନ'ପାଇଁ ସେମାନେ ଫେରୁଛନ୍ତି, ଏଇ ସମୟରେ ଓଦା ସରସର ହୋଇ ସପନା ଆସି ପହଞ୍ଚିଲା ।

ଗୁରୁଜୀମାନଙ୍କଠାରୁ ଖବର ଶୁଣି ଏତେ ଖୁସି ହୋଇଗଲା ଯେ ତା' ଜାଲରେ ଧରା ପଡ଼ିଥିବା ବଡ଼ ଭାକୁଡ଼ ମାଛକୁ ଗୁରୁଜୀ ମାନଙ୍କ ଗୋଡ଼ତଳେ ରଖିଦେଇ ଲମ୍ବ ହୋଇ ଶୋଇଗଲା । କହିଲା: ଗୁରୁଜୀମାନେ, ମୋର ନୁହେଁ ଆପଣଙ୍କ ଇଚ୍ଛା ଆଜି ପୂରଣ ହୋଇଛି । ନିରୁ ମୋ ଝିଅ ନୁହେଁ ଆପଣଙ୍କ ଝିଅ । ମୋ ଝିଅ ନିରୁପାଇଁ ନୁହେଁ ଆପଣଙ୍କ ଖୁସି ଦେଖି, ମୋ ଛାତି କୁଣ୍ଢେମୋଟ ହୋଇଯାଉଛି । ମୁଁ କେଉଟ ବାପୁଡ଼ା । ମୋର କୋଉ ଶକ୍ତିଥିଲା ଯେ ତାକୁ ଏତେବାଟ ନେଇ ପାରିଥାନ୍ତି ?

ଓଡ଼ିଶା ବାହାରେ ମସୌରୀ ଠାରେ ଟ୍ରେନିଂ ନେଇ ସାରିଲା ପରେ ଆଇ.ଏ.ଏସ୍ ଅଫିସର ନିରୁପମା ଦାସ ଆଜି ଗାଁକୁ ଆସୁଛନ୍ତି । ସେ ଗାଁର ଗୌରବ । ନିର୍ବାଚନ ମଣ୍ଡଳୀର ଏ.ଏଲ୍,ଏ ଚେୟାରମ୍ୟାନ, ସରପଞ୍ଚ, ଗାଁ ଓ ଆଖପାଖ ଅଞ୍ଚଳର ଲୋକମାନେ ତାକୁ ସମ୍ବର୍ଦ୍ଧନା ଜଣାଇବାକୁ ସ୍କୁଲରେ ଗୋଟିଏ ସଭାର ଆୟୋଜନ କରିଛନ୍ତି । ମାଇକ୍ ଶବ୍ଦ ଓ ଲୋକ ଭିଡ଼ରେ ସ୍କୁଲ ଖାଲି ଉଠୁଛି ପଡୁଛି । ସପନାକୁ କିନ୍ତୁ ରାତିକୁ ଭାରି ଜର । ନଈ କୂଳର ତା'ର ସେ କୁଡ଼ିଆରେ କନ୍ଥା ଘୋଡ଼ାଇ ହୋଇ ଖକିରି ଚଟେଇଟିରେ ଶୋଇଛି । ସଭାକୁ ଯିବାକୁ ତା'ର ଜୁ ନାହିଁ ।

ଗାଡ଼ିଟିଏ ଧରି ସବ୍ କଲେକ୍ଟର ନିରୁପମା ଦାସ ଗାଁରେ ପହଞ୍ଚିଲେ । ତାଙ୍କର ଜିନ୍ଦାବାଦ୍ ଶବ୍ଦରେ ଗାଁ ଦାଣ୍ଡ ଉଚ୍ଛୁଳି ଉଠୁଥାଏ । ସେ କିନ୍ତୁ ସ୍କୁଲ ପାଖରେ ହେଉଥିବା ସଭା ନିକଟରେ ଗାଡ଼ି ନ ଅଟକାଇ ସିଧା ଚାଲିଲେ ନଈ କୂଳର ସେଇ ଟିକି କୁଡ଼ିଆଟି ପାଖକୁ । ଗାଡ଼ିରୁ ଓହ୍ଲାଇ ଜରରେ କମ୍ପୁଥିବା ବାପା ସପନା କେଉଟ ଗୋଡ଼ ଉପରେ ମୁଣ୍ଡ ଥୋଇ କହିଲେ: ଉଠ ବାପା, ତମ ଝିଅ ନିରୁ ଆସିଛି ।

ସପନା ଉଠିଲା । ଝିଅକୁ କୋଳକୁ ନେଇ ତା' ଗାଲରେ ଚୁମା ଦେଲାବେଳେ ସ୍କୁଲର ସବୁ ଗୁରୁଜୀ, ଏମ.ଏଲ୍.ଏ, ଚେୟାରମ୍ୟାନ୍, ସରପଞ୍ଚ ପଦାରେ ଠିଆ ହୋଇ ଛଳଛଳ ଆଖିରେ ଏ ଦୃଶ୍ୟକୁ ଦେଖୁଥିଲେ ।

ସାଇ ସରସ୍ୱତୀ ନିବାସ, ଭଦ୍ରକ

## କଟି-କଟି-କଟି . . .



### ନଗେନ୍ଦ୍ର ନାଥ ପଟ୍ଟନାୟକ



ଖେଳକୁଦ ବେଳେ ରୋହିତ ତୁଷାରକୁ ବଡ ହଇରାଣରେ ପକାଏ । ଅଧିକାଂଶ ସମୟରେ ତାକୁ ଖେଳେଇ ଦିଏନା । ଏଥିପାଇଁ ତୁଷାର ରୋଜ ତା ମାଆ ଆଗରେ ରୋହିତ ବିରୁଦ୍ଧରେ ଫେରାଦ ହୁଏ । ମନେମନେ ରାଗିପାଚି ନିଆଁବାଣ ହୋଇଯାଏ । ହେଲେ ଆଜି ତୁଷାରକୁ ହଇରାଣ କରିବାର ରୋହିତ ସୀମା ସରହଦ ଟପିଗଲା କେତେ ବା ସହିତ ବିଚରା ତୁଷାର ଏପରିକି ସେ ନିଜର ବ୍ୟାଟକୁ ପଡିଆରେ ଫିଙ୍ଗିଦେଇ ଖୁବ୍ ଜୋରରେ ଦଉଡି ଦଉଡି ଯାଇ ମା' ପାଖରେ ହାଜର କାନ୍ଦୁଣି ମାନ୍ଦୁଣି ହୋଇ କହିଲା -ମାଆ ଏବେ ବହୁତ ହୋଇଗଲା। ରୋହିତର ଦୁଷ୍ଟାମିରେ ମୁଁ ଅତିଷ୍ଠ ହୋଇଗଲେଣି । ଏଣିକି ମୁଁ ଆଉ ତୁମ ବୋଲ ମାନିବି ନାହିଁ । ସେ ଯାହା ହେଇଯାଉ ପଛକେ ଆଜିଠୁ ମୁଁ ରୋହିତ ସହିତ ଖେଳିବିନି କି କଥାଭାଷା ହେବିନି । ତାର ମୋର କଟି କଟି କଟି . . . । ତୁଷାରକୁ ବହୁଥର ବୁଝାଇଶୁଝାଇ କହିବା ପରେ ବି ତୁଷାର ଅନେକ ଦିନଯାଏ ରୋହିତ ସହିତ ଖେଳିବାକୁ ଗଲାନାହିଁ । ରୋହିତ ନିଇତି ତା ପାଖକୁ ଆସେ ଓ ତା ସହିତ ନ ଖେଳି ଲେଉଟିଯାଏ ଘରକୁ।

ରୋହିତକୁ ଦେଖି ତୁଷାର ମାଆ ତୁଷାରକୁ ଖୁବ୍ ବୁଝାନ୍ତି । ବୋଧଦେଇ କହନ୍ତି -ପୁଅ ! ରୋହିତ ତୋତେ ହଇରାଣ କରୁଚି ବୋଲି ତୁ ଅଭିଯୋଗ କର କି ନକର ମୁଁ କିନ୍ତୁ ଏକଥା ବେଶ୍ ଭଲ ଭାବରେ ଜାଣେ । ଏଇ କିଛିଦିନ ତଳେ ତା' ମାଆ ବାପା କରୋନା ସଂକ୍ରମଣରେ ଆକ୍ରାନ୍ତ ହୋଇ ଚାଲିଗଲେ ଆରପାରିକି । ପୁଣି ତା ଜେଜେବାପା ଓ ଜେଜେମା ଖୁବ୍ ବୁଢାବୁଢୀ ହୋଇଗଣେଣି। ତଥାପି ସେମାନେ ତାକୁ ଲାଳନପାଳନ କରୁଛନ୍ତି। ୟାଠୁ ବଳି ଆଉ ବଡ କଥା କଣ ବା ହୋଇପାରେ । ଏବେ ତା ସାଙ୍ଗରେ ଖେଳକୁଦ କରିବାକୁ କେହି ପିଲା ନାହାନ୍ତି । ଦେଖ ତୁ ଯେତେବେଳେ ତା ସହିତ ଖେଳିବା ବନ୍ଦ କରିଦେଲୁ ସେ ବିଚାର ବଡ ଉଦାସ ଦିଶୁଥିଲା। ଏଥର ତୁ ଯଦି ତା ସହିତ ଖେଳିବୁ ନାହିଁ ସେ ଏକୁଟିଆ ହୋଇଯିବ। ଏକଲା ସେ କାହା ସହିତ ଦୁଷ୍ଟାମି କରିବ? କାହା ସହିତ ଖେଳକୁଦରେ ମାତିବ? ଏଣୁକରି ମୁଁ ଚାହେଁ ତୁ ତା ସହିତ ସ୍ନେହ ସରାଗରେ ଖେଳିବୁ । ଏମିତି ଏକ ଦିନ ଆସିବ ସେ ମଧ୍ୟ ନିଜେ ବେଶ୍ ବୁଝିଯିବ । ତୁଷାର ମାଆଙ୍କ କଥା ଶୁଣି ରୋହିତକୁ କହିଲା -ସାଙ୍ଗ ଆଉ ଡେରି କାହିଁକି,ଚାଲ ଆଜି ପଡିଆକୁ ଯିବା। ତୋ ସହିତ ମୋର ଖେଳ ବେଶ୍ ଜମିଯିବ । ତୁଷାର ତୁଣ୍ଡରୁ କଥା ପଦକ ଶୁଣି ରୋହିତ ହାତରେ ବଲଟିଏ ଧରି ଖୁସିରେ ଉଚ୍ଛୁଳିପଡିଲା ।

♥ ୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

# ମ୍ୟୁନିସିପାଲ କର୍ପୋରେସନ ଆଇନକୁ ଉଲ୍ଲଂଘନ କରି ପୌର ନିର୍ବାଚନ କରିବାକୁ ଷଡଯନ୍ତ୍ର ହୋଇଛି : ବିଜେପି

ଭୁବନେଶ୍ୱର ,୧୧/୨ (ନି.ପ୍ର): ସାଧାରଣରେ ଭୋଟରଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇ ନିର୍ବାଚନ ଅନୁଷ୍ଠିତ ହେବା ନିହାତି ଆବଶ୍ୟକ । ଭୋଟରମାନଙ୍କୁ ଭୋଟଦାନରୁ ବଂଚିତ କରିବାର ଅଧିକାର କାହାକୁ ଦିଆଯାଇନାହିଁ । "ରାଜ୍ୟ ମ୍ୟୁନିସିପାଲ କର୍ପୋରେସନ ଆଇନ-୨୦୦୩"କୁ ସଂପୂର୍ଣ୍ଣ ଉଲ୍ଲଂଘନ କରି ଆଗାମୀ ପୌର ନିର୍ବାଚନ ଅନୁଷ୍ଠିତ କରାଯିବାର ଷଡଯନ୍ତ୍ର ରଚାଯାଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଏହା ଦ୍ୱାରା ବହୁ ସଂଖ୍ୟାରେ ଭୋଟରମାନେ ବିଭିନ୍ନ ହଇରାଣ ଶିକାର ହେବା ସହିତ ନିଜ ମୌଳିକ ମତଦାନ ଦେବାରୁ ବଂଚିତ ହେବେ । ପ୍ରାଥମିକ ଭୋଟର ତାଲିକା ଆଜି ପ୍ରକାଶ ପାଇଛି ଏବଂ ଏଥିରେ କୌଣସି ତ୍ରୃଟି ଥିଲେ ଅଭିଯୋଗ ସମୟ ସୀମାକୁ ୧୦ ରୁ ୬ ଦିନକୁ ହ୍ରାସ କରାଯାଇଛି । ସେହିପରି ଦାଖଲ ହୋଇଥିବା ଅଭିଯୋଗର ତଦନ୍ତ ଓ ଫଇସଲା ପାଇଁ ଧାର୍ଯ୍ୟ ୩ ଦିନକୁ ହ୍ରାସ କରାଯାଇ ମାତ୍ର ଗୋଟିଏ ଦିନ ପାଇଁ କରାଯାଇଛି । ଏହି ଅଳ୍ପ ସମୟରେ ଭୋଟର ତାଲିକାରେ ଥିବା ତ୍ରୃଟିକୁ ଅନୁଧ୍ୟାନ କରି ସଂଶୋଧନ ପାଇଁ ଆବେଦନ କରିବା ଆଦୌ ସମ୍ଭବ ନୁହେଁ । ତେଣୁ ସାଧାରଣ ଭୋଟରଙ୍କ ମୌଳିକ ଅଧିକାର ଓ ସ୍ୱାର୍ଥ ଦୃଷ୍ଟିରୁ ତରବରିଆ ଭାବେ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ପ୍ରତ୍ୟାହାର କରାଯାଇ ନୂତନ କରାଯିବାକୁ ବିଜେପି ତରଫରୁ ପୁଣି ଥରେ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାବୀ କରାଯାଇଛି ।

ସେହିପରି ବିଜ୍ଞପ୍ତି ପ୍ରକାଶ ହୋଇଥିବା ଫେବୃଆରୀ ୨ ତାରିଖକୁ ଆଧାର କରି ନୂତନ ଭୋଟରମାନଙ୍କୁ ତାଲିକାଭୁକ୍ତ କରାଯାଉ, ନଚେତ ୧୮ ବର୍ଷ ବୟସ୍କ ବହୁ ନୂତନ ଭୋଟର ଭୋଟଦାନ କରିବାରୁ ବଂଚିତ ହେବେ । ନିର୍ବାଚନ ପ୍ରଚାର ପାଇଁ ଗାଡି, ସାଉଣ୍ଡ ଆଦିର ଅନୁମତିକୁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଜରିଆରେ ପ୍ରାର୍ଥୀମାନଙ୍କୁ ପ୍ରଦାନ କରାଯାଉ । ସେହିପରି ଏଜେଂଟ ନିଯୁକ୍ତି ପ୍ରକ୍ରିୟାକୁ ମଧ୍ୟ ସରଳିକରଣ କରାଯାଉ ବୋଲି ଆଜିର ସର୍ବଦଳୀୟ ବୈଠକରେ ବିଜେପି ତରଫରୁ ଦାବୀ କରାଯାଇଛି । ବିଜେପି ତରଫରୁ ଯୋଗ ଦେଇଥିବା ପ୍ରତିନିଧି ଦଳରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ଲିଗାଲ ସେଲର ରବିଶଂକର ପଟ୍ଟନାୟକ ଏବଂ ଜୟନ୍ତ ଜେନା ସାମିଲ ଥିଲେ ।

# ରାଜ୍ୟରେ ପୁଣି ୨୦ ଜଣ ସଂକ୍ରମିତଙ୍କ ପ୍ରାଣହାନି : କରୋନାଜନିତ ମୃତ୍ୟୁ ସଂଖ୍ୟା ୮୮୩୮କୁ ବୃଦ୍ଧି



ଭୁବନେଶ୍ୱର,୧୧/୨ (ନି.ପ୍ର): ପୁଣି ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ପୁଣି ଦୁଇ ଅଙ୍କ ଛୁଇଁଛି । ରାଜ୍ୟରେ ୨୦ କରୋନା ସଂକ୍ରମିତଙ୍କ ପ୍ରାଣହାନି ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୮୮୩୮କୁ ବୃଦ୍ଧି ପାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଯାଜପୁର ଜିଲ୍ଲାରୁ ସର୍ବାଧିକ ୪ ଜଣ ମୃତକ ଅଛନ୍ତି । ଯାଜପୁରର ଏକ ଛଅ ମାସର ଶିଶୁପୁତ୍ର ମୃତ୍ୟୁବରଣ କରିଥିବା ଜଣାଯାଇଛି । ଅପରପକ୍ଷରେ ବାଲେଶ୍ୱର, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ ଲେଖାଏଁ ସଂକ୍ରମିତ ପ୍ରାଣ ହରାଇଛନ୍ତି । ଏଣେ ମୟୂରଭଞ୍ଜର ୨ ଜଣ ମୃତକ ଅଛନ୍ତି । ଏହାଛଡ଼ା ଭଦ୍ରକ, କଟକ, ଜଗତସିଂହପୁର, ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲାର ଜଣେ ଲେଖାଏଁ ସଂକ୍ରମିତ ପ୍ରାଣ ହରାଇଛନ୍ତି । ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧,୫୭୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୯୧୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୬୫୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୩୦୯ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୩୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୯ ଜଣ, ବାଲେଶ୍ୱରରୁ ୬୨ ଜଣ, ବରଗଡ଼ରୁ ୨୫ ଜଣ, ଭଦ୍ରକରୁ ୨୭ ଜଣ, ବଲାଙ୍ଗୀରରୁ ୪୦ ଜଣ, ବୌଦ୍ଧ ଜିଲ୍ଲାରୁ ୨୫, କଟକରୁ ୧୬୧ ଜଣ, ଦେବଗଡ଼ରୁ ୨୦ ଜଣ, ଢେଙ୍କାନାଳରୁ ୩୫ ଜଣ, ଗଜପତିରୁ ୪୭, ଗଞ୍ଜାମରୁ ୨୭ ଜଣ, ଜଗତସିଂହପୁରରୁ ୪୮ ଜଣ, ଯାଜପୁରରୁ ୫୨ ଜଣ, ଝାରସୁଗୁଡ଼ାରୁ ୧୩ ଜଣ, କଳାହାଣ୍ଡିରୁ ୨୨ ଜଣ, କନ୍ଧମାଳରୁ ୬୨ ଜଣ, କେନ୍ଦ୍ରାପଡ଼ାରୁ ୩୦ ଜଣ, କେଉଁଝରରୁ ୪୩ ଜଣ, ଖୋର୍ଦ୍ଧାରୁ ୨୩୩ ଜଣ, କୋରାପୁଟରୁ ୮୭ ଜଣ, ମାଲକାନଗିରିରୁ ୬ ଜଣ, ମୟୂରଭଞ୍ଜରୁ ୬୦ ଜଣ, ନବରଙ୍ଗପୁରରୁ ୨୦, ନୟାଗଡ଼ରୁ ୩୫ ଜଣ, ନୂଆପଡ଼ାରୁ ୨୩ ଜଣ, ପୁରୀରୁ ୩୯ ଜଣ, ରାୟଗଡ଼ାରୁ ୭୪ ଜଣ, ସମ୍ବଲପୁରରୁ ୭୩ ଜଣ, ସୋନପୁରରୁ ୧୨, ସୁନ୍ଦରଗଡ଼ରୁ ୧୧୩ ଜଣ ଓ ଷ୍ଟେଟ ପୁଲରୁ ୪୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୭୪, ୫୭୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୫୧, ୪୩୧ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୪, ୨୫୩ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଏଥର ଇଭିଏମ୍‌ରେ ପୌର ନିର୍ବାଚନ : ପ୍ରାର୍ଥୀଙ୍କ ପାଇଁ ସତ୍ୟପାଠ ଦାଖଲ ବାଧ୍ୟତାମୂଳକ

ଭୁବନେଶ୍ୱର ,୧୧/୨ (ନି.ପ୍ର): ଚଳିତ ପୌର ନିର୍ବାଚନରେ ଇଭିଏମ୍ ରେ ଭୋଟ୍ ଗ୍ରହଣ ହେବ । ଗୁରୁବାର ଦିନ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି ।

ରାଜ୍ୟ ନିର୍ବାଚନ କମିଶନରଙ୍କ ସୂଚନା ଅନୁଯାୟୀ, ଗୋଟିଏ ବୁଥ୍ ରେ ୨ଟି ଇଭିଏମ୍ ରହିବ । ଗୋଟିଏ ଇଭିଏମ୍ ରେ କାଉନସିଲର/ କର୍ପୋରେଟରଙ୍କ ପାଇଁ ଭୋଟ୍ ପଡ଼ିବ । ଅନ୍ୟ ଇଭିଏମ୍ ଟିରେ ପୌରାଧ୍ୟକ୍ଷ/ମେୟରଙ୍କ ପାଇଁ ଭୋଟ୍ ପଡ଼ିବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି ।

ସେହିପରି ପୌର ନିର୍ବାଚନରେ ଏଥର ପ୍ରାର୍ଥୀଙ୍କୁ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ । ଏହି ସତ୍ୟପାଠରେ ସେମାନେ ନିଜର ସଂପତି ତାଲିକା ଦେବେ । ଏହାସହ ଶିକ୍ଷାଗତ ଯୋଗ୍ୟତାର ବିବରଣୀ ଦେବେ । ସେହିଭଳି ଯଦି ସେମାନଙ୍କ ନାଁରେ କୌଣସି ଅପରାଧ ମାମଲା ଥିବ, ତା'ର ମଧ୍ୟ ସୂଚନା ଦେବେ । ଯଦି କେହି ଭୁଲ୍ ତଥ୍ୟ ସତ୍ୟପାଠରେ ଉଲ୍ଲେଖ କରିଥିବେ, ତା'ହେଲେ ତାଙ୍କର ପ୍ରାର୍ଥିପତ୍ର ନାକଚ ହୋଇଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ସମସ୍ତ ରାଜନୀତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଇଛନ୍ତି । ଏହା ସହିତ ପୌର ନିର୍ବାଚନ ଲଢ଼ିବାକୁ ଚାହୁଁଥିବା ପ୍ରାର୍ଥୀଙ୍କ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ସର୍ବାଧିକ ଖର୍ଚ୍ଚ ସୀମା ନିର୍ଦ୍ଧାରଣ କରାଯାଇଛି । ମହାନଗର ନିଗମର କର୍ପୋରେଟର ପ୍ରାର୍ଥୀ ସର୍ବାଧିକ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ । ସେହିପରି ମେୟର ପ୍ରାର୍ଥୀ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ । ୫୦ ହଜାର ଜନସଂଖ୍ୟା ବିଶିଷ୍ଟ ପୌର ପରିଷଦରେ କାଉନସିଲର ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୫୦ ହଜାର ଟଙ୍କା ରହିଛି । କିନ୍ତୁ ଏଠାରେ ଚେୟାରମ୍ୟାନ ପ୍ରାର୍ଥୀଙ୍କ ସର୍ବାଧିକ ଖର୍ଚ୍ଚ ସୀମା ରହିଛି ୨ ଲକ୍ଷ ଟଙ୍କା । ସେହିପରି ୫୦ ହଜାରରୁ ଲକ୍ଷେ ଜନସଂଖ୍ୟା ବିଶିଷ୍ଟ ପୌର ପରିଷଦରେ କାଉନସିଲର ପ୍ରାର୍ଥୀ ସର୍ବାଧିକ ୭୫ ହଜାର ଟଙ୍କା ଖର୍ଚ୍ଚ କରିପାରିବେ । ଏଠାରେ ଚେୟାରମ୍ୟାନ ପ୍ରାର୍ଥୀ ସର୍ବାଧିକ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ । ୧ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ପୌର ପରିଷଦରେ କାଉନ୍‌ସିଲର ପ୍ରାର୍ଥୀ ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ । ସେହିଭଳି ଏଠାରେ ଚେୟାରମ୍ୟାନ୍ ପ୍ରାର୍ଥୀ ସର୍ବାଧିକ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ ବୋଲି ସର୍ବଦଳୀୟ ବୈଠକରେ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ସବୁ ଦଳର ନେତାଙ୍କୁ ଅବଗତ କରାଯାଇଛି ।

ପୌର ନିର୍ବାଚନ ପାଇଁ ଚିଠା ଭୋଟର ତାଲିକା ପ୍ରସ୍ତୁତ କରାଯାଇଛି । ଆଜି ୧୦୭ ପୌରାଂଚଳ ଓ ୩ ମହାନଗରରେ ଚିଠା ତାଲିକା ପ୍ରକାଶ ପାଇବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ସୂଚନା ଦିଆଯାଇଛି । ତେବେ ଫେବ୍ରୁଆରୀ ୨୮ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

ଏହି ସର୍ବଦଳୀୟ ବୈଠକରେ ଭାରତୀୟ ଜାତୀୟ କଂଗ୍ରେସର ଶିବାନନ୍ଦ ରାୟ, ଭାରତୀୟ ଜନତା ପାର୍ଟିର ଦିଲ୍ଲୀପ କୁମାର ମଲ୍ଲିକ, ବିଜୁ ଜନତା ଦଳର ସୁଲତା ଦେଓ, ରିପବ୍ଲିକାନ୍ ପାର୍ଟିର ରମେଶ ରଥ, ସିପିଆଇର ରମେଶ ପାଢ଼ୀ, ସିପିଆଇ(ଏମ୍)ର ଦୁଷ୍ମନ୍ତ ଦାସ, କଳିଙ୍ଗ ସେନାର ହେମନ୍ତ ରଥ, ସମାଜବାଦୀ ପାର୍ଟିର ସୁଦର୍ଶନ ପ୍ରଧାନ, ସିପିଆଇର ରାଧାକାନ୍ତ ସେଠୀ, ଫରୱାର୍ଡ ବ୍ଲକ୍ ର ଜ୍ୟୋତିରଞ୍ଜନ ମହାପାତ୍ର, ବହୁଜନ ସମାଜବାଦୀ ପାର୍ଟି ଓ ସୁପ୍ରିମ୍ ପାର୍ଟି ଅଫ୍ ଇଣ୍ଡିଆର କର୍ମକର୍ତାମାନେ ବୈଠକରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନ ଆୟୋଗର ସଚିବ ରବୀନ୍ଦ୍ରନାଥ ସାହୁ, ଉପସଚିବ ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ ଓ ନିର୍ବାଚନ ଆୟୋଗର ଆଇନ୍ ଅଧିକାରୀ ମାଧୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ "ଅଗର କଂଗ୍ରେସ ନା ହୋତି" ଭାଷଣକୁ କଂଗ୍ରେସର ନିନ୍ଦା

ଭୁବନେଶ୍ୱର ,୧୧/୨ (ନି.ପ୍ର): ପ୍ରଧାନମନ୍ତ୍ରୀ ମୋଦିଙ୍କ ଦଳର ପୂର୍ବଜମାନେ ବ୍ରିଟିଶର ଏଜେଂଟ ଭାବରେ କାର୍ଯ୍ୟକରୁଥିଲେ । ଦେଶ ସ୍ୱାଧୀନତା ପାଇଁ ଆରସେସ୍ ବା ଜନସଂଘ ବିନ୍ଦୁଏ ମାତ୍ର ଅବଦାନ ନାହିଁ । କଂଗ୍ରେସ ଏକ ଦଳ ନୁହେଁ, କଂଗ୍ରେସ ଏକ ବିଚାରଧାରା । ଦେଶର ଜନସାଧାରଣ କଂଗ୍ରେସର ବିଚାର ଧାରାରେ ଅନୁପ୍ରାଣିତ ହୋଇ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସୁଭାଷ ବୋଷଙ୍କ ନେତୃତ୍ୱରେ ଦେଶରୁ ବ୍ରିଟିଶ ରାଜକୁ ବିଲିନ କଲେ । କଂଗ୍ରେସ ଭାରତ ଗଠନ କରିଛି । କଂଗ୍ରେସ ନଥିଲେ ଏକ ଅଖଣ୍ଡ ଭାରତ ଗଠନ ସମ୍ଭବ ହୋଇପାରିନଥାନ୍ତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ "ଅଗର କଂଗ୍ରେସ ନା ହୋତି"ଭାଷଣ ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସେ କହିଛନ୍ତି ପଣ୍ଡିତ ନେହେରୁ ଆଇଆଇଟି, ଏମ୍ସ, ଏନଆଇଡି, ଇସ୍ରୋ, ମହାକାଶ ବିଜ୍ଞାନ ଗବେଷଣା ଠାରୁ ଆରମ୍ଭ କରି ହିରାକୁଦ, ଭାକ୍ରାନଙ୍ଗଲ ପରି ଅନେକ ଜଳଭଣ୍ଡାର, ରାଉରକେଲା ଓ ବୁକାର ପରି ଅନେକ ଶିଳ୍ପ ଏବଂ ପାରାଦ୍ୱୀପ ପରି ଅନେକ ବନ୍ଦର ପ୍ରତିଷ୍ଠା କରି ଏ ଦେଶକୁ ଆତ୍ମନିର୍ଭରଶୀଳ କରିଛନ୍ତି । ଇନ୍ଦିରା ଗାନ୍ଧୀ ବ୍ୟାଙ୍କ ଓ ଖଣି ଜାତୀୟକରଣ, ରାଜାରାଜୁଡ଼ାଙ୍କ ହାତପାଣ୍ଠି ଉଚ୍ଛେଦ, ଗରିବି ହଟାଓ ଅଭିଯାନ, ଆଣବିକ ବୋମା ପରୀକ୍ଷା ପର୍ଯ୍ୟନ୍ତ ଦେଶର ସାମଗ୍ରିକ ବିକାଶରେ ଇନ୍ଦିରାଙ୍କ ଅବଦାନ ଅତୁଳନୀୟ ହେଲେ କଂଗ୍ରେସରୁ ସୃଷ୍ଟ ନେହେରୁ, ଇନ୍ଦିରା, ରାଜୀବ ଓ ମନମୋହନଙ୍କ ପରି ପ୍ରଧାନମନ୍ତ୍ରୀ ଦେଶପାଇଁ ଯେଉଁ ସଂପତି ସୃଷ୍ଟିକରିଥିଲେ ତାହାକୁ ନରେନ୍ଦ୍ର ମୋଦି ଏବେ ବିକ୍ରୀ କରିଚାଲିଛନ୍ତି । ୧୯୭୧ ମସିହାରେ ଇନ୍ଦିରା ପାକିସ୍ଥାନକୁ ଦୁଇଭାଗ କରିଦେଇଥିବା ଘଟଣାକୁ କ'ଣ ମୋଦି ପାସୋରି ଗଲେଣି ବୋଲି ଶ୍ରୀ ରାୟ ପ୍ରଶ୍ନ କରିଛନ୍ତି । ଅପରପକ୍ଷରେମୋଦୀ ପ୍ରଧାନ ମନ୍ତ୍ରୀ ହେବାପରଠାରୁ ଦେଶର ସମ୍ବିଧାନ ଓ ଗଣତନ୍ତ୍ର ବିପନ୍ନ ହୋଇଛି । ମୋଦିଙ୍କ ପାଇଁ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ମୁଦ୍ରାସ୍ଫିତି ବଢ଼ିଛି । ଜାତିର ଜନକଙ୍କୁ ଅପମାନ କରିବାପାଇଁ ନାଥରାମ ଗଡସେର ମନ୍ଦିର ନିର୍ମାଣ ହେଉଛି । ମୋଦୀ କରୋନା ଆଳରେ ହଜାର ହଜାର କୋଟି ଟଙ୍କା ବାଟମାରଣା କରିଛନ୍ତି, ଚାଷୀଙ୍କୁ ହତ୍ୟା କରିଛନ୍ତି । ମୋଦି ଓ ଅମିତ ସାହା ନଥିଲେ ଗୁଜରାଟରେ ୪ ହଜାର ମୁସଲିମଙ୍କୁ ହତ୍ୟା କରାଯାଇ ନଥାନ୍ତା । ପ୍ରଦେଶ କଂଗ୍ରେସ ଉପସଭାପତି ଯଜ୍ଞେଶ୍ୱର ବାବୁ କହିଲେ ଯେ ମୋଦୀଙ୍କର "ଅଗର କଂଗ୍ରେସ ନା ହୋତି"ଭାଷଣରୁ ସ୍ପଷ୍ଟ ହେଉଛି ଯେ ମୋଦି ନିଜର ଅପକର୍ମ ଓ କୁଶାସନ ପାଇଁ ଜନସାଧାରଣଙ୍କ ବିଶ୍ୱାସନୀୟତା ହରାଇଛନ୍ତି । ମୁଖ୍ୟ ପ୍ରସଙ୍ଗରୁ ଓହରିଯାଇ ଏକ ବାଚଳା ଏବଂ ଷଡ଼କଛାପର ପରି ଭାଷଣ ଦେଉଛନ୍ତି । ସେ ଏତଦ୍ୱାରା ନିଜର ପ୍ରଧାନମନ୍ତ୍ରୀ ପଦମର୍ଯ୍ୟାଦା ଏବଂ ସଂସଦର ଗରିମା ନଷ୍ଟ କରିଛନ୍ତି । ମୋଦିଙ୍କର ଦଳର ପୂର୍ବଜମାନେ ଭାରତଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିନଥିଲେ ବରଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଧରାଇଦେବା ପାଇଁ ବ୍ରିଟିଶର ଚାମଚାଗିରି କରୁଥିଲେ । ସୁତରାଂ ୫ଟି ରାଜ୍ୟରେ ସାଧାରଣ ନିର୍ବାଚନରେ ମୋଦିଙ୍କ ଦଳ ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟାଖାନ କରୁଥିବା ଜାଣି ପ୍ରଧାନମନ୍ତ୍ରୀ ନରେନ୍ଦ ମୋଦିଙ୍କ "ଅଗର କଂଗ୍ରେସ ନା ହୋତି" ଭାଷଣ ତାଙ୍କର ନୈରାଶ୍ୟର ପ୍ରତିଫଳନ । ଏହି ସାମ୍ବାଦିକ ସମ୍ମିଳନୀରେ ଶିବାନନ୍ଦ ରାୟ, ଚିନ୍ମୟ ସୁନ୍ଦର ଦାସ, ରବି ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆ ଭାରିଆଂଟ ବିଷୟରେ ଏବେଠୁ କହିବା ଶୀଘ୍ର ହେବ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର ,୧୧/୨ (ନି.ପ୍ର): କୋଭିଡ଼ର ନୂଆ ଭାରିଆଂଟ ବିଷୟରେ ଏବେଠୁ କହିବା ବହୁତ ଶୀଘ୍ର ହୋଇଯିବ । ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ଏ ସମ୍ପର୍କରେ ସେ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ହେଲେ କହିଛନ୍ତି ଯେ ବର୍ତମାନ ସମୟରେ ବିଭିନ୍ନ ଭାରିଆଂଟ ରହିବ । ଭାଇରସ୍ ରହିବା ପର୍ଯ୍ୟନ୍ତ ପ୍ରଜାତି ବି ବଦଳିବ । ଅଧିକ ଘାତକ ହେବ କି ନାହିଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ନିକଟରେ ତଥ୍ୟ ନାହିଁ । ପ୍ରାମାଣିକ ତଥ୍ୟ କିଛି ଆସିନାହିଁ । ଏବେଠୁ ତଥ୍ୟକୁ ଅପେକ୍ଷା କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ଅନ୍ୟ ପକ୍ଷରେ ନାଜାଲ ଡ୍ରପ୍ ସମ୍ପର୍କିତ ପ୍ରଶ୍ନର ଉତର ଦେଇ ସେ କହିଛନ୍ତି, ସାଇଂଟିଫିକ୍ ତଥ୍ୟ କହୁଛି ନାଜାଲ ଡ୍ରପ୍ କାମ କରୁଛି । ଗାଇଡ଼ଲାଇନ ଆସିଲେ ଯାହା କାର୍ଯ୍ୟ କରିବା କଥା କରାଯିବ । ସେ କହିଛନ୍ତି, ବର୍ତମାନ ବି ବହୁ ରୋଗୀ ଆଇସିୟୁ ଓ ଭେଂଟିଲେଟରରେ ଅଛନ୍ତି । ତେଣୁ ମୃତ୍ୟୁ ସଂଖ୍ୟା ଏପରି ରହିବ । ବର୍ତମାନ ବି ୭୦ରୁ ୭୧ଜଣ ଆକ୍ରାନ୍ତ ଭେଂଟିଲେଟରରେ ଅଛନ୍ତି । ସଂକ୍ରମଣ ପିକ୍ ପରେ ମୃତ୍ୟୁ ସଂଖ୍ୟା କମିବାକୁ ୬ରୁ ୭ ସପ୍ତାହ ଲାଗିବ ।

## ଏସ୍.ଡି.ଜି ସମ୍ବନ୍ଧିତ କର୍ମଶାଳା

# ରାଙ୍କିଂରେ ସମସ୍ତ ଯୋଜନାର ଫଳାଫଳକୁ ବିଚାର କରିବା ଉପରେ ଓଡ଼ିଶାର ଗୁରୁତ୍ୱ

ଭୁବନେଶ୍ୱର,୧୧/୨ (ନି.ପ୍ର): ୨୦୨୧-୨୨ ନିମନ୍ତେ ନିରନ୍ତର ବିକାଶ ଲକ୍ଷ୍ୟ ମାନକ-୪.୦ ବିଷୟରେ ଆଜି ଓଡ଼ିଶା ସରକାର ଏବଂ ନୀତି ଆୟୋଗଙ୍କ ମଧ୍ୟରେ ଏକ ଦିନିକିଆ ମିଳିତ କର୍ମଶାଳା ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଖାରବେଳ ଭବନ ସଭାଗୃହଠାରେ ଅନୁଷ୍ଠିତ ଏହି କର୍ମଶାଳାକୁ ଉଦ୍ଘାଟନକରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଲୋକମାନଙ୍କ ଜୀବନଧାରଣ ମାନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ସଂପୂର୍ଣ୍ଣ ଅଙ୍ଗୀକାରବଦ୍ଧ । ଏଥିପାଇଁ ରାଜ୍ୟ ମଧ୍ୟ କେତେକ ସ୍ୱତନ୍ତ୍ର ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି । କେନ୍ଦ୍ର ସରକାରଙ୍କ ଯୋଜନା, କେନ୍ଦ୍ର-ରାଜ୍ୟ ମିଳିତ ଯୋଜନା ଓ ରାଜ୍ୟର ନିଜସ୍ୱ ପାଣ୍ଠିରୁ ସ୍ୱତନ୍ତ୍ର ଯୋଜନା ସବୁକୁ ୨୦୩୦-କାର୍ଯ୍ୟସୂଚୀ ଏବଂ ଏସ୍.ଡି.ଜି. ଅଭିମୁଖୀ କରାଯାଇଛି । ତେଣୁ ଏସ୍.ଡ଼ି.ଜି. ରାଙ୍କିଂ କଲାବେଳେ ଏସମସ୍ତ ଯୋଜନାରୁ ଉପଲବ୍ଧ ଫଳାଫଳ ଗୁଡ଼ିକୁ ବିଚାର କରାଯିବା ଆବଶ୍ୟକ । ଶ୍ରୀ ମହାପାତ୍ର ଆହୁରିମଧ୍ୟ କହିଥିଲେ ଯେ ୨୦୩୦ ମଧ୍ୟରେ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ହେଉଛି ମୁଖ୍ୟକଥା । ତେଣୁ କେବଳ ନିର୍ଦ୍ଦିଷ୍ଟ କେତୋଟି କେନ୍ଦ୍ରୀୟ ଯୋଜନାର ଫଳାଫଳକୁ ବିଚାର ନକରି ରାଜ୍ୟମାନଙ୍କରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାର କ୍ଷେତ୍ରସ୍ତରୀୟ ସାମଗ୍ରିକ ଫଳକୁ ବିଚାର କରିବା ଦରକାର । ତାହାହେଲେ ଏସ୍.ଡି.ଜି. ରାଙ୍କିଂ ବାସ୍ତବତା ଭିତିକ ହେବ । କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ସୂଚନାଦେଇ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଥିଲେ ଯେ ଏସ୍.ଡି.ଜି. ହାସଲରେ ଓଡ଼ିଶାର ରାଙ୍କିଂ ୨୦୧୮ ମସିହାରେ ୫୮ ରୁ ବୃଦ୍ଧି ପାଇ ୨୦୨୧ ମସିହାରେ ୬୧ ରେ ପହଞ୍ଚିଛି । ରାଜ୍ୟରେ ସେବାଯୋଗାଣ ବ୍ୟବସ୍ଥାର କ୍ରମାଗତ ଉନ୍ନତି ଏବଂ ଅନ୍ତର୍ଭୁକ୍ତିକରଣ ବିକାଶଧାରା ନିମନ୍ତେ ଅନେକ ଯୋଜନା ଏବଂ କାର୍ଯ୍ୟକ୍ରମ କରାଯାଉଛି । ୨୦୨୦-୨୧ ଏସ୍.ଡି.ଜି. ରାଙ୍କିଂରେ ଓଡ଼ିଶା ଏସ୍.ଡି.ଜି. -୧୩ ଏବଂ ୧୪ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ନୀତି ଆୟୋଗର ଉପଦେଷ୍ଟା ଶ୍ରୀମତୀ ସଂଯୁକ୍ତା ସମାଦ୍ଦାର, ଏସ୍.ଡି.ଜି. ଅଧିକାରୀ ସୌମ୍ୟ ଗୁହା ଏସ୍.ଡି.ଜି.-୪.୦ ନିମନ୍ତେ ପ୍ରସ୍ତାବିତ ମାନକ ବିଷୟରେ ଆଲୋଚନା କରିଥିଲେ । ଶ୍ରୀମତୀ ସମାଦ୍ଦାର କହିଥିଲେ ଯେ ଓଡ଼ିଶା ଏକ ଦୃତ ପରିବର୍ତନଶୀଳ ରାଜ୍ୟ । ଏଠାରେ ଅନେକ ପ୍ରକ୍ରିୟାଗତ ସଂସ୍କାର ଏବଂ ଅଭିନବ କୌଶଳର ପ୍ରୟୋଗ କରାଯାଇଛି । ଏକ ପୂର୍ଣ୍ଣାଙ୍ଗ ଏସ୍.ଡି.ଜି. ଢ଼ାଞ୍ଚା ପ୍ରସ୍ତୁତିରେ ସର୍ବଦା ଓଡ଼ିଶାରୁ ସଠିକ୍ ପରାମର୍ଶ ମିଳିଛି । ମାର୍ଚ୍ଚ ମାସ ଶେଷ ସୁଦ୍ଧା ଏସ୍.ଡି.ଜି.- ୪.୦ ମାନକ ଚୂଡ଼ାନ୍ତ ହେବବୋଲି ସେ ଆଶା ପ୍ରକାଶ କରିଥିଲେ । କୃଷି ଉତ୍ପାଦନ କମିଶନର ସଂଜୀବ ଚୋପ୍ରାଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଏବଂ ଶାସନ ସଚିବମାନେ ନିଜ ନିଜ ବିଭାଗ ସମ୍ବନ୍ଧିତ ଏସ୍.ଡି.ଜି. ଆଲୋଚନାରେ ନିଜ ନିଜର ପରାମର୍ଶ ରଖିଥିଲେ । ସମସ୍ତ ବିଭାଗର ପରାମର୍ଶକୁ ସଂକଳିତକରି ରାଜ୍ୟ ତରଫରୁ ଏକ ସମନ୍ୱିତ ପରାମର୍ଶଚିଠା ଖୁବ୍ ଶିଘ୍ର ନୀତି ଆୟୋଗଙ୍କୁ ପଠାଯିବ ବୋଲି ଉନ୍ନୟନ କମିଶନର ଶ୍ରୀ ଜେନା କହିଥିଲେ ।

# ପୁଅର ଅସୁସ୍ଥତା ଓୟୁଏଟିର ମହିଳା ସହକାରୀ ପ୍ରଫେସରଙ୍କ ଆତ୍ମହତ୍ୟାର କାରଣ

ଭୁବନେଶ୍ୱର,୧୧/୨ (ନି.ପ୍ର): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମହିଳା ସହକାରୀ ପ୍ରଫେସର ବାସନ୍ତୀ ଜେନାଙ୍କ ଆତ୍ମହତ୍ୟାର କାରଣ ସାମ୍ନାକୁ ଆସିଛି । ଏନେଇ ମୁହଁ ଖୋଲିଛନ୍ତି ବାସନ୍ତୀ ଜେନାଙ୍କ ସ୍ୱାମୀ ସହକାରୀ ପ୍ରଫେସର ଦେବୀପ୍ରସନ୍ନ ଦାସ । ସେ କହିଛନ୍ତି, ପତ୍ନୀ ଦୀର୍ଘ ଦିନ ଧରି ପୁଅର ଅସୁସ୍ଥତା ନେଇ ଚିନ୍ତିତ ଥିଲେ । ପୁଅ ଠିକ୍ ନଥିବା ହେତୁ ସେ ସବୁବେଳେ ବ୍ୟସ୍ତ ହେଉଥିଲେ । ଗତକାଲି ବି ସେ ଅଫିସକୁ ଯାଇଥିଲେ । ହେଲେ ଆତ୍ମହତ୍ୟା କରିବେ ବୋଲି ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ । ଉଭୟଙ୍କ ଭିତରେ ସଂପର୍କ ଖୁବ୍ ମଜଭୁତ ଥିଲା । ସେଦୁହେଁ ପ୍ରେମ ବିବାହ କରିଥିଲେ ।ସେମାନେ ବିଶ୍ୱବିଦ୍ୟାଳୟ କ୍ୱାର୍ଟର୍ସରେ ରୁହନ୍ତି । ସୂଚନାଯୋଗ୍ୟ, ଗତକାଲି ବାସନ୍ତୀ ଜେନାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା । ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ମାର୍ଗ (ଶବ ସଂରକ୍ଷିତ ଗୃହ)ରେ ରଖାଯାଇଛି । ଆଜି ପଞ୍ଚନାମା ଓ ପ୍ରାଥମିକ ଅନୁସନ୍ଧାନ ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି । ଏହି ଖବର ଜଣାପଡ଼ିବା ପରେ ଓୟୁଏଟିର ଏକାଧିକ ଅଧ୍ୟାପକ, କର୍ମଚାରୀ ହସ୍ପିଟାଲରେ ପହଞ୍ଚିଥିଲେ । ବିଳମ୍ବିତ ରାତିରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବିଳମ୍ବିତ ରାତିରେ ବେକରେ ଏକ ଲୁଗା ବାନ୍ଧି ବାସନ୍ତୀ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଇଛି ।

# ଆତ୍ମନିଯୁକ୍ତି ଦାବି କରି ପ୍ରାଣୀ ସମ୍ପଦ ବିକାଶ କାର୍ଯ୍ୟାଳୟ ଆଗରେ ଧାରଣା

ଭୁବନେଶ୍ୱର,୧୧/୨ (ନି.ପ୍ର): ଓଡ଼ିଶାର ସମସ୍ତ ଗୋ-ବିକାଶ କେନ୍ଦ୍ରର ଅଧିକାରୀମାନେ ଆତ୍ମନିଯୁକ୍ତି ପାଇବା ପାଇଁ ଓୟୁଏଟିସ୍ଥିତ ଓଡ଼ିଶା ପାଣି ସମ୍ପଦ ବିକାଶ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ । ଓଡ଼ିଶାରେ ଥିବା ୩୦୦ ଗୋ-ବିକାଶ କେନ୍ଦ୍ର ଅଧିକାରୀମାନେ ପୂର୍ବରୁ ଭାରତୀୟ ଆଗ୍ରୋ ଇଣ୍ଡଷ୍ଟ୍ରିଜ ଫାଉଣ୍ଡେସନ ଅଧୀନରେ କାର୍ଯ୍ୟ କରୁଥିଲେ । ଏହି ଫାଉଣ୍ଡେସନର କର୍ମଚାରୀଙ୍କ ପ୍ରତି ମନୋମୁଖୀ ବ୍ୟବହାର ଏବଂ କମ୍ ଦରମା ଯୋଗୁଁ ଗୋ-ବିକାଶ କେନ୍ଦ୍ରର ଅଧିକାରୀମାନେ କମ୍ ଦରମାରେ ଆଉ ସେଠାରେ କାର୍ଯ୍ୟ କରିବେ ନାହିଁ ବୋଲି ସରକାରଙ୍କୁ ଜଣାଇଥିଲେ । ସେହି ସମୟରେ ମଧ୍ୟ ଓଡ଼ିଶା ସରକାରଙ୍କ ତରଫରୁ ବେସରକାରୀ ଭାବେ କୃତିମ ପ୍ରଜନନକାରୀ ଓ ଜାତୀୟ ପଶୁ ରୋଗ ପ୍ରତିଷେଧ ଟୀକା କାର୍ଯ୍ୟକ୍ରମରେ ଆତ୍ମ ନିଯୁକ୍ତି ପାଇଁ ଚିଠି ପ୍ରକାଶ କରିଥିଲେ । ଦୀର୍ଘ ୪ ମାସ ଘରେ ବେକାର ବସିବା ପରେ ମଧ୍ୟ ଏବଂ ସରକାର ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଥିବାରୁ ବକେୟା ପାଉଣା ଦେଇନଥିବାରୁ ଗୋସମ୍ପଦ ବିକାଶ ସମିତି କାର୍ଯ୍ୟାଳୟରେ ସମ୍ମୁଖରେ ଧାରଣା ଦେବା ଦେଇଥିଲେ । ଯଦି ସରକାର ଆମର ଦାବି ପ୍ରତି ଦୃଷ୍ଟି ନଦିଅନ୍ତି, ତେବେ ବାଧ୍ୟ ହୋଇ ସବୁ ଅଧିକାରୀମାନେ ଆତ୍ମହୁତି ଦେବୁ ବୋଲି ସଂଘର ସଭାପତି ସୌମେନ୍ଦ୍ର ସାହୁ ପ୍ରକାଶ କରିଛନ୍ତି ।

# ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ ମିଶ୍ରଙ୍କୁ ଜାମିନ ବିଜେପିର ଦୋମୁହାଁ ନୀତିର ପ୍ରତିଫଳନ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୧୧/୨ (ନି.ପ୍ର): ଜାତୀୟ ସମ୍ବାଦ ସରବରାହ ସଂସ୍ଥା ଏ.ଏନ୍.ଆଇ.କୁ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତକାରର ଗୋଟିଏ ଦିନ ପରେ ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଂଚ ଲକ୍ଷ୍ମୀପୁର ଖେରି କୃଷକମାନଙ୍କ ବିକ୍ଷୋଭରେ ଅକ୍ଟୋବର ୩ ତାରିଖ ଦିନ ନିଜର ଜିପ୍ ଚଢାଇ ତିନିଜଣ କୃଷକ ଏବଂ ଜଣେ ସାମ୍ବାଦିକଙ୍କୁ ହତ୍ୟା କରିଥିବା କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ ମିଶ୍ରଙ୍କୁ ଆଜି ଜମାନତ ମିଳିବା ବିଜେପିର ଦୋମୁହାଁ ନୀତିର ପ୍ରତିଫଳନ ବୋଲି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଅଭିଯୋଗ କରିଛନ୍ତି । ଆଜି ଏକ ପ୍ରେସ୍ ବିଜ୍ଞପ୍ତିରେ ଶ୍ରୀ ବେହେରା କହିଛନ୍ତି ଯେ, ଅନ୍ୟ ରାଜନୈତିକ ଦଳମାନଙ୍କୁ ଗୁଣ୍ଡା ଓ ଅପରାଧିକ ଦଳ ବୋଲି ଅଭିହିତ କରୁଥିବା ଏବଂ ଅପରାଧର ଆଶ୍ରୟସ୍ଥଳ ବୋଲି କହୁଥିବା ବିଜେପି ଦଳର ଶୀର୍ଷ ନେତୃତ୍ୱ ଅପରାଧ ଓ ଅପରାଧିଙ୍କ ପ୍ରତି କେତେ ଦରଦୀ ଏବଂ କୃଷକମାନଙ୍କ ସ୍ୱାର୍ଥ ଓ ସୁରକ୍ଷା ପ୍ରତି କେତେ ଯତ୍ନବାନ ତାହା 'ଭାତହାଣ୍ଡି'ରୁ ଗୋଟିଏ ଚିପିଲା ଭଳି ଆଶିଷ ମିଶ୍ରଙ୍କ ଜାମିନରୁ ସ୍ପଷ୍ଟ ଜଣାପଡୁଛି । ଗୋଟିଏ ପଟେ କୃଷକମାନଙ୍କ ଆୟ ଦୁଇଗୁଣା କରିବା ପାଇଁ ଓ ସ୍ୱାମୀନାଥନ କମିଶନ ରିପୋର୍ଟ କାର୍ଯ୍ୟକାରୀ କରିବାର ପ୍ରତିଶ୍ରୁତି ଦେଇଥିବା କେନ୍ଦ୍ରର ବିଜେପି ସରକାରଙ୍କ ଉଦାସୀନତା ଯୋଗୁଁ ୭୫୦ରୁ ଉର୍ଦ୍ଧ୍ୱ କୃଷକ ଆନ୍ଦୋଳନ କରି ଖରା, ବର୍ଷା ଓ ଶୀତ କାକରରେ ସହିଦ ହେଲେ । ତାଙ୍କ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଆନ୍ଦୋଳନରତ କୃଷକମାନଙ୍କୁ 'ମୁଁ ଦୁଇ ମିନିଟ୍‌ରେ ଠିକ୍ କରିଦେବି' ବୋଲି କହି ଗାଡ଼ି ଚଢାଇ ହତ୍ୟା କରିବା ଗଣତାନ୍ତ୍ରିକ ଇତିହାସରେ ଏକ ବିରଳ ଘଟଣା । ନିଜେ କାଚଘରେ ରହି ପ୍ରଧାନମନ୍ତ୍ରୀ ଓ ତାଙ୍କ ନେତୃତ୍ୱାଧୀନ ବିଜେପି ଦଳ କେଉଁଭଳି ପାରଦର୍ଶିତାର ସହିତ ଏସ୍.ଆଇ.ଟିର ରିପୋର୍ଟ ଉପରେ କାମ କରୁଛି ତାହା ଆଜିର ଆଶିଷ ମିଶ୍ର ଜାମିନରୁ ସ୍ପଷ୍ଟ ଅନୁମେୟ । ତେଣୁ ନିଜେ କାଚଘରେ ରହି ଅନ୍ୟକୁ ଟେକା ଫିଙ୍ଗିବାରୁ କ୍ଷାନ୍ତ ହେବାକୁ ସମାଜବାଦୀ ପାର୍ଟି ତରଫରୁ ବିଜେପି ଦଳକୁ ଶ୍ରୀ ବେହେରା ସତର୍କ କରାଇ ଦେଇଛନ୍ତି । ବିଜେପିର ଏହି ଦୋମୁହାଁ ନୀତି ବିରୁଦ୍ଧରେ ଚାଷୀମାନଙ୍କର ସ୍ୱାର୍ଥ ଓ ସୁରକ୍ଷା ପାଇଁ ଆଉ ଏକ ବୃହ ର ସଂଗ୍ରାମର ଆବଶ୍ୟକତା ରହିଛି ଏବଂ ସେଥିପାଇଁ ସଂଯୁକ୍ତ କିଷାନମୋର୍ଚ୍ଚା ଓ ଚାଷୀମାନଙ୍କର ସହିତ ତାଙ୍କ ସଂଗ୍ରାମକୁ ସମର୍ଥନ ଦେଉଥିବା ସମସ୍ତ ରାଜନୈତିକ ଦଳ ଆଗେଇ ଆସିବାକୁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି । ଉତରପ୍ରଦେଶ ନିର୍ବାଚନ ପରିପ୍ରେକ୍ଷୀରେ ବିଜେପି ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ଆଶିଷ ମିଶ୍ରଙ୍କ ଭଳି ହତ୍ୟାକାରୀଙ୍କୁ ଜାମିନ୍‌ରେ ଆଣିଛି ବୋଲି ଶ୍ରୀ ଅଭିଯୋଗ କରିଛନ୍ତି ।

## ନବୀନଙ୍କୁ ମୋଦିଙ୍କ ପ୍ରଶଂସା : ଉଦଳାରେ ମୁହଁ ଶୁଖାଇଲା ଭାଜପା

ଉଦଳା,୧୧/୦୨ (ନି.ପ୍ର): ବର୍ତ୍ତମାନ ପଞ୍ଚାୟତ ନିର୍ବାଚନର ତାତି ଅନୁଭୂତ ହେଉଥିବା ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରୁଥିବାର କଥା ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ସବୁକିଛି ଓଲଟପାଲଟ ହୋଇ ଯାଇଛି । ଉକ୍ତ ଘଟଣା ପରେ ଭାରତୀୟ ଜନତାପାର୍ଟିର କର୍ମୀ ମାନେ ମୁହଁ ଶୁଖାଉଥିବା ବେଳେ ବିଜୁ ଜନତା ଦଳର କର୍ମୀ ମାନେ ଖୁସିରେ ଉଚ୍ଛୁଳି ପଡୁଛନ୍ତି । ଏପରି ଦୃଶ୍ୟ ଦେଖି କଂଗ୍ରେସ କର୍ମୀ ମାନେ ମୁଚୁକୁନ୍ଦି ହସ ହସୁଥିବାର ଦେଖିବାକୁ ମିଳୁଛି ।

## ଜଳେଶ୍ୱର କୃଷି ଜିଲ୍ଲା ଅଧିକାରୀଙ୍କ ମାତୃବିୟୋଗ

ଜଳେଶ୍ୱର, ୧୧/୨(ନିପ୍ର) : ଆଜି ସକାଳ ୬ଟା୧୫ରେ ଜଳେଶ୍ୱର କୃଷିଜିଲା ଅଧିକାରୀ ଚନ୍ଦ୍ର ଶେଖର ପାଢୀଙ୍କ ମା ପାର୍ବତୀ ଦେବୀଙ୍କର ୮୪ବର୍ଷ ବୟସରେ ପରଲୋକ ହୋଇଛି । ସେ ଦୀର୍ଘକାଳ ଧରି ପକ୍ଷାଘାତ ରୋଗରେ ପିଡିତ ଥିଲେ । ଆଜି ସେ ନିଜ ବାସଗୃହ ଖନ୍ତାପଡା ଥାନାର ଜୟପୁର ଗ୍ରାମରେ ଶେଷ ନିଶ୍ୱାଳ ତ୍ୟାଗ କଲାବେଳେ ଦୁଇ ପୁଅ, ଚନ୍ଦ୍ର ଶେଖର ଓ ପଦ୍ମଲୋଚନ ସହିତ ପୁତ୍ରବଧୂଗଣ ଓ ନାତିନାତୁଣୀ ଉପସ୍ଥିତ ଥିଲେ । ଜ୍ୟେଷ୍ଠପୁତ୍ର ଚନ୍ଦ୍ରଶେଖର ପାଢୀ ଗାଁ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ ।

## କଂଗ୍ରେସର ହାତ ଧରିଲେ ଅନ୍ୟଦଳର କର୍ମୀ

ଜଳେଶ୍ୱର, ୧୧/୨(ନିପ୍ର) : ଜଳେଶ୍ୱର ବ୍ଲକର ନବଗଠିତ କଳମା ପଂଚାୟତରେ କଂଗ୍ରେସ ଦଳରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ପଂଚାୟତ ସମିତି ସଦସ୍ୟା ମଂଜୁଲତା ପ୍ରଧାନ ଓ ଶ୍ରୀକାନ୍ତ ପ୍ରଧାନଙ୍କ ଠାରେ ଅନ୍ୟ ଦଳର ନେତା ମୋତିଲାଲ ଦେ ତାଙ୍କର ସମର୍ଥକ ମାନଙ୍କ ସହିତ କଳମା ପଂଚାୟତର କଂଗ୍ରେସ ସଭାପତି ଭୁବନେଶ୍ୱର ପାଢୀଙ୍କ ନିକଟରେ ବିଧିବଦ୍ଧଭାବେ ମିଶିଥିବା କୁହାଯାଇଛି । ଚଳିତ ନିର୍ବାଚନରେ ସରପଂଚ ପ୍ରାର୍ଥୀନୀ ନିବେଦିତା ଗିରି ଓ ସମିତି ସଦସ୍ୟ ଶ୍ରୀକାନ୍ତ ସିଂ ସଭାରେ ଉପସ୍ଥିତ ଥିଲେ । ଏହି ମିଶ୍ରଣ ଫଳରେ କଂଗ୍ରେସର ଶକ୍ତି ବୃଦ୍ଧି ପାଇଛି ବୋଲି କଂଗ୍ରେର ଜିଲା କର୍ମକର୍ତ୍ତାମାନେ କହିଛନ୍ତି ।

## ପୂର୍ବତନ ବିଧାୟିକା ରୋଶନି ସିଂହଦେଓଙ୍କର ପରଲୋକ

ଭୁବନେଶ୍ୱର, ୧୧/୦୨ (ନି.ପ୍ର): କଳାହାଣ୍ଡି ଜିଲ୍ଲାର କୋକସରାର ପୂର୍ବତନ ବିଧାୟିକା ରୋଶନି ସିଂହଦେଓଙ୍କର ଶୁକ୍ରବାର ଦିନ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା । ତାଙ୍କର ପୁତ୍ର ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ଭୁବନେଶ୍ୱରସ୍ଥିତ ବାସଭବନରେରେ ତାଙ୍କର ପରଲୋକ ହୋଇଛି । ତାଙ୍କ ମର ଶରୀରକୁ ଜୟପାଟଣା ଅଣାଯାଉଛି । ଉଲ୍ଲେଖନୀୟ ଯେ ରୋଶନି ସିଂହଦେଓ ୨ ଥର ଲଗାତାର କୋକସରା ନିର୍ବାଚନ ମଣ୍ଡଳୀରୁ ବିଧାୟିକା ହିଥିଲେ । ସେ ୧୯୯୫ ୨୦୦୦ ଯାଏ ଜନତା ଦଳ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ୨୦୦୦ରୁ ୨୦୦୪ ଯାଏ ବିଜୁ ଜନତା ଦଳ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତାଙ୍କର ମୃତ୍ୟୁ ଖବର ଶୁଣିବା ପରେ କଳାହାଣ୍ଡି ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି ।

# ହିଜାବ ପିନ୍ଧିବା ନାମରେ ରାଜନୀତି ଏବଂ ହିଂସା ଅନୁଚିତ : ମାୟାବତୀ

ଲକ୍ଷ୍ନୌ, ୧୧/୦୨ (ନି.ପ୍ର): ହିଜାବ ବିବାଦ ଉପରେ ବହୁଜନ ସମାଜ ପାର୍ଟି ରାଷ୍ଟ୍ରୀୟ ସଭାପତି ମାୟାବତୀ କହିଛନ୍ତି ଯେ, ମୁସଲମାନ ଝିଅ ଏବଂ ମହିଳାଙ୍କ ହିଜାବ ପିନ୍ଧିବା ପ୍ରସଙ୍ଗ ଅତ୍ୟନ୍ତ ଗମ୍ଭୀର ଏବଂ ସମ୍ବେଦନଶୀଳ । ଏହାର ନାମରେ ରାଜନୀତି ଏବଂ ହିଂସା ଅନ୍ୟାୟ ଅଟେ । ସେ ଟ୍ୱିଟର ମାଧ୍ୟମରେ କହିଛନ୍ତି ଯେ, କର୍ଣ୍ଣାଟକରେଏହି ପ୍ରସଙ୍ଗ ଉଠାଇ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ପାରସ୍ପରିକ ଭାଇଚାରା ଏବଂ ଶୁଭେଚ୍ଛା କ୍ଷତିଗ୍ରସ୍ତ ହେଉଛି । ଉନ୍ନାଓ ଜିଲ୍ଲାର ବହୁଜନ ସମାଜବାଦୀ ପାର୍ଟି ନେତାଙ୍କ କ୍ଷେତରେ ଜଣେ ଦଳିତ ଝିଅର ମୃତଦେହ ଉଦ୍ଧାର ମାମଲାକୁ ମାୟାବତି ଦୁଃଖଦାୟକ ବୋଲି ବର୍ଣ୍ଣନା କରିଛନ୍ତି । ସେ ଟୁଇଟ୍ କରି କହିଛନ୍ତି ଯେ, ପରିବାର ସଦସ୍ୟ ତାଙ୍କ ଅପହରଣ ଓ ହତ୍ୟା ଘଟଣାର ବହୁଜନ ସମାଜବାଦୀ ପାର୍ଟି ନେତାଙ୍କୁ ସନ୍ଦେହ କରୁଛନ୍ତି । ପୀଡ଼ିତାଙ୍କ ପରିବାରକୁ ନ୍ୟାୟଦେବା ପାଇଁ ରାଜ୍ୟ ସରକାର ତୁରନ୍ତ ଦୋଷୀମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ।

# ବାଲିକୁଟି ପଞ୍ଚାୟତରେ ବିଜେଡିର ପ୍ରଚାର ସରଗରମ

ଲଙ୍ଗଳେଶ୍ୱର, ୧୧/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ବିଜୁ ଜନତା ଦଳର ପ୍ରଚାରକୁ ସରଗରମ କରିଛନ୍ତି ଦଳୀୟ କର୍ମୀ।ଆଜି ଏହି ପଞ୍ଚାୟତର ଉତ୍ତର ମହା ବଳା ଗ୍ରାମର ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀ ସମେତ ଦଳ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ରଶ୍ମିବାଳା ସାମଲ ଏବଂ ସମିତି ସଭ୍ୟ ପ୍ରାର୍ଥୀ ଦେବକି ଗିରି ଙ୍କୁ ନେଇ ମହିଳା କର୍ମୀମାନେ ଘରକୁ ଘର ବୁଲି ପ୍ରଚାର କାର୍ଯ୍ୟକୁ ଜୋରଦାର କରିଥିଲେ। ପୁରୁଷ କର୍ମୀମାନେ ଅନ୍ୟ ଏକ ଟିମ କରି ବାଲିକୁଟି ଗ୍ରାମ ର ଭୋଟର ମନକୁ ଘରକୁ ଘର ବୁଲି ନବୀନ ସରକାରଙ୍କର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜନ ହିତକର ଯୋଜନା ବାବାଦରେ ବୁଝାଇବା ସହିତ ଭୋଟ ଭିକ୍ଷା କରିଥିଲେ। ଏଇ ଦୁଇଟି ଟିମର ନିର୍ବାଚନରେ ମଙ୍ଗ ଧରିଥିବା ପୂର୍ବତନ ସମବାୟ ସମିତିର ଅଧକ୍ଷ, ଗୋପାଳ କୃଷ୍ଣ ପାତ୍ର, ପଞ୍ଚାୟତ ସମିତି ସଭାପତି ପୂର୍ଣ ଚନ୍ଦ୍ର ସାହୁ, ଅରୁଣ ସାମଲ, ରାମ କୃଷ୍ଣ ବାରିକ, ନିରୂପମା ବାରିକ, ସରସ୍ୱତୀ ଦଳାଇ, କାଞ୍ଚନ ଦଳାଇ, ପୁଷ୍ପ ଦଳାଇ, ନଟବର ଦଳାଇ, ସୁକୁମାର ଦାସ, ଭାନୁ ଦଳାଇ ପ୍ରମୁଖ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଥିଲେ।

# ଲଙ୍ଗଳେଶ୍ୱର ଅଞ୍ଚଳରେ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ଲଙ୍ଗଳେଶ୍ୱର, ୧୧/୦୨ (ନି.ପ୍ର): ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି,ପ୍ରଚାର ସର ଗରମ ହେବା ସହ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ବଢ଼ି ବଢ଼ି ଚାଲିଛି ।ଏଭଳି ଅଭିଯୋଗ ଆସିଛି ବଣିଆଡିହା,ବାଲିକୁଟି ସହିତ ବିଭିନ୍ନ ପଞ୍ଚାୟତର ଥିବା ପ୍ରମୁଖ ସ୍ଥାନ ପଞ୍ଚାୟତ ଅଫିସ୍, ବଜାର,ଛକ, ସମେତ ସରକାରୀ ଜାଗାରେ ପ୍ରଚାର ହୋଡିଂ, ବ୍ୟାନର ଓ ପୋଷ୍ଟର ଆଦି ଚାଲିଯାଇଛି ଯାହାକି ନିର୍ବାଚନ ଆଦର୍ଶ ଆଚରଣବିଧି ଖୋଲାଖୋଲି ଉଲ୍ଲଂଘନ କରାଯାଉଛି ବୋଲି ଅଭିଯୋଗ ହୋଇଛି ।ବଣିଆଡିହା




ପଞ୍ଚାୟତ ଅଫିସ୍ ଠାରେ ରାଜ୍ୟ ସରକାର ଙ୍କ ଯୋଜନା ଓ ମୁଖ୍ୟମନ୍ତ୍ରୀଙ୍କ ଫୋଟ ଲାଗି ଏକ ବଡ଼ ହୋଡିଂ ଲାଗି ରହିବାରୁ ବିଜେପି ଓ କଂଗ୍ରେସ ପକ୍ଷରୁ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହି ହୋଡିଂ ହଟାଇବାକୁ ଦାବି ହେଉଛି ।୧୫ ତାରିଖ ଦିନ ପଞ୍ଚାୟତ ଅଫିସ୍ କୁ ଶହଶହ ଭତ୍ତା ହିତାଧିକାରୀ ଭତ୍ତା ନେବାକୁ ଆସିବେ ଫଳରେ ଲୋକମାନେ ପ୍ରଭାବିତ ହେବା ର ଆଶଙ୍କା ରହିଛି ତେଣୁ ଏହାକୁ ତୁରନ୍ତ ହଟାଇବାକୁ ଦାବି ହେଉଛି । ଏନେଇ ବିଭିନ୍ନ ଦଳ ପକ୍ଷରୁ ବାଲିଆପାଳ ବ୍ଲକ ର ବିଡ଼ିଓ, ତହସିଲଦାରଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ମୟୂରଭଞ୍ଜରେ ଜିଲ୍ଲା ପରିଷଦ ଆସନ ପାଇଁ କଡ଼ା ମୁକାବିଲା

ଉଦଳା, ୧୧/୦୨ (ନି.ପ୍ର): ମୟୂରଭଞ୍ଜରେ ଜିଲ୍ଲାପରିଷଦ ଆସନ ପାଇଁ କଡ଼ା ମୁକାବିଲା ଚାଲିଥିବା ବେଳେ ୧ନଂ ଜୋନରେ ମୁଖ୍ୟତଃ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଓ ଭାରତୀୟ ଜନତା ପାର୍ଟି ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଛି । ଜନସମ୍ପର୍କରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଆଗୁଆ ଥିବାରୁ ପାଲା ଭାରିଥିବାର ଜଣାଯାଉଛି । ସେହିପରି ୨ ନଂ ଜୋନରେ ଭାରତୀୟ ଜନତା ପାର୍ଟି ଓ ବିଜୁ ଜନତା ଦଳ ମଧ୍ୟରେ ଲଢ଼େଇ ଚାଲିଛି । କିନ୍ତୁ ଏଠାରେ ଭାରତୀୟ ଜନତା ପାର୍ଟିର ପାଲାଭାରି ରହିଥିବାର ଚର୍ଚ୍ଚା ହେଉଛି । ସେହିପରି ୩ ନଂ ଜୋନଟି ସ୍ଥାନୀୟ ବିଧାୟକ ଭାସ୍କର ମଢେଇଙ୍କ ପାଇଁ ସମ୍ମାନର ପ୍ରଶ୍ନ ଅଟେ । କାରଣ ବିଧାୟକ ଶ୍ରୀଯୁକ୍ତ ମଢ଼େଇଙ୍କ ବାସସ୍ଥାନ ୩ ନଂ ଜୋନ ମଧ୍ୟରେ ରହିଛି । ଏହି ଜୋନରେ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦିତା ହେଉଥିବା ବେଳେ ପ୍ରଚାରରେ ବିଜୁ ଜନତା ଦଳ ଆଗୁଆ ରହିଛି । ୪ ନଂ ଜୋନରେ ଲଢ଼େଇ ସବୁଠାରୁ ଅଧିକ ଜୋରଦାର ରହିଛି । ତେବେ ଏହି ଜୋନରେ କାହାର ପାଲା ଭାରି ରହିଛି ତାହା ଆକଳନ କରିବା କଷ୍ଟକର ହୋଇ ପଡ଼ିଛି । ତେଣୁ ଏହି ଜୋନର ଚିତ୍ର ଏବେ ମଧ ଅସ୍ପଷ୍ଟ ରହିଛି ।

# ନରଣପୁର ପଂଚାୟତରେ ବିଜେପି ବିଧାୟକଙ୍କ ରୋଡ଼ ସୋ କାର୍ଯ୍ୟକ୍ରମ

ନୀଳଗିରି, ୧୧/୦୨ (ନି.ପ୍ର): ପଂଚାୟତ ନିର୍ବାଚନକୁ ଆଉ ଅଳ୍ପଦିନ ଥିବା ବେଳେ ପଂଚାୟତ ଗୁଡ଼ିକରେ ପ୍ରଚାର ଜୋର ଧରିଛି । ପ୍ରାର୍ଥୀ ନିଜର ରଣକୌଶଳ ପ୍ରସ୍ତୁତ କରି ଲୋକମାନଙ୍କର ନିକଟତର ହେଉଥିବା ପରିଲକ୍ଷିତ ହେଉଛି । ପଂଚାୟତ ନିର୍ବାଚନରେ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଥିବା ଦେଖାଦେଇଛି । ଏହି କ୍ରମରେ ଗୁରୁବାର ନରଣପୁର ଗ୍ରାମ ପଂଚାୟତରେ ନୀଳଗିରିର ଲୋକପ୍ରିୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପଂଚାୟତର ବିଭିନ୍ନ ୱାର୍ଡରେ ନିଜ ସମର୍ଥକଙ୍କ ସହିତ ପ୍ରାର୍ଥୀମାନଙ୍କୁ ନେଇ ମାରାଥନ ପ୍ରଚାର କରୁଥିବା ଦେଖାଯାଇଛି । ଏକ ବିଶାଳ ପଟୁଆରରେ ଶହ ଶହ



କର୍ମୀମାନଙ୍କ ସହିତ ପ୍ରାର୍ଥୀମାନେ ଏକ ରୋଡ଼ ସୋ ରେ ଯାଇ ବିଭିନ୍ନ ୱାର୍ଡର ଲୋକମାନଙ୍କୁ ଭେଟି ଆଗାମୀ ତ୍ରିସ୍ତରୀୟ ପଂଚାୟତ ରେ ବିଜେପି ସମର୍ଥନରେ ଲଢୁଥିବା ପ୍ରାର୍ଥୀମାନଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । ଏଥିସହିତ ବିଗତ ପଂଚାୟତ ନିର୍ବାଚନରେ ବିଜେପି ସମର୍ଥନରେ ଜିତିଥିବା ସରପଂଚ, ସମିତିସଭ୍ୟ ଏବଂ ଜିଲ୍ଲାପରିଷଦ ପ୍ରାର୍ଥୀମାନେ ନିଜ ଦଳ ଛାଡ଼ି ନିଜ ସ୍ୱାର୍ଥ ପାଇଁ ଦଳ ଡେଇଁ ପଂଚାୟତର ଲୋକମାନଙ୍କୁ ଧକା ଦେଇଥିବା ନେଇ ନରଣପୁର ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ । ଉକ୍ତ ରାଲିରେ ନରଣପୁର ପଂଚାୟତରେ ବିଜେପି ସମର୍ଥନରେ ସରପଂଚ ପ୍ରାର୍ଥୀନୀ ଜ୍ୟୋସ୍ନାରାଣି ପ୍ରଧାନ ଏବଂ ସମିତିସଭ୍ୟା ଦେବୀ ଅର୍ଚନା ପରିଡ଼ାଙ୍କ ସହ ୧୨ନଂ. ଜୋନର ଜିଲ୍ଲା ପରିଷଦ ପ୍ରାର୍ଥୀନୀ ଅନିତା ସିଂ ଏହି ସଭାଯାତ୍ରାରେ ସାମିଲ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ଜିଲ୍ଲା ଉପସଭାପତି କରୁଣାକର ପଣ୍ଡାଙ୍କ ସମେତ ପ୍ରଦୀପ ଭୂୟାଁ, ପରେଶ ପରିଡ଼ା, ସୁଶୀଲ ଭୂୟାଁ, ମହେନ୍ଦ୍ର ରାଉତ, ଅନାମ ମଳିକ ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ । ଅଗାମୀ ନିର୍ବାଚନରେ ଉକ୍ତ ପଂଚାୟତରେ ବିଜେପି ସମର୍ଥନରେ ବହୁ ଭୋଟର ଭୋଟ ଦେବେ ବୋଲି ଖୋଲା ବୋଲି କହୁଥିବା ଜଣାପଡ଼ିଛି ।

# ସରପଂଚ ହିଁ ରାଇବଣିଆ ଦୁର୍ଗର ରକ୍ଷା କବଚ : ଯୋଗ୍ୟ ପ୍ରତିନିଧି ହିଁ ବିକାଶର ସୂତ୍ରଧର

ଜଳେଶ୍ୱର, ୧୧/୦୨ (ନି.ପ୍ର): ଜଳେଶ୍ୱର ବ୍ଲକ୍ ସାଧାରଣତଃ ସୁବର୍ଣ୍ଣରେଖା ନଦୀର ପଶ୍ଚିମପଟର ୧୪ଟି ଓ ପୂର୍ବପଟର ୨୧ଟି ପଂଚାୟତକୁ ବୁଝାଇଥାଏ । ନଦୀର ପଶ୍ଚିମପଟେ ଥିବା ପଂଚାୟକକୁ ନେଇ ରାଇବଣିଆ ଥାନା ଗଠିତ । ଏହାର ଭୋଟର ସଂଖ୍ୟା ୫୦୯୫ । ରାଇବଣିଆ ଗାଁ ଏକ ପଂଚାୟତ ହୋଇଥିବା ବେଳେ ରାଇବଣିଆ ଦୁର୍ଗ ଏହା ମଧ୍ୟରେ ଅବସ୍ଥିତ । ୫ହଜାର ବର୍ଷ ପୂର୍ବେ ରାଇବଣିଆ ଗଡ ବିକାଶ ଲାଭ କରିଥିବା ବେଳେ ଏବେବି ଜମିଦାର ପରିବାର ସେହି ଗାଁରେ ରହିଆସୁଛନ୍ତି । ରାଇବଣିଆ ଦୁର୍ଗର ବିକାଶ ଉପରେ ଏହି ପଂଚାୟତର ବିକାଶ ନିର୍ଭର କରେ । ପର୍ଯ୍ୟଟନ କ୍ଷେତ୍ରଭାବେ ରାଇବଣିଆ ଦର୍ଗକୁ ଗ୍ରହଣ କରିବାଲାଗି ଏବେ ସରକାର କେତେକ ପଦକ୍ଷେପ ନେଇଥିବା ବେଳେ ତାହା ସଫଳ ହେଲେ ରାଇବଣିଆ ପଂଚାୟତବାସୀଙ୍କ ବିକାଶ ଘଟିବ ବୋଲି କୁହାଯାଇ ଆସୁଛି । ରାଇବଳିଆରସିଂଙ୍କ ନାମିତ ମାଧ୍ୟମିକ ବିଦ୍ୟାଳୟ ସେଠାରେ ଅବସ୍ଥିତ ଥିବା ବେଳେ ପ୍ରତ୍ନତତ୍ୱ ବିଭାଗ ଗୁରୁତ୍ୱ ନିର୍ବାଚିତ ପ୍ରତିନିଧି ମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ହୋଇଥିବାରୁ ଭୋଟର ମାନେ ପ୍ରାର୍ଥି ନିର୍ଣ୍ଣୟ କରିବା ସମ୍ଭାବନା ଅଧିକ । ସେଠାରେ ସରପଂଚଭାବେ ଅନୁପ କୁମାର ଚୌଧୁରୀ, ସନ୍ଦିପ ନାରାୟଣ ଘୋଷ, ଦିଗାମ୍ବର ଦାସ, ବସନ୍ତ ଘୋଷ ଓ ଆଶିଷ ଘୋଷ ନିର୍ବାଚନ ପ୍ରତିଦ୍ୱନ୍ଦିତାରେ ଅବତିର୍ଣ୍ଣ ହୋଇଛନ୍ତି । ଅନୁପ ବାବୁ ଚୌଧୁରୀ ବଂଶର ଦାୟାଦ ହୋଇଥିବା ବେଳେ ସନ୍ଦିପ, ବସନ୍ତ ଓ ଆଶିଷ ବାବୁ ଘୋଷ ପରିବାରର ଅଟନ୍ତି । ଦିଗମ୍ବର ବାବୁ ପଂଚାୟତ ସମିତି ସଦସ୍ୟ ଥିବା ବେଳେ ଭୋଟରମାନେ ଦକ୍ଷ ନେତୃତ୍ୱ ପ୍ରତି ଗୁରୁତ୍ୱ ଦେଉଛନ୍ତି । ରାଇବଣିଆ ପଂଚାୟତର ଉନ୍ନତି ଓ ଦୁର୍ଗର ବିକାଶ ପ୍ରତି ଗୁରୁତ୍ୱ ଦେଉଥିବା ପ୍ରତିନିଧି ଏବଂ ନିଜର ଦକ୍ଷତାକୁ ଭୋଟରମାନେ ଅଧିକ ଧ୍ୟାନ ଦେଉଛନ୍ତି । ସେଠାରେ ସଦସ୍ୟଭାବେ ଦୁଲି ମାରାଣ୍ଡି, ରିନା ଟୁଡୁ ଓ ମୁନି ହାଁସଦା ନିର୍ବାଚନରେ ଅବତିର୍ଣ୍ଣ ହୋଇଥିବା ବେଳେ ସରପଂଚ ପ୍ରାର୍ଥୀଙ୍କ ଧ୍ୟାନ ଅଧିକ । ଆସନ୍ତା ନିର୍ବାଚନରେ କିଏ ବାଜିମାତ୍ କରୁଛି ଦେଖିବାକୁ ବାକି ରହିଲା ।

## ଆମ ରାଜ୍ୟ ଧୀରେ ଧୀରେ ଭଲ ସ୍ଥିତିକୁ ଆସୁଛି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୧/୦୨ (ନି.ପ୍ର): କରୋନା ସଂକ୍ରମଣ ମାମଲାରେ ଆମ ରାଜ୍ୟ ଧୀରେ ଧୀରେ ଭଲ ସ୍ଥିତିକୁ ଆସୁଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, କୋଭିଡର ଯେତିକି ଭ୍ୟାରିଏଂଟ ଅଛି, ସେତିକି ଭ୍ୟାରିଏଂଟରେ ଓମିକ୍ରନ ଅଧିକ ଅଛି। ଯେତିକି ସାମ୍ପୁଲ ଯାଇଥିଲା ସେଥିରୁ ୯୮ ପ୍ରତିଶତ ଓମିକ୍ରନ ଚିହ୍ନଟ ହୋଇଛନ୍ତି। ଓମିକ୍ରନର ପ୍ରଭାବ କଥା ଯଦି ଦେଖିବା, ତାହେଲେ ରାଜ୍ୟରେ ଅଧିକ ଗୁରୁତର କଥା ରହିବ ନାହିଁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଓମିକ୍ରନ ଭ୍ୟାରିଏଂଟରେ ଯେପରି ଅନ୍ୟ ଦେଶ ବା ରାଜ୍ୟରେ କେସ୍ କମୁଛି, ସେପରି ଆମ ରାଜ୍ୟରେ କେସ୍ କମିବ ବୋଲି ଆମର ଆଶା ରହିଛି। ମୋଟାମୋଟି କହିବାକୁ ଗଲେ, ଆମେ ଆମ ରାଜ୍ୟରେ ଧୀରେ ଧୀରେ ଭଲ ସ୍ଥିତିକୁ ଆସୁଛେ ବୋଲି ସେ କହିଛନ୍ତି ।

## ଦେଶୀମଦ ଜବତ, ୩ ଗିରଫ

ଭଦ୍ରକ, ୧୧/୦୨ (ନି.ପ୍ର): ଭଦ୍ରକ ଅବକାରୀ ବିଭାଗ ପକ୍ଷରୁ ଧାମନଗର ବ୍ଲକର ଧୂଷୁରୀ ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମନିକଟ କପାଳୀ ନଦୀକୂଳରେ ଚଳିଥିବା ବେଆଇନ୍ ଦେଶୀମଦ ପ୍ରସ୍ତୁତି କାରଖାନା ଉପରେ ଚଢାଉ କରାଯାଇଥିଲା । ୫୦ଲିଟର ଦେଶୀରନ୍ଧା ମଦ ଓ ୧୦୨୦ଲିଟର ଗୁଡ଼ପୋଚ ଜବତ କରାଯିବା ସହ ସ୍ଥାନୀୟ ଅଂଚଳର ଶର୍ଙ୍କର୍ଷଣ ମଳିକ ଓ ଅର୍ଜୁନ ମଳିକଙ୍କୁ ଗିରଫ କରାଯାଇଛି । ଗୋବିନ୍ଦପୁର ପଂଚାୟତର କୋରୁଆ ଗ୍ରାମରେ ଚଢାଉ କରାଯାଇ ୬୦ଲିଟର ଦେଶୀ ରନ୍ଧାମଦ ଜବତ କରାଯିବା ସହିତ ସମ୍ପୃକ୍ତ ଗ୍ରାମର ଶ୍ରୀକାନ୍ତ ଦାସକୁ ଗିରଫ କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କେବେ ସ୍କୁଲ ଯିବେ....

ପୂର୍ବ ନିଷ୍ପତ୍ତିକୁ ବଦଳାଇ ୨୮ରୁ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଆସିବାକୁ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା । ହେଲେ ଘରୋଇ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ କି ନାହିଁ, ସ୍ପଷ୍ଟ ହୋଇ ନାହିଁ । ସେହିଭଳି ୧ ମାର୍ଚ୍ଚରୁ ଅନଲାଇନରେ ଆଉ ପାଠପଢ଼ା ହେବ କି ନାହିଁ, ଏନେଇ ଚିଠିରେ କିଛି ଉଲ୍ଲେଖ କରାଯାଇ ନାହିଁ । ଫେବ୍ରୁଆରୀ ୧୪ ତାରିଖ ପରିବର୍ତ୍ତେ ୨୮ ତାରିଖରେ ପ୍ରଥମରୁ ସପ୍ତମ ଶ୍ରେଣୀ ଖୋଲିବାକୁ ଗଣଶିକ୍ଷା ବିଭାଗର ନୂଆ ଚିଠିକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ଘରୋଇ ଇଂରାଜୀ ମିଡିୟମ ସ୍କୁଲ । ତେବେ ଏହାର କାରଣ ହେଉଛି, ୧୪ ତାରିଖରେ କେଜି, ନର୍ସରୀ ଓ ପ୍ଲେ ସ୍କୁଲ ଖୋଲିବାକୁ ପୂର୍ବରୁ ଚିଠି କରିଥିଲା ଗଣଶିକ୍ଷା ବିଭାଗ । ୧୦ ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ପ୍ରଥମରୁ ସପ୍ତମ ଶ୍ରେଣୀ ସ୍କୁଲ, ୧୪ ପରିବର୍ତ୍ତେ ୨୮ରେ ଖୋଲିବ ବୋଲି କହିଛି ଗଣଶିକ୍ଷା ବିଭାଗ । କିନ୍ତୁ କେଜି, ନର୍ସରୀ ପିଲା କେବେ ସ୍କୁଲ ଆସିବେ, ଏ ନେଇ କିଛି ଉଲ୍ଲେଖ ନାହିଁ । ତେବେ ଦୁଇଟି ଚିଠି ଯୋଗୁଁ ଦ୍ୱନ୍ଦ୍ୱ ଉପୁଜିଛି । ତେଣୁ ଇଂରାଜୀ ମିଡିୟମ ସ୍କୁଲଗୁଡିକ କେଜି, ନର୍ସରୀ ପିଲାଙ୍କ ପାଠପଢ଼ା କେବେ ଠାରୁ ଆରମ୍ଭ କରିବେ ଚିନ୍ତାରେ ପଡିଛନ୍ତି । ଏହି ଦ୍ୱନ୍ଦ୍ୱ ଭିତରେ କେଜି, ନର୍ସରୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀର କ୍ଲାସ ୨୮ରୁ ଆରମ୍ଭ କରିବେ ବୋଲି ଅଧିକାଂଶ ଘରୋଇ ଇଂରାଜୀ ମିଡିୟମ ସ୍କୁଲ ନିଷ୍ପତ୍ତି ନେଇଥିବା ଜଣାପଡିଛି । ସେପଟେ ଗଣଶିକ୍ଷା ସଚିବ କନକ ନ୍ୟୁଜକୁ ସୂଚନା ଦେଇଛନ୍ତି ଯେ, ପ୍ଲେ-ସ୍କୁଲ ଓ କେଜି ପିଲାଙ୍କ ପାଇଁ ଗତ ୮ ତାରିଖରେ ଦିଆଯାଇଥିବା ଚିଠି କାର୍ଯ୍ୟକାରୀ ହେବ । ଅର୍ଥାତ୍ ଫେବ୍ରୁଆରୀ ୧୪ ତାରିଖରେ ସେମାନଙ୍କ ପାଇଁ ସ୍କୁଲ ଖୋଲିବ । ପୂର୍ବରୁ ହାଇବ୍ରିଡ୍ ମୋଡ୍ରେ ଅର୍ଥାତ୍ ଉଭୟ ଅନଲାଇନ୍ ଓ ଅଫଲାଇନ୍ କ୍ଲାସ ହେବା ପାଇଁ କୁହାଯାଉଥିଲା । ଯେଉଁମାନେ ସ୍କୁଲ ଆସିବାକୁ ଚାହିଁବେ, ଆସିପାରିବେ । ଯେଉଁମାନେ ସ୍କୁଲ ନଆସି ଅନଲାଇନ୍ କ୍ଲାସ୍ କରିବାକୁ ଚାହିଁବେ କରିପାରିବେ । ହେଲେ ଗୁରୁବାର ଗଣଶିକ୍ଷା ବିଭାଗ ଯେଉଁ ଚିଠି ଦେଇଛି, ସେଥିରେ ଏକଥା ଉଲ୍ଲେଖ ନାହିଁ । ଗୁରୁବାର ଦିନ ଗଣଶିକ୍ଷା ବିଭାଗର ଚିଠିରେ କୁହାଯାଇଛି, ସ୍କୁଲ ପରିବେଶ ସଫା. ଶ୍ରେଣୀ ଗୃହ ମରାମତି ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଅଧିକ ସମୟ ମାଗିଥିବାରୁ ସ୍କୁଲରେ ପାଠପଢ଼ା ୨୮ ତାରିଖରୁ ଆରମ୍ଭ ହେବାକୁ ନିଷ୍ପତ୍ତି ନିଆଯାଇଛି । ଏହି ସମୟ ମଧ୍ୟରେ ସ୍କୁଲ ଖୋଲିବ, ଶିକ୍ଷକ ଓ କର୍ମଚାରୀ ଆସିବେ, କିନ୍ତୁ ସ୍କୁଲକୁ ପିଲାମାନେ ଆସିପାରିବେ ନାହିଁ । ପୂର୍ବଭଳି ଅନଲାଇନ୍ରେ କ୍ଲାସ ହେବ । ୨୮ ତାରିଖରେ ଫିଜିକାଲ କ୍ଲାସ୍ ଆରମ୍ଭ ହେବ । କିନ୍ତୁ ୨୮ ତାରିଖରୁ ଅନଲାଇନ୍ କ୍ଲାସ ବନ୍ଦ ହେବ କି ଏହା ମଧ ପୂର୍ବଭଳି ଜାରି ରହିବ, ଏ ନେଇ କିଛି ଉଲ୍ଲେଖ କରାଯାଇନାହିଁ ।

## ନିର୍ବାଚନ ସମୟରେ ବେଆଇନ....

ମାମଲା ରୁଜୁ ହୋଇଥିବାବେଳେ ୨୫,୬୪୧ ଜଣ ଗିରଫ ହୋଇଛନ୍ତି । ଏହି ସମୟରେ ୮.୪୬,୪୯୩ ଲିଟର କାରଖାନା ପ୍ରସ୍ତୁତ ଦେଶୀ ମଦ, ୮୯,୨୧,୫୩୧ କିଲୋ ମହୁଆ ମଦ ପ୍ରସ୍ତୁତି ସାମଗ୍ରୀ, ୭୪୮୩ ଲିଟର ନକଲି ବିଦେଶୀ ମଦ, ୨୧୪୬ ଲିଟର ଟିକସ ଫାଙ୍କି ବିଦେଶୀ ମଦ, ୩୭୦୧ ଲିଟର ସ୍ପିରିଟ , ୨୫,୭୫୭ କିଲୋ ଗଞ୍ଜେଇ, ୧୦,୩୯୪ ଗ୍ରାମ ବ୍ରାଉନସୁଗାର, ୫୯୧ ଲିଟର କଫସିରପ ଓ ୧୬୭୫ଟି ଯାନବାହାନ ଜବତ ହୋଇଛି । ଏହି ସମସ୍ତ ଜବତ ସାମଗ୍ରୀର ମୂଲ୍ୟ ୧୧୦ କୋଟି ଟଙ୍କା ହେବବୋଲି ଆକଳନ କରାଯାଇଛି । ଜାନୁୟାରୀ ମାସର ଧରପଗଡ ସଂକ୍ରାନ୍ତରେ ବୈଠକରେ ଅବକାରୀ କମିଶନଙ୍କୁ ଦିଆଯାଇଥିବା ସୂଚନାରୁ ଜଣାପଡିଛି ଯେ କେବଳ ଜାନୁୟାରୀ ମାସରେ ୪୦୨୬ଟି ମାମଲା ରୁଜୁ ସହିତ ୩୨୯୯ଜଣ ଗିରଫ ହୋଇଛନ୍ତି । ଏହି ଗୋଟିଏ ମାସରେ ୯୮୯ କିଲୋ ଭାଙ୍ଗ, ୧୯୮୦ ଲିଟର ନକଲି ବିଦେଶୀ ମଦ, ୫୩୫୨ କିଲୋ ଗଞ୍ଜେଇ ଓ ୪୮୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି । ଏଥି ସହିତ ୧୮୦ଟି ଚାରି ଚକିଆ ଓ ଦୁଇ ଚକିଆ ଯାନ ଜବତ ହୋଇଛି । ଅନ୍ୟାନ୍ୟ ନିଶା ସାମଗ୍ରୀ ସହିତ ସମସ୍ତ ଜବତ ବସ୍ତୁର ମୂଲ୍ୟ ୧୨ କୋଟି ୧୧ଲକ୍ଷ ଟଙ୍କା ହେବବୋଲି ଆକଳନ କରାଯାଇଛି । କେବଳ ଗତ ୧୦ଦିନ ମଧ୍ୟରେ ଅବକାରୀ ବିଭାଗ ବେଆଇନ ନିଶା କାରବାରୀଙ୍କ ବିରୁଦ୍ଧରେ ଧରପଗଡ କରି ୧୪୬୨ ମାମଲା ରୁଜୁ ସହିତ ୧୧୯୩ ଜଣଙ୍କୁ ଗିରଫ କରିଥିବା ସମୀକ୍ଷା ବୈଠକରୁ ଜଣାଯାଇଛି ।

## ବିଧାନ ପରିଷଦକୁ ନେଇ....

ଆସିନାହିଁ । ତେଣୁ ପ୍ରଶ୍ନ ଉଠୁଛି, କିଏ ସତ କହୁଛି ? ବିଧାନପରିଷଦ ଗଠନ ପାଇଁ ୨୦୧୮ରେ ବିଧାନସଭାରେ ସଂକଳ୍ପ ପାରିତ ହେବା ପରେ ଓଡିଶା ସରକାର ବାରମ୍ବାର ଏହି ଦାବି କେନ୍ଦ୍ର ସରକାରଙ୍କ ନିକଟରେ ଉଠାଇଛନ୍ତି । ବିଜେଡି ସାଂସଦ ବି ସଂସଦରେ ବିଲ୍ ଆଣିବାକୁ ଦାବି କରିସାରିଛନ୍ତି । ୨୦୧୯ରେ କେନ୍ଦ୍ର ଡାକିଥିବା ସର୍ବଦଳୀୟ ବୈଠକରେ ଏ ନେଇ ବିଧିବଦ୍ଧ ଭାବେ ଦାବି ଉପସ୍ଥାପନ କରିଥିଲା ବିଜେଡି । ଅନ୍ୟପଟେ ବିଧାନପରିଷଦ ଗଠନ ବିବାଦ ସାମ୍ନାକୁ ଆସିବା ପରେ ବିଜେଡି କହିଛି, ପୂର୍ବରୁ ପାର୍ଲାମେଣ୍ଟରେ ଏ ନେଇ ପ୍ରସଙ୍ଗ ଉଠିଛି । ସେତେବେଳେ କେନ୍ଦ୍ର ସରକାର କିଛି କହିନଥିଲେ । ଏବେ ପ୍ରସ୍ତାବ ମିଳିନଥିବା କଥା କିଭଳି କହୁଛନ୍ତି ଆଉ ବିଜେପି କହିଛି, ବହୁତ ଚିଠି ରାଜ୍ୟ ସରକାର ଲେଖନ୍ତି । କେନ୍ଦ୍ର ପାଖରେ ଏହା ପହଞ୍ଚେ ନାହିଁ ।

## ନିର୍ବାଚନ : ପୁଣି ଫେରିଲା....

ଗାଁରେ ବିରୋଧର ସମ୍ମୁଖୀନ ହୋଇଥିଲେ ସାଂସଦ । ଅନାକାବେଡା ପଞ୍ଚାୟତର ଚକମାଲ ଗାଁରେ ବୁଧବାର ବିଳମ୍ବିତ ରାତିରେ ସାଂସଦ ଶତାଧିକ ବିଜେଡି କର୍ମୀଙ୍କୁ ନେଇ ପ୍ରଚାର କରିବାକୁ ବାହାରିଥିଲେ । ହେଲେ ତାଙ୍କ ଗାଡ଼ିକୁ କଂଗ୍ରେସର ଜୋନ୍ ୧ ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ଘେରିଯାଇଥିଲେ । ରାତି ୮ ଟା ପରେ ପ୍ରଚାର କାର୍ଯ୍ୟ ବନ୍ଦର ନିୟମ ଥିବା ବେଳେ କାହିଁକି ସାଂସଦ ବୁଲୁଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ । ସେହିପରି ଶୁକ୍ରବାର ମଧ ସାଂସଦଙ୍କୁ ଅଣ୍ଡାମାଡ ଘଟଣାରେ ଜଣଙ୍କୁ ଗିରଫର ତୀବ୍ର ପ୍ରତିବାଦ ହୋଇଛି । ଥାନା ଘେରିଛନ୍ତି ଶହ ଶହ ଗ୍ରାମବାସୀ । ଗିରଫ ବ୍ୟକ୍ତିଙ୍କୁ ତୁରନ୍ତ ଛାଡିବା ପାଇଁ ଦାବି କରିଛନ୍ତି । ଗିରଫ ପ୍ରତିବାଦରେ ଏତେ ସଂଖ୍ୟାରେ ଲୋକ ଥାନାକୁ ଆସିଥିଲେ ଯେ, ଭିତର ପଟୁ ଗେଟ୍ ବନ୍ଦ କରି ଜଗି ରହିଥିଲେ ପୋଲିସ । ଆଉ ବାହାରେ ହୋହଲା କରିଥିଲେ ଗ୍ରାମବାସୀ । ସାଂସଦଙ୍କ ପ୍ରତିନିଧି ଝରିଗାଁ ଥାନାରେ ଦେଇଥିବା ଏତଲା ଆଧାରରେ ପୋଲିସ ମୁଣ୍ଡିମାଳ ଗାଁର ଚିତ୍ର ପ୍ରସାଦ ତ୍ରିପାଠୀଙ୍କୁ ଉଠାଇ ଆଣିଛି । ତାଙ୍କୁ ତୁରନ୍ତ ଛାଡିଦେବା ପାଇଁ ଦାବି କରି ପ୍ରାୟ ୬ଟି ୱାର୍ଡର ଶହଶହ ଲୋକ ଥାନା ଘେରିବା ସହ ରାସ୍ତାରୋକ କରିଛନ୍ତି । ଅଣ୍ଡାମାଡ ଘଟଣାରେ ପୋଲିସ ଉଠାଇ ଆଣିଥିବା ଚିତ୍ର ପ୍ରସାଦ ତିୱାରୀ ଓରଫ କୁନୁ ବିଜେଡିରୁ ନିଲମ୍ବିତ ହୋଇ ବିଜେପିରେ ଯୋଗ ଦେଇଥିବା ଜଣାପଡିଛି । ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେଡି କର୍ମୀ ମଧ ଥାନା ଘେରାଉ କରିଛନ୍ତି । ହେଲେ ପ୍ରଶ୍ନ ଉଠୁଛି, ନିଜ ସଂସଦୀୟ କ୍ଷେତ୍ରରେ ରମେଶ ମାଝୀଙ୍କୁ କାହିଁକି ଏତେ ବିରୋଧ କରାଯାଉଛି । ଏହା ଲୋକଙ୍କ ଆକ୍ରୋଶ ନାଁ ଏହା ପଛରେ କୌଣସି ରାଜନୈତିକ ଷଡଯନ୍ତ୍ର ରହିଛି ।


# ଅମୃତବାଣୀ ଶିଶୁ ବିଦ୍ୟା ମନ୍ଦିର

**କାଳିଦାସପୁର, ବାଲେଶ୍ୱର**

**ଶିକ୍ଷାବର୍ଷ-୨୦୨୨-୨୩**

ନାମଲେଖା ଚାଲିଛି

ନାମଲେଖା ଚାଲିଛି

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶିଶୁବାଟିକା(**Nursery**) ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ। ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ଅମୃତବାଣୀ ଶିଶୁ ବିଦ୍ୟା ମନ୍ଦିର
କାଳିଦାସପୁର, ବାଲେଶ୍ୱର

ଯୋଗାଯୋଗ: ୮୯୮୪୭୪୩୧୫୪, ୯୨୩୭୪୩୨୧୭୧

# ସୋର ବିଧାୟକଙ୍କ ଦବଙ୍ଗଗିରିକୁ ଜିଲ୍ଲା କଂଗ୍ରେସର ନିନ୍ଦା

ବାଲେଶ୍ୱର,୧୧/୦୨ (ନି.ପ୍ର): ପଞ୍ଚାୟତ ନିର୍ବାଚନ ପ୍ରଚାର ବେଳେ ନିକଟ ଅତୀତରେ ସୋର ବିଧାୟକ ପର୍ଶୁରାମ ଧଡ଼ା ଓ ପୂର୍ବତନ ବିଧାୟକ ସୁରେନ୍ଦ୍ର ପରମାଣିକଙ୍କର ହୋଇଥିବା ବଚସା ଓ ଅଭାବନୀୟ କାଣ୍ଡ ଏବେ ସୋସିଆଲ ମିଡିଆରେ ପ୍ରସାର ହେବାରେ ଲାଗିଛି। ଏନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସର କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରି ଯୋଗଦେଇ ଶାସକ ଦଳ ବିଧାୟକଙ୍କ କ୍ଷମତା ନିଶାର ଦୃଢ଼ ସମାଲୋଚନା କରିଥିଲେ। ଦୀର୍ଘ ୨୨ ବର୍ଷ ଧରି ରାଜ୍ୟରେ ବିଜୁ ଜନତା ଦଳର କଳା ଶାସନ ଚାଲିଥିବା ବେଳେ ବିଧାୟକମାନେ ନିଜକୁ ଆଇନଠାରୁ ଉପରେ ବୋଲି ଭାବିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଥିଲେ । ସୋର ବିଧାୟକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଜିଲା ବ୍ୟାପୀ ଆନ୍ଦୋଳନ ତେଜିବ ବୋଲି ସେ ଚେତାବନୀ ଦେଇଥିଲେ। ପୂର୍ବତନ ବିଧାୟକ ଶ୍ରୀ ପରିମାଣିକ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ଘଟଣାବଳୀ ସମ୍ପର୍କରେ ବିବୃତ୍ତି ଦେଇଥିଲେ। ନିଜ ଘର ପାଖକୁ ବିଧାୟକ ଆସିଥିବା ବେଳେ ସୌଜନ୍ୟତାମୂଳକ ସାକ୍ଷାତ ସହ ଜଣେ ସାଧାରଣ ନାଗରିକ ଭାବେ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସେ ପ୍ରଶ୍ନ ପଚାରିଥିଲେ । ମାତ୍ର ବିଧାୟକ ଶ୍ରୀ ଧଡା ତାଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ ସହ ସୁରକ୍ଷାବଳ ଓ କର୍ମୀଙ୍କ ଦ୍ୱାରା ଟଣାଘୋସରା କରିଥିବା ଶ୍ରୀ ପରିମାଣିକ କହିଛନ୍ତି। ଜଣେ ପୂର୍ବତନ ବିଧାୟକଙ୍କୁ ଶାସକ ଦଳର ବିଧାୟକ ଏଭଳି ଆଚରଣ ପ୍ରଦର୍ଶନ କରୁଥିବା ବେଳେ ସୋର ଅଞ୍ଚଳରେ ସାଧାରଣ ଲୋକଙ୍କ ସ୍ଥିତି କିଭଳି ଥିବ ତାହା ଏଇଥିରୁ ଅନୁମେୟ ବୋଲି ସେ କ୍ଷୋଭର ସହ କହିଥିଲେ । ଏ ନେଇ ସେ ଥାନାରେ ଏତଲା ଦେଇଥିବା ବେଳେ ତୁରନ୍ତ ବିଧାୟକଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଦାବି କରିଥିଲେ। ନତୁବା ଆଗାମୀ ଦିନରେ ସୋର ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳ ବିଧାୟକଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ପରମାଣିକ ଚେତାବନୀ ଦେଇଥିଲେ ।

# ରାଜ୍ୟ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ମୟୁରଭଞ୍ଜ ଜିଲ୍ଲା ଗସ୍ତ



ବାରିପଦା, ୧୧/୦୨ (ନି.ପ୍ର): ଓଡିଶା ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ମଧୁସୁଦନ ପାଢୀ, ଭାପ୍ରସେ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ତା.୧୦.୦୨.୨୦୨୨ ରିଖରେ ଜିଲ୍ଲାର କଳା ସଂସ୍କୃତି କିର୍ତିରାଜୀର ସଂରକ୍ଷଣ ସୁରକ୍ଷା ସହିତ ଛଉନୃତ୍ୟ ବିକାଶ ତଥା ଭିତିଭୂମିର ବିକାଶ ମୂଳକ ଆଦି କାର୍ଯ୍ୟକ୍ରମର ବିଭାଗୀୟ ଯୋଜନା କାର୍ଯ୍ୟନୟନ ଅଗ୍ରଗତି ବିଷୟରେ କ୍ଷେତ୍ର ସ୍ତରୀୟ ପରିଦର୍ଶନ କରି ଜିଲ୍ଲାପ୍ରସାଶନ ସହିତ ଆଲୋଚନା କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢୀ ଜିଲ୍ଲାଗସ୍ତ କାର୍ଯ୍ୟକ୍ରମରେ ପ୍ରଥମେ ଜିଲ୍ଲା ସଂସ୍କୃତି ଭବନ ପରିଦର୍ଶନରେ ଜିଲ୍ଲା ସଂଗ୍ରହାଳୟ, ପାଠାଗାର ପ୍ରଜେକ୍ଟ ଛାଉଣୀ ଏବଂ ଛଉ ନୃତ୍ୟ ମଣ୍ଡପ ଆଦି କ୍ଷେତ୍ର ଅନୁଧ୍ୟାନ କରିଥିଲେ। ଗସ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ୍ ଭାପ୍ରସେ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ମୟୂରଭଞ୍ଜ ରୁଦ୍ରନାରାୟଣ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ର୍ସିକା ପ୍ରମୁଖ ସମେତ ପ୍ରଜେକ୍ଟ ଛାଉଣୀର ପ୍ରମୁଖ କର୍ମକର୍ତା ମାନଙ୍କ ସହିତ ଉକ୍ତ ବିଷୟ କାର୍ଯ୍ୟାନୟନ ଅନ୍ତର୍ଗତ ସଂସ୍କୃତି ବିଭାଗ ଯୋଜନା କାର୍ଯ୍ୟକ୍ରମର ଅଗ୍ରଗତି ତଥା ଉପଯୁକ୍ତ ପଦକ୍ଷେପ ନିଆଯିବା ଦିଗରେ ସବିଶେଷ ଆଲୋଚନା କରିଥିଲେ। ଆଲୋଚନାରେ ମୟୂରଭଞ୍ଜ ଜିଲ୍ଲା ସଂସ୍କୃତି ବିଭାଗ ସଂଗ୍ରହାଳୟ, କିର୍ତୀରାଜି ଓ ସାଂସ୍କୃତିକ ବୈଭବ ଗୁଡିକର ସଂରକ୍ଷଣ ଓ ସୁରକ୍ଷା ପାଇଁ ଡିଜିଟାଲ୍ ଆରକାଇଲ୍ କାର୍ଯ୍ୟକ୍ରଉଦ୍ୱରାନ୍ୱିତ ପାଇଁ ସବିଶେଷ ପ୍ରସ୍ତାବ ସମ୍ବଳୀତ ବିବରଣୀ ଜିଲ୍ଲାପ୍ରସାସନ ସୁପାରିଶ କ୍ରମେ ରାଜ୍ୟ ସଂସ୍କୃତି ବିଭାଗ ନିକଟକୁ ପଠାଇବାକୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତତ୍‌ପରେ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢୀ ବାରିପଦା ସାରର୍କିଟ୍ ହାଉସ (ପ୍ରଦକ୍ଷଣ ଗୃହ) ଠାରେ ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନର ଉତର ସାହି, ଦକ୍ଷିଣ ସାହିର ଛଉ ସଭାପତି / ସଂପାଦକ, ପ୍ରଜେକ୍ଟ ଛାଉଣୀ ପ୍ରମୁଖ କର୍ମକର୍ତା ଏବଂ ଛଉ ଗୁରୁ ଓ କଳାକାର ମାନଙ୍କୁ ନେଇ ଅନୁଷ୍ଠିତ ଏକ ସତନ୍ତ୍ର ବୈଠକରେ ମୟୂରଭଞ୍ଜ ର ବିଶ୍ୱ ପ୍ରସିଦ୍ଧ ଛଉ ନୃତ୍ୟ କଳାର ଉନ୍ନତି, ପ୍ରଚାର ପ୍ରସାର ଏବଂ ଏହାର ଆନୁସଙ୍ଗିକ ଭିତିଭୂମି ବିକାଶ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱ ବିଦ୍ୟାଳୟର କୁଳପତି ତଥା ଶିକ୍ଷାବିତ୍ ପ୍ରଫେସର କିଶୋର କୁମାର ବସା, ପ୍ରଜେକ୍ଟ ଛାଉଣୀର ନିର୍ଦ୍ଦେଶକ ଶୁଭଶ୍ରୀ ମୁର୍ଖାଜୀ ଓ ପ୍ରକଳ୍ପ ସଂଯୋଜକ ବିଭୁଦତ ଦାସ, ଛଉ ନୃତ୍ୟ ପ୍ରତିଷ୍ଠାନର ସଭାପତି / ସଂପାଦକ କାତିକେଶ୍ୱର ରଣା, ଦିଲ୍ଲୀପ ମିଶ୍ର, କୃଷ୍ଣଚନ୍ଦ୍ର ଦାସ, ଲୋକନାଥ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ମନ୍ଦିରମାଳିନୀ ଆମ୍ବପୁଞ୍ଜାଠାରେ ଆଖଣ୍ଡଳମଣି ଶିବମନ୍ଦିର ପ୍ରତିଷ୍ଠା

ଜଳେଶ୍ୱର, ୧୧/୨(ନିପ୍ର) : ନାମ୍ପୋର ଆମ୍ବପୁଞ୍ଜଠାରେ ଦୀର୍ଘ ୪୦ବର୍ଷ ଧରି ଗ୍ରାମବାସୀଙ୍କ ଆପ୍ରାଣ ଫଳରେ ପ୍ରତିଷ୍ଠା ହୋଇଛି ଆଖଣ୍ଡଳମଣି ଶିବ ମନ୍ଦିର । ଗ୍ରାମବାସୀ ଓ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ପ୍ରତ୍ୟେକ୍ଷ ଓ ପରୋକ୍ଷ ସହାୟତା ଓ ସହଯୋଗରେ ମନ୍ଦିରଟି ନିର୍ମାଣ ହୋଇ ପାରିଛି । ପରିଚାଳନା କମିଟି ସଭାପତିଭାବେ ସୀତାକାନ୍ତ ଜେନା, ପ୍ରଫୁଲ୍ଲ କୁମାର ଗିରି, କେଶବ ଚନ୍ଦ୍ର ପ୍ରଧାନ, ସୌରଭ ଘୋଷ, ହରିଶଂକର ପ୍ରଧାନ, ଜୟନାରାୟଣ ଦାସ, ପ୍ରଫୁଲ୍ଲ ଦାସ, ହରେକୃଷ୍ଣ ଜେନା, ସନ୍ତୋଷ କୁମାର ଦାସ, ଅଂଜଳି ଗିରି, ଆରତୀ ବେହେରା, ସଂଜୟ ଗିରି, ସୁଶିଲ କୁମାର ଦାସ, ସୁନିଲ କୁମାର ଦାସ, ରମାକାନ୍ତ ଜେନା, ବିଭୁତି ଜେନା, ହରିଶ୍ଚନ୍ଦ୍ର ମହାନ୍ତି ଓ ବିଜୟ ମାଝି ରହିଛନ୍ତି । ଶ୍ରୀ ଜୁୟୁଙ୍କ ନିତି ନିୟମ ଅନୁଯାୟୀ ପୂଜାପାଠ ହେବ ବୋଲି ସେମାନେ କହିଛନ୍ତି ।

## ଶ୍ରୀଜଙ୍ଗ ସହରୀ ସଂଗଠନ ସଭାପତିଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୧୧/୦୨ (ନି.ପ୍ର): 'ଶ୍ରୀଜଙ୍ଗ ସହରୀ ସଂଗଠନ'ର ସଭାପତି ଗଗନ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଏକ ଶୋକସଭା ଭଗବାନ ବିଶ୍ୱାଳଙ୍କ ସଭାପତିତ୍ୱରେ ମାନସିଂବଜାରସ୍ଥିତ ମଣିଭଦ୍ର ଗୋଛାୟତଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ କମଳାକାନ୍ତ ଦାଶ, କୋଷାଧକ୍ଷ ମଣିଭଦ୍ର ଗୋଛାୟତ, ରବିନାରାୟଣ ରଥ, ପ୍ରସନ୍ନ କୁମାର ପାଢ଼ୀ, ବିଦ୍ୟାଧର ସାହୁ, ତପନ ବିଶ୍ୱାଳ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ବହୁବିଧ ପ୍ରତିଭା ଓ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଜଣେ ସଚ୍ଚା ଓ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ସଂଗଠନ ପ୍ରତି ତାଙ୍କର ଅବଦାନକୁ କେହି ପାସୋରି ଯିବେ ନାହିଁ ବୋଲି ବକ୍ତାମାନେ କହିଥିଲେ ।ଏହି ଅବସରରେ ଉପସ୍ଥିତ ବ୍ୟକ୍ତିମାନେ ସ୍ୱର୍ଗତ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଗୋଟିଏ ଦିନରେ ୧୫୭୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୫୭୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୭୪୫୭୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୦୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୫୧୪୩୧ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୪୨୫୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୫୭୨ ଜଣଙ୍କ ମଧ୍ୟରୁ ୯୧୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୫୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୩୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳରୁ ଜିଲ୍ଲାରୁ ୯, ବାଲେଶ୍ୱର ଜିଲ୍ଲାରୁ ୬୨ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୨୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨୫, କଟକରୁ ୧୬୧ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୪୭, ଗଂଜାମ ଜିଲ୍ଲାରେ ୨୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪୮, ଯାଜପୁରରୁ ୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୨୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୬୨, କେନ୍ଦ୍ରାପଡ଼ା ଜିଲ୍ଲାରୁ ୩୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୪୩ , ଖୋର୍ଦ୍ଧାରୁ ୨୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୮୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୨୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ଜିଲ୍ଲାରୁ ୩୯ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୭୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ପଞ୍ଚାୟତ ନିର୍ବାଚନରେ ମଦବିକ୍ରି ବନ୍ଦ ପାଇଁ 'ମୋନା'ର ଦାବି




ବାଲେଶ୍ୱର,୧୧/୦୨ (ନି.ପ୍ର): 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)', ବାଲେଶ୍ୱର ଶାଖାର ମାସିକିଆ ବୈଠକ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରେ ଭାରତରତ୍ନ ଲତାମଙ୍ଗେସକରଙ୍କ ବିୟୋଗରେ ଦିବଂଗତ ଆତ୍ମାର ସଦ୍‌ଗତି କାମନା ସହ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସଭ୍ୟମାନେ ତାଙ୍କର ଅଲୌକିକ ସ୍ୱରସାଧନା ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ । ପଞ୍ଚାୟତ ନିର୍ବାଚନରେ ସରକାର ମଦ ବିକ୍ରିକୁ ଅନ୍ୟୁନ ସାତଦିନ ପୂର୍ବରୁ ବନ୍ଦ ପାଇଁ ନିବେଦନ କରାଯିବାକୁ ଏହି ବୈଠକରେ ସ୍ଥିର ହୋଇଛି। ଏଥି ସହ ମୋନାର ସଦସ୍ୟ/ ସଦସ୍ୟାମାନେ ନିଶା କାରବାର ବନ୍ଦ ଇସ୍ତାହାର ନେଇ ଲଢୁଥିବା ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ନିବେଦନ କରାଯାଇଥିଲା । ସାଧାରଣ ସମ୍ପାଦିକା ମମତା ମହାପାତ୍ର ଗତ ବୈଠକର ବିବରଣୀ ପାଠ କରିବା ସହ ସରକାରୀ ହସପିଟାଲରେ ସରକାରୀ ସ୍ୱୀକୃତ 'ନିଶାନିବାରଣ କେନ୍ଦ୍ର' ଖୋଲାଯିବାକୁ ପ୍ରସ୍ତାବ ରଖିଥିଲେ । ଉପଦେଷ୍ଟା ସୁବ୍ରତ କର, ଡ.କ୍ଷିତୀଶ୍ୱର ଦାଶ, ଭୂପତିଭୂଷଣ ଦାସ, ସନାତନ ଦାସ, ବେଣୁଧର ସାହୁ, ଗୀତାଞ୍ଜଳି ସିଂହ, ପୂର୍ଣ୍ଣଚନ୍ଦ୍ର ବେହେରା, ରମେଶଚନ୍ଦ୍ର ଜେନା, ଅନନ୍ତ କୁମାର ସିଂହ, ଯୋଗେଶ ଚନ୍ଦ୍ର ପ୍ରଧାନ, ଡା. ତାରାକାନ୍ତ ନନ୍ଦ, ନିରଞ୍ଜନ ରାଉତ, ଶଶାଙ୍କ ଶେଖର ଦତ, ପ୍ରଫୁଲ କୁମାର ଦାସ, ସୀତାରାମ ପ୍ରଧାନ, ନିରଞ୍ଜନ ରାଉତ, ପ୍ରସନ୍ନ ପାଢ଼ୀ, କମଳାକାନ୍ତ ଦାଶ, ଗୟାଧର କର, ପଦ୍ମଲୋଚନ ମହାନ୍ତି, ନିରଞ୍ଜନ ପରିଡ଼ା, ଜ୍ଞାନରଞ୍ଜନ ମିଶ୍ର ଓ ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ବୀରେନ୍ଦ୍ର ନାରାୟଣ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଗାମୀ ପଂଚାୟତ ନିର୍ବାଚନରେ ପୋଲିସର ଫ୍ଲାଗମାର୍ଚ



ନୀଳଗିରି, ୧୧/୦୨ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ନୀଳଗିରି ପୋଲିସ ଦ୍ୱାରା ବିଭିନ୍ନ ସମ୍ବେଦନଶୀଳ ଅଂଚଳ ଚିହ୍ନଟ କରାଯାଇ ଫ୍ଲାଗମାର୍ଚ କରାଯାଇଛି। ନୀଳଗିରି ଥାନା ଅର୍ନ୍ତଗତ ରାଧାକିଶୋରପୁର, ନରସିଂହପୁର, କାଂଶ, ଧୋବଶିଳା, କାଣ୍ଡଗରଡ଼ି, ଈଶ୍ୱରପୁର, ଶ୍ୟାମସୁନ୍ଦରପୁର ପଂଚାୟତରେ ବିଭିନ୍ନ ସମ୍ବେଦନଶୀଳ ଅଂଚଳ ଚିହ୍ନଟ କରାଯାଇ ଫ୍ଲାଗମାର୍ଚ କରାଯାଇଛି । ନୀଳଗିରି ଥାନା ଆଇ.ଆଇ.ସି. ଦ୍ରୌପଦୀ ଦାସଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ଥାନାର କର୍ମଚାରୀମାନଙ୍କୁ ନେଇ ଏହି ଫ୍ଲାଗ ମାର୍ଚ କରାଯାଇଥିବା ସୂଚନା ମିଳିଛି । ଚୋରୀ, ଡକାୟତି ହିଂସାତ୍ମକ କାର୍ଯ୍ୟରୁ ନିବୃତ ରହିବାକୁ ଜନସାଧାରଣମାନଙ୍କୁ ସଚେତନ କରାଯାଇଛି ।

## 'ବାଲେଶ୍ୱର ସ୍କୁଲ ଅଫ ଇଂଜିନିୟରିଂ'ରେ କ୍ୟାମ୍ପସ ଚୟନ

ବାଲେଶ୍ୱର,୧୧/୦୨ (ନି.ପ୍ର): ଜିଲ୍ଲାର ଅନ୍ୟତମ ବୈଷୟିକ ଶିକ୍ଷାନୁଷ୍ଠାନ 'ବାଲେଶ୍ୱର ସ୍କୁଲ ଅଫ ଇଂଜିନିୟରିଂ'ରେ ଏକ କ୍ୟାମ୍ପସ ଚୟନ ପ୍ରକ୍ରିୟା ଟାଟା ପାୱାର ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଇଂ କରୁଣାକର ମହାଳିକ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚୟନ ପ୍ରକ୍ରିୟାରେ ୨୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନିୟମିତ ବ୍ୟବଧାନରେ ହେଉଥିବା କ୍ୟାମ୍ପସ ଚୟନରେ ବହୁ ଛାତ୍ରଛାତ୍ରୀ ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇପାରିଥିବା ଅଧ୍ୟକ୍ଷ ଇଂ ମହାଳିକ ସୂଚନା ଦେଇଥିଲେ। ଉପାଧ୍ୟକ୍ଷ ଇଂ ରଞ୍ଜନ କୁମାର ପତି ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ଲେସମେଣ୍ଟ ଅଫିସର ଇଂ ଜନ୍ମଜୟ ପଣ୍ଡା ଏଥିରେ ଯୋଗଦେଇ ଏହି ଅନୁଷ୍ଠାନରୁ ଅଦ୍ୟାବଧି ୨ହଜାରାରୁ ଅଧିକ ଛାତ୍ରଛାତ୍ରୀ ରାଜ୍ୟ ତଥା ରାଜ୍ୟ ବାହାରେ ଚାକିରୀ କରୁଥିବା କହିଥିଲେ। ୨୦୨୧-୨୨ରେ କଲେଜର ୧୫୨ ଜଣ ନିଯୁକ୍ତି ପାଇଥିବା ବେଳେ ଏହି କ୍ୟାମ୍ପସ ପାଇଁ ପୂର୍ବରୁ ୨୩ଜଣଙ୍କର ଅନଲାଇନରେ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବେଳେ ଆଜି ଲିଖିତ ପରୀକ୍ଷା ହେବ ବୋଲି ସେ ସୂଚନା ଦେଇଛନ୍ତି। ଟାଟା ପାୱାରର ମାନବ ସମ୍ବଳ ଅଧିକାରୀ ଦୀପଙ୍କର ନାୟକ, ମ୍ୟାନେଜର (ଏଚଆର) ମଧୁସ୍ମିତା ଷଡ଼ଙ୍ଗୀ, ପ୍ଲାନିଂ ମୁଖ୍ୟ ହରିଶ କୁମାର ଗୁପ୍ତା, ଇଲେକ୍ଟ୍ରିକାଲ ଏଜିଏମ ରତି ରଞ୍ଜନ ରାଉତ ପ୍ରମୁଖ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କରାଇବା ସହ ଚୟନ ପ୍ରକ୍ରିୟାକୁ ଆଗକୁ ନେଇଥିଲେ। କଲେଜର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଏହି କ୍ୟାମ୍ପସ ଚୟନ ପ୍ରକ୍ରିୟା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଚିଟ୍‌ପଣ୍ଡ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ ଏବଂ ତୁରନ୍ତ ଟଙ୍କା ଫେରସ୍ତ ପାଇଁ ଦାବି ପତ୍ର ପ୍ରଦାନ




ବାଲିଆପାଳ, ୧୧/୦୨ (ନି.ପ୍ର): ଆର୍ଥିକ ସଂସ୍ଥା ମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଂଚ ବାଲିଆପାଳ ଶାଖା ପକ୍ଷରୁ ଆଜି କ୍ଷତିଗ୍ରସ୍ତ ଜମାକାରୀଙ୍କୁ ତହସିଲ ଜରିଆରେ ଚିହ୍ନଟ ଓ ତୁରନ୍ତ ଟଙ୍କା ଫେରସ୍ତ ଦାବିରେ । ବାଲିଆପାଳ ତହସିଲଦାରଙ୍କ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ବରିଷ୍ଠ ଉପଦେଷ୍ଟା ଅରୁଣ ଜେନାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ଏହି ଦାବି ପତ୍ରରେ ୪ଟି ପ୍ରମୁଖ ଦାବି ଉପସ୍ଥାପିତ କରାଯାଇଛି । ସେ ଗୁଡିକ ହେଲା – କମିସନଙ୍କ ଦ୍ୱାରା ସୁପାରିସ ହୋଇଥିବା ଜମାକାରୀଙ୍କୁ ତୁରନ୍ତ ଜମାଟଙ୍କା ଫେରସ୍ତ ଦେବା, ଓଡିଶାର ସମସ୍ତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ତହସିଲ ଜରିଆରେ ଚିହ୍ନଟ କରିବା, ସାହାରା ଭଳି ଯେଉଁ ଅସାଧୁ ସଂସ୍ଥା ମାନେ ଜମାରାଶି ନେଇ ପରିପକ୍ୱତା ପରେ ବି ଟଙ୍କା ଫେରାଉନାହାନ୍ତି ସେହିସବୁ ଅସାଧୁ ସଂସ୍ଥା ମାଲିକଙ୍କ ବିରୋଧରେ ମକର୍ଦ୍ଦମା ରୁଜୁ କରି ଉଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବା, ଓଡିଶାର ଜମାକାରୀମାନଙ୍କୁ ଠକିଥିବା ପ୍ରତ୍ୟେକ ଅସାଧୁ କମ୍ପାନୀର ସ୍ଥାବର ଅସ୍ଥାବର ସମ୍ପତି ଜବଦ କରି ସମ୍ପତି ଖୋଲା ନିଲାମଗସ୍ତ ଜମାକାରୀଙ୍କୁ ଫେରସ୍ତ ଦେବା ଆଦି ଦାବି ଗୁଡିକ ଅନ୍ୟତମ । ଅରୁଣ ଜେନାଙ୍କ ନେତୃତ୍ୱରେ ଅନସ୍ୱକ୍ଷ କୁମାର ମହାପାତ୍ର, ଗୋପୀନାଥ ଗଙ୍ଗାଇ, ଅକ୍ଷୟ ଦାସ, ଦେବେନ୍ଦ୍ର ଦାସ, ଶରତ କୁମାର ପାତ୍ର, କାହ୍ନୁଚରଣ ପାତ୍ର, ସେକ ସମିରୁଦ୍ଦିନ ପ୍ରମୁଖ ତହସିଲଦାରଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ ।

# ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଦାବିରେ ସଦର ତହସିଲ ସମ୍ମୁଖରେ ବିକ୍ଷୋଭ

ବାଲେଶ୍ୱର,୧୧/୦୨ (ନି.ପ୍ର): ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କୁ ସେମାନଙ୍କ ଜମାରାଶି ଫେରସ୍ତ ଦାବିରେ ଜମାକାରୀ ମିଳିତ ମଞ୍ଚ ପକ୍ଷରୁ ରାଜ୍ୟବ୍ୟାପୀ ତହସିଲ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ପରିଲକ୍ଷିତ ହୋଇଛି। ସଦର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ 'ଜମାକାରୀ ଗଣ ସତ୍ୟାଗ୍ରହ'ରେ ଆର୍ଥିକ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚର ରାଜ୍ୟ ଆବାହକ ତଥା ସଭାପତି ଜୟନ୍ତ ଦାସ, ବାଲେଶ୍ୱର ତହସିଲ ସମ୍ମୁଖରେ ପ୍ରଦୀପ ସାମଲ, ହରେକୃଷ୍ଣ ଦାସ, ସନୀ ଖାନ, ଜମାଲ ଅହମ୍ମଦ ଖାନ, ମାନସ ରଞ୍ଜନ ବାରିକ, ବିକାଶ ରଞ୍ଜନ ଦାସ, ଆବିଦ ଖାନଙ୍କ ସମେତ ବହୁ ଜମାକାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ଟଙ୍କା ଫେରସ୍ତ ଫାର୍ସକୁ ତୀବ୍ର ସମାଲୋଚନା କରିଥିଲେ। ଟଙ୍କା ଫେରସ୍ତର ପ୍ରତିଶ୍ରୁତି ଦେଇ ମଧ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନଦେଇ ଏହି ଅର୍ଥକୁ ସରକାର ଚଳୁ କରିଦେଇଛନ୍ତି ବୋଲି ସେମାନେ ଆରୋପ ଉଠାଇଛନ୍ତି। ତଦନ୍ତ କମିଶନଙ୍କ ୭ ପର୍ଯ୍ୟାୟ ସୁପାରିସ କ୍ରମେ ତହସିଲ ଜରିଆରେ ଯାଞ୍ଚ ପରେ ସମସ୍ତଙ୍କୁ ଅର୍ଥ ଫେରାଇବା ପରିବର୍ତ୍ତେ ସରକାର କେବଳ କେତେକ କ୍ଷୁଦ୍ର ଜମାକାରୀଙ୍କୁ ୨୦୧୯ ନିର୍ବାଚନ ପୂର୍ବରୁ ଟଙ୍କା ଫେରାଇବା ଏକ ନାଟକ ଥିଲା ବୋଲି ମଞ୍ଚର ସଭାପତି ଶ୍ରୀ ଦାସ କହିଛନ୍ତି। ସରକାରୀ ଘୋଷଣା କ୍ରମେ କ୍ଷତିଗ୍ରସ୍ତ ଜମାକାରୀ ଖର୍ଚ୍ଚାନ୍ତ ହୋଇ କୋର୍ଟ'ଫି ଦେଇ ରେଜିଷ୍ଟ୍ରି ଡାକ ଯୋଗେ ସତ୍ୟପାଠ ପଠାଇଲେ, ତଦନ୍ତ କମିଶନ ୭ଟି ପର୍ଯ୍ୟାୟରେ ଆପାତତଃ ୫ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ସୁପାରିଶ କରିଥିଲେ। ମାତ୍ର ରାଜ୍ୟ ସରକାର ୨୦୧୯ ସାଧାରଣ ନିର୍ବାଚନ ପାରିହେବାକୁ ପ୍ରାୟ ୫ଲକ୍ଷ ଜମାକାରୀଙ୍କ ମଧ୍ୟରୁ ୨୫/୨୬ ହଜାର କ୍ଷୁଦ୍ର ଜମାକାରୀଙ୍କୁ ସ୍ୱଳ୍ପ ପରିମାଣର ଅର୍ଥ ଫେରାଇଛନ୍ତି। କମ୍ପାନୀମାନେ ଜମାକାରୀଙ୍କ ଅର୍ଥ ବିନିଯୋଗ କରିଥିବା ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି, ହଜାର ହଜାର ଏକର ମୂଲ୍ୟବାନ ଜମି, ଶହ ଶହ କୋଠା-ବାଡ଼ି, ଗାଡ଼ି-ଘୋଡ଼ା, ଟିଭି ସଂସ୍ଥା ସମେତ ବିଭିନ୍ନ ଶିକ୍ଷ ସଂସ୍ଥାକୁ ସରକାର ଜବତ ସହ ଏହାକୁ ବିକ୍ରି କରି ଅର୍ଥ ମଧ୍ୟ ମହଜୁଦ ରଖିଛନ୍ତି। ମାତ୍ର ଜମାକାରୀଙ୍କୁ ଅର୍ଥ ଫେରାଇବାକୁ କାହିଁକି ଇଚ୍ଛା ପ୍ରକାଶ କହୁ ନାହାନ୍ତି ବୋଲି ମଞ୍ଚର କର୍ମକର୍ତ୍ତାମାନେ ପ୍ରଶ୍ନ କରିଛନ୍ତି। ସମସ୍ତ ଜମାକାରୀଙ୍କୁ ସେମାନଙ୍କ ଜମାର ପରିପକ୍ୱ ରାଶି ସରକାର ଫେରସ୍ତ ନ କରିବା ପର୍ଯ୍ୟନ୍ତ ଏହି ଗଣସତ୍ୟାଗ୍ରହ ଜାରି ରହିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ : ଜେକେସିସି ବିଜୟୀ



ବାରିପଦା, ୧୧/୦୨ (ନି.ପ୍ର): ବାରିପଦା ଷ୍ଟାଡିୟମରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଆୟୋଜିତ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗର ଆଜିର ମ୍ୟାଚରେ ଜେକେସିସି କ୍ଲବ, ବିଜେଏମସିସି କ୍ଲବକୁ ୨୯ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଜେକେସିସି ଦଳ ୩୦ ଓଭରରେ ୭ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ପ୍ରିତମ ବେହେରା ୬୦ ରନ ଓ ସତ୍ୟମ ଦାସ୨୧ ରନ କରିଥିବାବେଳେ ବିପକ୍ଷ ଦଳର ପରମେଶ୍ୱର ବେହେରା ୩ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ବିଜେଏମସିସି ଦଳ ୨୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୬୦ ରନ କରିପାରିଥିଲେ । ଦଳ ପକ୍ଷରୁ ବାସ୍ତବ ମହାନ୍ତ ୭୩ ରନ କରିଥିବା ବେଳେ ବିପକ୍ଷ ଦଳର କିଶୋର ପଲେଇ ଓ ସାମନ୍ତ ଶେଖର ପାଲ ୩ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ସାମନ୍ତ ଶେଖର ପାଲ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଆଜିର ଖେଳକୁ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସମ୍ପିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ। ଏମ ପି ସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶୁଭଙ୍କର ସାହୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ରିକେଟ ସହ ସମ୍ପାଦକ ପ୍ରସଂଜିତ ମହାନ୍ତି, ସହ ସମ୍ପାଦକ ଅଶୋକ ପଟ୍ଟନାୟକ ଓ ବୈଦ୍ୟନାଥ ରଥ ଉପସ୍ଥିତ ଥିଲେ । ଆସନ୍ତା କାଲି ଡିଆରକେ (ଏ) ଓ ମା (ଗ୍ରୀନ) ମଧ୍ୟରେ ଖେଳ ହେବ ବୋଲି କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଜଣାଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo